

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୫ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 25 NOVEMBER 2022
Vol.No. 33 ■ No. 306 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### ମୁଖ୍ୟ ନିର୍ବାଚନ କମିଶନ ନିଯୁକ୍ତି ବିବାଦ

# ସୁପ୍ରିମକୋର୍ଟଙ୍କୁ କେନ୍ଦ୍ରର ଜବାବ, ନ୍ୟାୟପାଳିକା କରିପାରିବେନି ହସ୍ତକ୍ଷେପ



ନୂଆଦିଲ୍ଲୀ, ୨୪/୧୧ : ଦେଶର ମୁଖ୍ୟ ନିର୍ବାଚନ କମିଶନ ଓ ନିର୍ବାଚନ କମିଶନ ନିଯୁକ୍ତିକୁ ନେଇ ମୁହାଁମୁହିଁ ପରିସ୍ଥିତିରେ ସରକାର ଏବଂ ସୁପ୍ରିମକୋର୍ଟ । ନିର୍ବାଚନ କମିଶନ ନିଯୁକ୍ତି ପ୍ରକିୟା ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇବା ପରେ ଏହାର କଡ଼ା ଜବାବ ରଖିଛନ୍ତି କେନ୍ଦ୍ର ସରକାର । ସମ୍ବିଧାନର ନିୟମ ଅନୁସାରେ ସ୍ୱଚ୍ଛ ପ୍ରକ୍ରିୟାରେ ସିଇସି ଓ ଇସି ନିଯୁକ୍ତ କରାଯାଉଛି ବୋଲି ସରକାରଙ୍କ ପକ୍ଷରୁ ଗୁରୁବାର ଅଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣି ସୁପ୍ରିମକୋର୍ଟର ଖଣ୍ଡପୀଠକୁ ଜଣାଇଛନ୍ତି । ନିଯୁକ୍ତି ପ୍ରକ୍ରିୟାରେ ନ୍ୟାୟପାଳିକା ହସ୍ତକ୍ଷେପ କରିବା ଆବଶ୍ୟକ ନାହିଁ । ଏଥିରେ ହସ୍ତକ୍ଷେପ କରିବା ପ୍ରତାରଣା ସହ ସମାନ । ଏହା ସମ୍ବିଧାନ ପାଓ୍ୱାର ବଂଟନର ଉଲଙ୍ଘନ ବୋଲି ଭେଙ୍କଟ ରମଣ ଜବାବରେ କହିଛନ୍ତି । ଏଭଳି ଜବାବ ଦେବା ସହ ଆଟର୍ଣ୍ଣି ଜେନେରାଲ କହିଛନ୍ତି, ଯଦି କୌଣସି ଅଯୋଗ୍ୟ ବ୍ୟକ୍ତି ସିଇସି ନିଯୁକ୍ତ ହେଉଛନ୍ତି ତେବେ ସୁପ୍ରିମକୋର୍ଟ ଏହାକୁ ରଦ୍ଦ କରିପାରିବେ । ହେଲେ ନିର୍ବାଚନ କମିଶନ ଚୟନ ପ୍ରକ୍ରିୟାରେ ହସ୍ତକ୍ଷେପ କରିବା ଉଚିତ ନୁହେଁ । ସୁପ୍ରିମକୋର୍ଟର ୫ ଜଣ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ୪ ଦିନର ମାରାଥନ ଶୁଣାଣି ପରେ ଗୁରୁବାର କହିଛନ୍ତି, ଗୋଟିଏ ଦିନର ପ୍ରକ୍ରିୟା, ଗୋଟିଏ ଦିନରେ ମଞ୍ଜୁରୀ, ଗୋଟିଏ ଦିନରେ ଦରଖାସ୍ତ ଏବଂ ସମାନ ଦିନରେ ମୁଖ୍ୟ ନିର୍ବାଚନ କମିଶନ ନିଯୁକ୍ତ କରାଯାଉଛି । ନିଯୁକ୍ତିର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ୨୪ ଘଂଟା ବି ଲାଗୁନି ବୋଲି କ୍ଷୋଭ ପ୍ରକାଶ କରିଥିଲେ ସୁପ୍ରିମକୋର୍ଟ । ବିଜୁଳି ବେଗରେ ସିଇସି ନିଯୁକ୍ତ କରାଯାଉଛି । କେଉଁ ଆଧାରରେ ଆଇନ ମନ୍ତ୍ରୀ ୪ ଜଣଙ୍କ ନାମ ଚୟନ କରୁଛନ୍ତି ଏବଂ ପ୍ରଧାନମନ୍ତ୍ରୀ ସେମାନଙ୍କ ମଧ୍ୟରୁ ସବୁଠୁ କନିଷ୍ଠଙ୍କୁ ସିଇସି ଭାବେ ବାଛୁଛନ୍ତି । ସେହି ୪ ଜଣ ଅଧିକାରୀ ଖାଲି ହଁ ମାରୁଥିବା ବ୍ୟକ୍ତି କି ବୋଲି ପ୍ରଶ୍ନ କରିଛନ୍ତି ବିଚାରପତି ଜଷ୍ଟିସ୍ ରାସ୍ତୋଗୀ । ନିର୍ବାଚନ ଆୟୋଗଙ୍କୁ ରାଜନୈତିକ ଚାପରୁ ମୁକ୍ତ ରଖିବା ପାଇଁ ହୋଇଥିବା ପିଟିସନର ଶୁଣାଣି କରିଥିଲେ ସୁପ୍ରିମକୋର୍ଟ । ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଥିଲେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ପଦକ୍ଷେପ ନେବା ପାଇଁ ସିଇସିଙ୍କ ପାଖରେ ଯଦି କ୍ଷମତା ନଥିବ, ତେବେ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡି ପଡିବ ।

## ପଞ୍ଜାବ ଜଳନ୍ଧରରେ ଯୁବକଙ୍କୁ ଗଣଦୁଷ୍କର୍ମ ଅଭିଯୋଗ

ନୂଆଦିଲ୍ଲୀ, ୨୪/୧୧ : ପଞ୍ଜାବର ଜଳନ୍ଧରର ଜଣେ ଯୁବକଙ୍କ ଅଭିଯୋଗ ଏବେ ହଇଚଇ ଖେଳାଇ ଦେଇଛି । ସମ୍ପୃକ୍ତ ଯୁବକ ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ୪ ଜଣ ଯୁବତୀ ଗଣଦୁଷ୍କର୍ମ କରିଛନ୍ତି । ପ୍ରଥମେ ଅପହରଣ ଓ ପରେ ତାଙ୍କୁ ଗଣଦୁଷ୍କର୍ମ କରିଥିବା ଅଭିଯୋଗ କରିଛନ୍ତି । ରାତିରେ ଯେତେବେଳେ ସହର ଶୋଇଥିଲା, ସେତେବେଳେ ଏଭଳି ଜଘନ୍ୟ କାଣ୍ଡ ଘଟାଇଥିଲେ ୪ ଯୁବତୀ । ଯୁବକଙ୍କ ଅଭିଯୋଗ ଅନୁସାରେ ସୋମବାର ଚମଡ଼ା କାରଖାନାରେ ନିଜ କାମରୁ ଫେରୁଥିବା ବେଳେ ତାଙ୍କ ପାଖରେ ଗୋଟିଏ କାର ଆସି ଅଟକିଥିଲା । ଏଥିରେ ୨୦ରୁ ୨୨ ବର୍ଷର ୪ ଜଣ ଯୁବତୀ ବସିଥିଲେ । ସେମାନେ କାରରୁ ଓହ୍ଲାଇ ଗୋଟିଏ କାଗଜ ଦେଖାଇ ଠିକଣା ପଚାରିଥିଲେ । ଆଉ ଯେତେବେଳେ ସେ କାଗଜ ନେଇ କିଛି କହିବାକୁ ଯାଉଥିଲେ, ସେତେବେଳେ ତାଙ୍କ ଆଖିରେ କିଛି ରସାୟନିକ ଦ୍ରବ୍ୟ ସ୍ପ୍ରେ କରିଥିଲେ, ଫଳରେ ସେ ଅଚେତ ହୋଇପଡ଼ିଥିଲେ । ହୋସ୍ ଆସିଲାବେଳକୁ ତାଙ୍କ ଗୋଡ଼ହାତ ବନ୍ଧାଯାଇଥିଲା, ଆଉ ସେ କେଉଁ ଦୂର ଜାଗାରେ ଜଙ୍ଗଲିଆ ଜାଗାରେ ଥିଲେ । ଯୁବତୀମାନେ ନିଜେ ମଦ ପିଇଥିଲେ ଓ ତାଙ୍କୁ ନିଶା ନେବାକୁ ବାଧ କରିଥିଲେ, ଆଉ ତାପରେ ତାଙ୍କୁ ଜଣକ ପରେ ଜଣେ ଦୁଷ୍କର୍ମ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ଏଭଳି ଚାଞ୍ଚଲ୍ୟକର ଅଭିଯୋଗ ଆଣିଥିବା ଯୁବକ ଜଣକ ଥାନାରେ ଅଭିଯୋଗ କରିନାହାନ୍ତି । ସେ କହିଛନ୍ତି ଯେ, ସେ ଘରକୁ ଫେରିବା ପରେ ଏନେଇ ନିଜ ପତ୍ନୀଙ୍କୁ ଜଣାଇଥିଲେ । ହେଲେ ଥାନାରେ ଅଭିଯୋଗ କରିବାକୁ ତାଙ୍କୁ ପତ୍ନୀ ମନା କରିଥିଲେ । ତେବେ ଭାରତୀୟ ଆଇନରେ ପୁରୁଷଙ୍କୁ ଦୁଷ୍କର୍ମ ନେଇ ସେମିତି କିଛି ଧାରା ନାହିଁ, ଯାହାକୁ ବ୍ୟବହାର କରି ଦୋଷୀଙ୍କୁ ଦଣ୍ଡ ଦିଆଯାଇ ପାରିବ । ଜଣେ ପୁରୁଷକୁ ଗଣଦୁଷ୍କର୍ମର ଏହି ଖବର ସାରା ଦେଶରେ ହଇଚଇ ଖେଳାଇ ଦେଇଛି । ଜଳନ୍ଧର ପୁଲିସ ମିଡିଆ ରିପୋର୍ଟ ଆଧାରରେ ନିଜ ଆଡୁ ତଦନ୍ତ ଆରମ୍ଭ କରିଛି ।

## ଅର୍ଚ୍ଚନା ନାଗ ପ୍ରସଙ୍ଗରେ ବିରୋଧୀଙ୍କ ହଙ୍ଗାମା



ଭୁବନେଶ୍ୱର, ୨୪/୧୧ (ନି.ପ୍ର): ଆଜିଠାରୁ ଆରମ୍ଭ ହୋଇଛି ବିଧାନସଭାର ଶୀତ ଅଧିବେଶନ । ଦିବଙ୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଆରମ୍ଭ ହୋଇଥିଲା ବିଧାନସଭା । ଆଉ ଫାଷ୍ଟ ଡେ ଫାଷ୍ଟ ସୋରେ ଗୃହକୁ ଚଲାଇ ନଦେବାକୁ ବିରୋଧୀ କରିଥିଲେ ଜବରଦସ୍ତ ପ୍ରୟାସ । ସନ୍ଧ୍ୟା ୫ଟାରେ ଗୃହ ଆରମ୍ଭ ହେବାମାତ୍ରେ ଅର୍ଚ୍ଚନା ନାଗ ପ୍ରସଙ୍ଗରେ କମ୍ପିଥିଲା ବିଧାନସଭା । ଉଭୟ ବିଜେପି ଓ କଂଗ୍ରେସ ସଦସ୍ୟ ଗୃହର ମଧ୍ୟ ଭାଗରେ ପହଞ୍ଚି କରିଥିଲେ ହଙ୍ଗାମା । ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିବାକୁ ବି ପଛାଇ ନଥିଲେ ବିରୋଧୀ । ବିଧାନସଭା ଶୀତ ଅଧିବେଶନର ପ୍ରଥମ ଦିନରେ ଗୃହକୁ ଆସିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଫଳରେ ନବୀନଙ୍କ ଆସିବାକୁ ନେଇ ବିରୋଧୀ ଯେଉଁ ଆଶଙ୍କା ପ୍ରକାଶ କରୁଥିଲେ ତାର ଅନ୍ତ ଘଟିଛି । ପ୍ରଥମ ଦିନରେ ଦିବଙ୍ଗୀତ ବିଧାୟକଙ୍କ ପ୍ରତି ଶୋକ ପ୍ରସ୍ତାବ ଆଗତ କରିଥିଲେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ । ଆଉ ଶୋକ ପ୍ରସ୍ତାବକୁ ସମର୍ଥନ କରିଥିଲେ ବିଜେପି, କଂଗ୍ରେସ । ଅମର ଆତ୍ମାର ସଦଗତି କାମନା କରି ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ଗୃହକୁ ୫ ଯାଏଁ ମୁଲତବୀ ଘୋଷଣା କରାଯାଇଥିଲା । ୫ଟାରେ ଗୃହ ଆରମ୍ଭ ହେବାମାତ୍ରେ ଅର୍ଚ୍ଚନା ନାଗ ପ୍ରସଙ୍ଗରେ କମ୍ପିଥିଲା ବିଧାନସଭା । ଉଭୟ ବିଜେପି ଓ କଂଗ୍ରେସର ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ସରକାରଙ୍କ ଉପରେ ବର୍ଷିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ବି ଟାର୍ଗେଟ କରିଥିଲେ । ବିଜେପି ବାଚସ୍ପତିଙ୍କ ରୁଲିଂ ମାଗିଥିଲା । ନରସିଂହ ମିଶ୍ର କହିଥିଲେ ପୁଲିସ ଯାହାକୁ ଛାଡିଦେଇଥିଲା ଇଡି ବାନ୍ଧିଛି । ▶▶ପୃଷ୍ଠା ୭

## ଶ୍ରଦ୍ଧା ହତ୍ୟାକାଣ୍ଡରେ ଗୃହମନ୍ତ୍ରୀଙ୍କ ପ୍ରତିକ୍ରିୟା

ନୂଆଦିଲ୍ଲୀ, ୨୪/୧୧ : ଶ୍ରଦ୍ଧା ଓ୍ୱାଲକର ହତ୍ୟା ମାମଲାରେ ଗୁରୁବାର ମାଷ୍ଟରମାଇଣ୍ଡ ଅଫତାବର ହୋଇଛି ପଲିଗ୍ରାଫ ଟେଷ୍ଟ । ସୋମବାର ସକାଳୁ ଅପରାଧୀ ଅଫତାବକୁ ନେଇ ଦିଲ୍ଲୀ ପୁଲିସ ରୋହିଣୀ ଏଫଏସଏଲ ସେଂଟରରେ ପହଁଚିଥିଲା । କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ଅଫତାବକୁ ପଲିଗ୍ରାଫ ଟେଷ୍ଟ ପାଇଁ ଅଣାଯାଇଥିଲା । ବୁଧବାର ଟେଷ୍ଟ ପାଇଁ ଯୋଜନା କରାଯାଇଥିଲେ ବି ଅସୁସ୍ଥତାକୁ ଯୋଗୁଁ ଅଫତାବର ପଲିଗ୍ରାଫ ଟେଷ୍ଟ ହୋଇପାରିନଥିଲା । ଜ୍ୱର ଓ ଥଣ୍ଡା ହୋଇଥିବା ଯୋଗୁଁ ଅଫତାବ ପଲିଗ୍ରାଫ ଟେଷ୍ଟ ହୋଇପାରିନଥିବା ଏଫଏସଏଲ ବିଶେଷଜ୍ଞମାନେ କହିଥିଲେ । ସେପଟେ ହତ୍ୟା ମାମଲା ସାମ୍ନାକୁ ଆସିବା ପରେ ଦିଲ୍ଲୀ ପୁଲିସ ଅଫତାବକୁ ଘନ ଘନ ଜେରା କରୁଛି । ପୁଲିସ କହିଛି ଅପରାଧୀର ବୟାନରେ ତାଳମେଳ ଖାଉନି । ଅଫତାବ ଜେରାରେ ସହଯୋଗ କରୁନି । ତେଣୁ ଦିଲ୍ଲୀ ସାକେତ କୋର୍ଟରେ ଅଫତାବର ରିମାଣ୍ଡ ଅବଧି ବୃଦ୍ଧି, ନାର୍କୋ ଏବଂ ପଲିଗ୍ରାଫ ଟେଷ୍ଟ ପାଇଁ ଅନୁମତି ମାଗିଥିଲା ଦିଲ୍ଲୀ ପୁଲିସ । ଅନୁମତି ମିଳିବା ପରେ ଟେଷ୍ଟ ପ୍ରକିୟା ଆରମ୍ଭ ହୋଇଛି । ସେପଟେ ଅଫତାବର ବୟାନ ଆଧାରରେ ଦିଲ୍ଲୀ ଓ ମୁମ୍ବାଇ ପୁଲିସର ମିଳିତ ଟିମ ଦିଲ୍ଲୀ, ମୁମ୍ବାଇ, ହରିଆଣା, ହିମାଚଳ, ଉତରାଖଣ୍ଡରେ ଜୋରଦାର ଯାଂଚ କରୁଛି । ଏଥିପାଇଁ ମୋଟ ୧୪ଟିମ ଗଠନ କରାଯାଇଛି । ଜେରା ସମୟରେ ଅଫତାବ ହତ୍ୟା ମାମଲାକୁ ନେଇ ଗୋଟେ ପଟେ ଗୋଟେ ଚାଂଚଲ୍ୟକର ଖୁଲାସା କରୁଛି । ଶ୍ରଦ୍ଧାଙ୍କ ସହ କେମିତି ତାର ସମ୍ପର୍କ ଯୋଡି ହୋଇଥିଲା ? ମେ ୧୮ରେ କାହିଁକି ଓ କେମତି ହତ୍ୟା କରିଥିଲା ? ହତ୍ୟା ପରେ କିଭଳି ଶ୍ରଦ୍ଧାଙ୍କୁ ଶବକୁ ଖଣ୍ଡଖଣ୍ଡ କାଟି ଏତେତେଣେ ଫିଙ୍ଗିଥିଲା ? ଏହି ସବୁ କଥାର ଖୁଲାସା କରୁଛି ଅଫତାବ ।

## ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ଦାବିରେ ଟିଟିଲାଗଡ଼ ଓ କଂଟାବାଞ୍ଜିରେ ୧୨ ଘଂଟିଆ ବନ୍ଦ ଡାକରା



ଭୁବନେଶ୍ୱର, ୨୪/୧୧ (ନି.ପ୍ର): ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ଦାବିରେ ଟିଟିଲାଗଡ଼ ଓ କଂଟାବାଞ୍ଜିରେ ୧୨ ଘଂଟିଆ ବନ୍ଦ ପାଳନ । କଂଟାବାଞ୍ଜିରେ ସଂଘର୍ଷ ସମିତିର ଡାକରାରେ ଏହି ବନ୍ଦ ପାଳନ କରାଯାଉଛି । ବନ୍ଦରେ ସାମିଲ ଅଛି ଦୋକାନ, ବଜାର, ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ତହସିଲ, ଟ୍ରେଜେରୀ । ତେବେ ବନ୍ଦ ବେଳେ ଗାଡ଼ି ଚଳାଚଳ ସ୍ୱାଭାବିକ ରହିଛି । ଏହି ବନ୍ଦକୁ ସମର୍ଥନ କରିଛନ୍ତି ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ ସହ ଅନେକ ସ୍ୱେଚ୍ଛାସେବୀ, ସାମାଜିକ ଅନୁଷ୍ଠାନ । ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପୋଲିସ୍ ଫୋର୍ସ ମୁତୟନ କରାଯାଇଛି । ସେପଟେ ଟିଟିଲାଗଡ଼କୁ ସ୍ୱତନ୍ତ୍ର ଜିଲ୍ଲା ଦାବିରେ କ୍ରିୟାନୁଷ୍ଠାନ କମିଟି ବନ୍ଦ ଡାକରା ଦେଇଛି । ସମର୍ଥନରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିଛି । ୧୯୯୨ ମସିହାରୁ ଟିଟିଲାଗଡ଼କୁ ଜିଲ୍ଲା ମାନ୍ୟତା ଦାବି କରାଯାଇଆସୁଛି । କିନ୍ତୁ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି । ତେଣୁ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି । ସେପଟେ ସଇଁତଳା ବ୍ଲକକୁ ଉପଖଣ୍ଡ ମାନ୍ୟତା ଦାବିରେ ୧୨ ଘଂଟିଆ ବନ୍ଦ ଡାକରା ଦିଆଯାଇଛି । ଏହାକୁ ବିକାଶ ପରିଷଦ ଓ ବଣିକ ସଂଘ ସମର୍ଥନ କରିଥିବା ବେଳେ ବିଭିନ୍ନ ସଂଗଠନ ଏହାକୁ ସମର୍ଥନ କରିଛନ୍ତି ।

## ସେନା ବିରୋଧୀ ବୟାନ ଦେଲେ ରିଚା ଚଡ୍ଡା



ନୂଆଦିଲ୍ଲୀ, ୨୪/୧୧ : ଯେଉଁ ସମୟରେ ଅଭିନେତ୍ରୀ ରିଚା ଚଡ୍ଡା ନିଜ ଟୁଇଟର ପେଜରେ ଏହି ଟୁଇଟ କରିଥିବେ ସେ ହୁଏତ ଭାବିନଥିବେ କି ଆଗକୁ ଏହା କେତେ ବଡ ବିବାଦ ହୋଇ ଛିଡା ହେବ । ନିକଟରେ ରିଚାଙ୍କ ଟୁଇଟର ପେଜରେ ଦେଖିବାକୁ ମିଳିଥିଲା ଗଲଓ୍ୱାନ ସେଜ୍ ହାଏ ଅର୍ଥାତ ଗଲଓ୍ୱାନ କହୁଛି ନମସ୍କାର । ଏହି ତିନୋଟି ଶବ୍ଦର ଟୁଇଟ ଯେ ବିବାଦର ବିସ୍ଫୋରଣ କରିବ ସେକଥା ରିଚାଙ୍କୁ ଟିକେ ବି ଅନ୍ଦାଜ ନଥିବ । ଭାରତୀୟ ସେନାର ବରିଷ୍ଠ ଅଧିକାରୀ ଲେଫ୍ଟନାଂଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ଏକ ବୟାନ ଉପରେ ରିଚା ଏହି ରି-ଟୁଇଟ କରିଥିଲେ । ସେନାଧିକାରୀ କହିଥିଲେ ପାକିସ୍ତାନଠୁ ପିଓକେକୁ ସମ୍ପୂର୍ଣ୍ଣ ଭାବେ ନେବାକୁ ଭାରତ ସମର୍ଥ । ଅପେକ୍ଷା କେବଳ ନିର୍ଦ୍ଦେଶକୁ ରହିଛି । ଖୁବ ଶିଘ୍ର ଅପରେସନ ସଫଳତାର ସହ ପୂରା ହେବ । ରିଚାଙ୍କ ଏହି ବୟାନକୁ ସହଜରେ ଗ୍ରହଣ କରିପାରିନି ବିଜେପି । ଦଳ କହିଛି ଶସ୍ତା ଲୋକପ୍ରିୟ ଓ ଖବରରେ ଆସିବା ପାଇଁ ନାୟିକା ସେନାର ଅପମାନ କରିବାକୁ ପଛଉ ନାହାନ୍ତି । ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବା ଜରୁରୀ । ଦେଶର ଓ ସେନାକୁ କ୍ଷମା ମାଗିବା ପାଇଁ ବିଭିନ୍ନ ଦଳ ଦାବି କରିଛନ୍ତି । ତେବେ ବୟାନକୁ ନେଇ ବିବାଦ ବଢୁଥିବା ଦେଖି ରିଚା ସେହି ଟୁଇଟକୁ ନିଜ ଟୁଇଟର ପେଜରୁ ହଟାଇଛନ୍ତି । ୨୦୨୦ ମସିହାରେ ଭାରତ ଓ ଚୀନ ମଧ୍ୟରେ ହୋଇଥିବା ଗଲଓ୍ୱାନ ହିଂସାରେ ୨୦ଜଣ ଭାରତୀୟ ଯବାନ ସହିଦ ହୋଇଥିଲେ । ରିଚାଙ୍କ ଏଭଳି ବୟାନ ସେନା ଓ ସହିଦ ଯବାନଙ୍କ ପ୍ରତି ଅପମାନ ବୋଲି ବିଜେପି କହିଛି ।

## ପାକିସ୍ତାନ ନୂଆ ସେନାମୁଖ୍ୟ ହେଲେ ଲେଫ୍ଟନାଣ୍ଟ ଅସିମ ମୁନିର



ନୂଆଦିଲ୍ଲୀ, ୨୪/୧୧ : ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଏବଂ ଏବେର ପ୍ରଧାନମନ୍ତ୍ରୀ ସେହେବାଜ ସରିଫଙ୍କ ମଧ୍ୟରେ ବିବାଦ ବଢୁଥିବା ବେଳେ ନୂଆ ସେନା ମୁଖ୍ୟ ନିଯୁକ୍ତ କରିଛି ପାକିସ୍ତାନ । ଲେଫ୍ଟେନାଂଟ ଜେନେରାଲ ଅସିମ ମୁନିରଙ୍କୁ ୧୭ ତମ ଆର୍ମି ମୁଖ୍ୟ ନିଯୁକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ସେହେବାଜ ସରିଫ । ମୁନିର ପାକିସ୍ତାନର ଗୁଇନ୍ଦା ବିଭାଗର ମୁଖ୍ୟ ପଦବୀରେ ରହିଥିଲେ । ମୁନିର ୨୦୧୯ରେ ହୋଇଥିବା ପୁଲଓ୍ୱାମା ଆକ୍ରମଣ ନକ୍ସା ପ୍ରସୁତ କରିଥିଲେ । ଯେଉଁ ଆକ୍ରମଣରେ ଭାରତର ୪୦ ଜଣ ସିଆରପିଏଫ୍ ଯବାନ ପ୍ରାଣ ହରାଇଥିଲେ । ତେବେ ଆସନ୍ତା ନଭେମ୍ବର ୨୯ ତାରିଖରେ ବର୍ତମାନର ଆର୍ମି ମୁଖ୍ୟ କ୍ୱାମର ଜାଭେଦ ବାଜଓ୍ୱାଙ୍କ ଅବସର ନେବାର ଅଛି । ତାଙ୍କର ୬ ବର୍ଷର କାର୍ଯ୍ୟକାଳ ପରେ ପାକିସ୍ତାନ ନୂଆ ସେନା ମୁଖ୍ୟ ନିଯୁକ୍ତ କରିଛି । ନିକଟରେ ଇମ୍ରାନ ଖାନଙ୍କୁ ଗୁଳିମାଡ ଘଟଣାରେ ପାକିସ୍ତାନ ସେନାର ହାତ ଥିବା କହିଥିଲେ ଇମ୍ରାନ । ଯାହାକୁ ନେଇ ପାକିସ୍ତାନ ଆର୍ମି ଏବଂ ଇମ୍ରାନଙ୍କ ▶▶ପୃଷ୍ଠା ୭

## ଇଡିରେ ହାଜର ହେଲେ ଗାଡ଼ି ସୋରୁମର ମାଲିକ

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗ ମାମଲାରେ ଆଜି ବ୍ୟବସାୟୀ ଗଙ୍ଗାଧର ସାମଲ ଇଡିରେ ହାଜର ହୋଇଥିବା ଜଣାଯାଇଛି । ଗଙ୍ଗାଧର ସାମଲ ଲାଣ୍ଡ ରୋଭର୍ ଗାଡ଼ି ସୋରୁମର ମାଲିକ ବୋଲି ଜଣା ପଡିଛି । ସେ ଢେଙ୍କାନାଳ ବିଧାୟକ ସୁଧୀର ସାମଲଙ୍କ ଭାଇ ବୋଲି ମଧ୍ୟ ଜଣା ପଡିଛି । ଉଲ୍ଲେଖନୀୟ ଯେ ଗତକାଲି ଇଡି ବ୍ୟବସାୟୀ ଅମୀୟକାନ୍ତ ଦାସଙ୍କୁ ଏବଂ ଫିଲ୍ମ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ଜେରା କରିଥିବା ବେଳେ ଆଜି ପୁଣି ଅକ୍ଷୟଙ୍କୁ ଜେରା କରିଥିଲା ।

## ବିଧାନସଭାରେ ଉପସ୍ଥାପିତ ହେଲା ଅତିରିକ୍ତ ବଜେଟ୍



ଭୁବନେଶ୍ୱର, ୨୪/୧୧ (ନି.ପ୍ର): ବିରୋଧୀଙ୍କ ହଟ୍ଟଗୋଳ ଭିତରେ ଆଜି ବିଧାନସଭା ଶୀତ ଅଧିବେଶନରେ ଉପସ୍ଥାପିତ ହୋଇଛି ୨୦୨୨-୨୩ ଆର୍ଥିକ ବର୍ଷର ଅତିରିକ୍ତ ବଜେଟ୍ । ତେବେ ଏଥିପାଇଁ ମୋଟ୍ ୧୬ ହଜାର ୮ ଶହ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଯେଉଁଥିରେ ପ୍ରଶାସିକ ବ୍ୟୟବରାଦ ୪୯୩୪ କୋଟି ରହିଥିବାବେଳେ, କ୍ରାର୍ଯ୍ୟକ୍ରମ ବ୍ୟୟବରାଦ ୯୨୦୦ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ବାବଦକୁ ୨୬୧୦ କୋଟି ଓ ରାଜ୍ୟ ବଜେଟରୁ ସ୍ଥାନାନ୍ତର ବାବଦକୁ ୫୫.୫୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ତେବେ ଅତିରିକ୍ତ ବଜେଟରେ କ୍ରାର୍ଯ୍ୟକ୍ରମ ବ୍ୟୟ ନିମନ୍ତେ ବ୍ୟୟବରାଦ ହୋଇଥିବା ୯୨୦୦ କୋଟିରୁ ୨୦୬୬ କୋଟି ଟଙ୍କା ସହବନ୍ଧିତ ସମ୍ବଳ ସୂତ୍ରରୁ ଓ ୭୧୩୪ କୋଟି ଟଙ୍କା ଅତିରିକ୍ତ ରାଜସ୍ୱ ତଥା ଅର୍ଥ ସମର୍ପଣ ଦ୍ୱାରା ଭରଣା କରାଯିବ ବୋଲି ସୂଚନା ମିଳିଛି । ଅତିରିକ୍ତ ବଜେଟରେ ପ୍ରଶାସନିକ ବ୍ୟୟ କ୍ଷେତ୍ରରେ ମୋଟ ୪୯୩୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସେହିପରି ରାଜ୍ୟ ବିପର୍ଯ୍ୟୟ ସଙ୍କଟ ପରିଚାଳନା ପାଣ୍ଠିର ଥିବା ବଳକା ଅର୍ଥ ବାବଦକୁ ▶▶ପୃଷ୍ଠା ୭

## ୩୦ରେ କୋର୍ଟରେ ହାଜର ହେବେ ଅର୍ଚ୍ଚନା ନାଗ ଓ ସ୍ୱାମୀ ଜଗବନ୍ଧୁ

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ଲେଡ଼ି ବ୍ଲକମେଲର ଅର୍ଚ୍ଚନା ନାଗ ଓ ତାଙ୍କର ସ୍ୱାମୀ ଜଗବନ୍ଧୁ ଚାନ୍ଦ ଚଳିତ ମାସ ୩୦ ତାରିଖରେ ଭୁବନେଶ୍ୱର ଜିଲ୍ଲା ଓ ଦୌରା ଜଜ୍ଙ୍କ କୋର୍ଟରେ ହାଜର ହେବେ । ପ୍ରବର୍ତ୍ତନ ନିର୍ଦ୍ଦେଶ (ଇଡି) ଦେଇଥିବା ପ୍ରଡକ୍ସନ ପିଟିସନକୁ ଗ୍ରହଣ କଲେ କୋର୍ଟ । କୋର୍ଟରେ ହାଜର ହେବା ପରେ ଉଭୟଙ୍କୁ ରିମାଣ୍ଡରେ ଆଣିବା ପାଇଁ ଇଡି ଆବେଦନ କରିବ । ଅନ୍ୟପଟରେ ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ସରିବା ପରେ ଖଗେଶ୍ୱର ପାତ୍ର ପ୍ରତିକ୍ରିୟା ଦେଇଛନ୍ତି । ତୃତୀୟ ପର୍ଯ୍ୟାୟ ରିମାଣ୍ଡ ପାଇଁ ଆବେଦନ ଖାରଜ ପରେ ଖଗେଶ୍ୱର ପାତ୍ର ବିଚାର ବିଭାଗୀୟ ହାଜତକୁ ଯାଇଛନ୍ତି । ଖଗେଶ୍ୱର କୋର୍ଟରୁ ବାହାରକୁ ବାହାରିବା ସମୟରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ, ମୁଁ ନିର୍ଦ୍ଦୋଷ । କାହାଠାରୁ ୫ ଟଙ୍କାଟିଏ ଆଣିନି । ଶ୍ରଦ୍ଧାଞ୍ଜଳି ବେହେରାକୁ ମୁଁ ଚିହ୍ନିନାହିଁ । ମୁଁ କାହାକୁ ସହଯୋଗ କରିନାହିଁ । ଅର୍ଚ୍ଚନା ନାଗ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ବଡ଼ବଡ଼ିଆଙ୍କୁ ଜେରା କରିବା ଆରମ୍ଭ କରିଛି । ଆଜି ବ୍ୟବସାୟୀ ଗଙ୍ଗାଧର ସାମଲ ଇଡିରେ ହାଜର ହୋଇଥିଲେ । ଗଙ୍ଗାଧର ସାମଲ ଲାଣ୍ଡ ରୋଭର୍ ଗାଡ଼ି ସୋରୁମର ମାଲିକ ବୋଲି କୁହାଯାଉଛି । ସେ ଢେଙ୍କାନାଳ ବିଧାୟକ ସୁଧୀର ସାମଲଙ୍କ ଭାଇ ।

# ସତ୍ୟ ସାଇବାବାଙ୍କ ୯୭ତମ ଜନ୍ମ ଉତ୍ସବ



ବାସୁଦେବପୁର, ୨୪/୧୧ (ନି.ପ୍ର): ବାସୁଦେବପୁର ସହରରେ ସତ୍ୟ ସାଇ ସେବା ସଂଗଠନ ପକ୍ଷରୁ ସତ୍ୟ ସାଇବାବା ଙ୍କର ୯୭ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ପ୍ରାର୍ଥନା, ନଗର କୀର୍ତ୍ତନ, ଭଜନ, ଷୋଡଶ ଉପଚାର ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସତ୍ୟସାଇ ସେବା ସଂଗଠନର ଜିଲ୍ଲା ସଭାପତି ବିଷ୍ଣୁ ମୋହନ ନାୟକ, ସ୍ମୃତି ରଂଜନ ପଳିତା, ବସନ୍ତ ଦାସ, ଜଳଧର ପୁହାଣ, ସୁଧାକର ସନ୍ଧି ବିଗ୍ରହ, ମଧୁସୂଦନ ବେହେରା, ପ୍ରଭାକର ସାହୁ, ମହେଶ ଦାସ, ରାମଚନ୍ଦ୍ର ପାଢ଼ୀ, ବିଚିତ୍ର ଭୋଇ, ମହେନ୍ଦ୍ର ପ୍ରସାଦ ବାରିକ, ତ୍ରୈଲୋକ୍ୟ ନାଥ ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ ।

# ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଅନଶନ



ବାସୁଦେବପୁର, ୨୪/୧୧ (ନି.ପ୍ର): ବାସୁଦେବପୁର ନଗର ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଜୀବନ ଘାତି ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବାସୁଦେବପୁର ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନ ଆରମ୍ଭ ହୋଇଛି । ଏହି ଅନଶନ ରେ ଯୋଗ ଦେଇ ଥିଲେ ଜିଲ୍ଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ,ତାଜୁ ଖାଁ,ଜୟ ପ୍ରକାଶ ମଲ୍ଲିକ,ମଧୁସୂଦନ ପାଢ଼ୀ, ରମାକାନ୍ତ ସେଠୀ, ଚନ୍ଦନ ପାଢ଼ୀ, ଶେଖ ରାଜୁ,ସୁକାନ୍ତ ବିଶ୍ୱାଳ । ଆଗାମୀ ଦିନରେ ଏହି ସମସ୍ୟା ସମାଧାନ ନ ହେଲେ ରାଜରାସ୍ତାକୁ ସମସ୍ତେ ଓହ୍ଲାଇ ଗାଡ଼ି ଚକ ଅଖ ସବୁ ବନ୍ଦ କରିଦେବେ ବୋଲି ଯୁବ ମୋର୍ଚ୍ଚା ସତର୍କ କରିଦେଇଛନ୍ତି ।

## ଦିହୁଡିପୁର ପଂଚାୟତରେ ସ୍ୱାବଲମ୍ବୀ ଗୃହ ନିର୍ମାଣ ପାଇଁ ଦାବି

କେନ୍ଦ୍ରାପଡ଼ା, ୨୪/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦିହୁଡିପୁର ପଂଚାୟତରେ ହରିଜନ ବସ୍ତିରେ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ପାଇଁ ଆସିଥିବା ସ୍ୱାବଲମ୍ବୀ ଗୃହ ନିର୍ମାଣ ହୋଇ ପାରୁନଥିବା ଅଭିଯୋଗ ହୋଇଛି । ଏହି ହରିଜନ ବସ୍ତିକୁ ଲାଗି ରହିଥିବା ଏକ ବିରାଟ ପଡିଆ ଯାହାର ପ୍ଲଟ୍ ନଂ-୪୪୪ଟି ଗୋଚର ଓ ଅନାବାଦୀ ଥିବାବେଳେ ଏହା ରାସ୍ତା କିସମ ହୋଇ ଯାଇଛି । ଏ ବିଷୟରେ ବାରମ୍ବାର ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଜଣାଇଥିଲେ ମଧ ଆଜିପର୍ଯ୍ୟନ୍ତ ଏହାର କୌଣସି ସମାଧାନ ନହେବାରୁ ବସ୍ତିର ବହୁ ମହିଳା ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ସେହି ପଡିଆରେ ସ୍ୱାବଲମ୍ବୀ ଗୃହ ନିର୍ମାଣ କରିବା ପାଇଁ ସରପଂଚ ନରେଶ ଚନ୍ଦ୍ର ମଲିକ, ସ୍ୱୟଂ ସହାୟିକା ଗୋଷ୍ଠୀର ସଂପାଦିକା ଆରତୀ ମଲିକ, ହେମନ୍ତ ମଲିକ, ନିରଞ୍ଜନ ମଲି, ଅଶୋକ ମଲିକ ପ୍ରମୁଖ ଜିଲ୍ଲପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଡେପୁଟି କଲେକ୍ଟର ହରପ୍ରିୟା ପୃଷ୍ଟିଙ୍କୁ ପ୍ରଦାନ କରିଛନ୍ତି ।

# କୁଆଖିଆ ଥାନାଧିକାରୀଙ୍କ ବିରୁଦ୍ଧରେ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଲା ମିଳିତ କ୍ରିୟାନୁଷ୍ଠାନ କମିଟି

କୋରେଇ, ୨୪/୧୧ (ନି.ପ୍ର): କୁଆଖିଆ ଥାନାଧିକାରୀଙ୍କ ମନମୁଖି କାର୍ଯ୍ୟକଳାପ, ଅହଙ୍କାରୀ ଭାବ, ଜନସାଧାରଣଙ୍କୁ ଅଶିଷ୍ଟ ବ୍ୟବହାର ଓ ସରକାରୀ ଡିୟୁଟିରେ ଅବହେଳା ଆଦି କାର୍ଯ୍ୟକଳାପ ସମ୍ପର୍କରେ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଆଲୋଚନା କରିଛି ମିଳିତ କ୍ରିୟାନୁଷ୍ଠାନ କମିଟି । ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ଆରକ୍ଷୀ ଅଧିକ୍ଷକ ଆଲୋଚନାକାରୀଙ୍କୁ ପ୍ରତିଶୃତି ଦେଇଛନ୍ତି । ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ଗୟାଧର ମଲ୍ଲିକଙ୍କ ନେତୃତ୍ୱରେ ସମ୍ପାଦକ ମାଗୁଣୀ ଜେନା, କୋଷାଧ୍ୟକ୍ଷ ଦୁଷ୍ମନ୍ତ ମଲିକ, ଶଶିକାନ୍ତ ମଲିକଙ୍କ ସମେତ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ ।
ଅଭିଯୋଗ ମୁତାବକ, ଓଡିଶା ପୁଲିସ ଦ୍ୱାରା ଜନସାଧାରଣଙ୍କୁ ଉତମ ପୁଲିସ ସେବା ଯୋଗାଇବାକୁ ସରକାର ପ୍ରୟାସ କରୁଥିବା ବେଳେ କୁଆଖିଆ ଥାନାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଅନେକ ମାମଲାରେ କୁଆଖିଆ ପୁଲିସ କାର୍ଯ୍ୟାନୁଷ୍ଠାନ ନେବାରେ ବହୁ ବିଳମ୍ବ କରୁଛି । ଏକପାଖିଆ ନିଷ୍ପତି ଥାନାବାବୁ ନେବାରୁ ବିଶେଷ ଭାବେ ଦଳିତ ନିଷ୍ପେସିତ ବର୍ଗ, ଗରିବ ଜନସାଧାରଣ ମାନେ କ୍ଷତିଗ୍ରସ୍ତ ହେଉଛନ୍ତି । ରାଜ୍ୟ ସରକାରଙ୍କ ଫାଇଭ-ଟି ଯୋଜନାକୁ ସେ ଫୁ କରି ଉଡାଇ ଦେଇଛନ୍ତି । ଜଣେ ଦାୟିତ୍ୱହୀନ, ଗର୍ବୀ, ଅହଙ୍କାରୀ, ଦୁର୍ବ୍ୟବହାର ସମ୍ପନ୍ନ ବ୍ୟକ୍ତିଙ୍କୁ ପୁଲିସ ବିଭାଗରେ ରଖିବା ଆଦୌ ସମିଚୀନ ନୁହେଁ । ଏପରିସ୍ଥଳେ ଥାନାଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ମିଳିତ କ୍ରିୟାନୁଷ୍ଠାନ କମିଟି ।

# ରକ୍ତହୀନତା ଦୂର କରିବା ନେଇ ଅମ୍ଳାନ ଅଭିଯାନର ଶୁଭାରମ୍ଭ

ଗଞ୍ଜାମ, ୨୪/୧୧ (ନି.ପ୍ର): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡିଶାଙ୍କ ଦ୍ୱାରା ରକ୍ତହୀନତା ଦୂର କରିବା ପାଇଁ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଆନିମିଆ ମୁକ୍ତ କରିବା ଲକ୍ଷ୍ୟ ନେଇ ଅମ୍ଳାନ ଅଭିଯାନ ବୁଧବାର ଆରମ୍ଭ କରାଯାଇଛି । ଆଜି ଅନୁଷ୍ଠିତ ଓ୍ୱାନ ଭିସି ମାଧମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅମ୍ଳାନ ଅଭିଯାନର ଶୁଭାରମ୍ଭ କରି ଜଣାଇଥିଲେ ଯେ, ପ୍ରତ୍ୟେକ ଲୋକଙ୍କ ଜୀବନ ମୂଲ୍ୟବାନ । ଓଡିଶାର ସମସ୍ତଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରଖିବା କ୍ଷେତ୍ରରେ ଅନେକ ଗୁଡିଏ ଜନହିତକର କାର୍ଯ୍ୟ କରାଯାଉଅଛି । ଓଡିଶାର ୧.୩୭ କୋଟି ଲୋକ ଏବଂ ଗର୍ଭବତୀ ମହିଳାଙ୍କ ରକ୍ତ ହୀନତା ଦୂର କରିବା ଲକ୍ଷ୍ୟ ନେଇ ପରୀକ୍ଷା, ଚିକିତ୍ସା ଏବଂ ସେମାନଙ୍କୁ ଏ ଦିଗରେ ସଚେତନତା କରିବାର ଆବଶ୍ୟକତା ରହିଛି । ଏଥି ନିମନ୍ତେ ସେବା ଯୋଗାଉଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଶିକ୍ଷଣ ଦେଇ ଓଡିଶାର ସରକାରୀ ଓ ବେସରକାରୀ ବିଦ୍ୟାଳୟ, ଅଙ୍ଗନଓ୍ୱାଡି କେନ୍ଦ୍ର ର ପିଲାମାନଙ୍କର ପରୀକ୍ଷା, ଚିକିତ୍ସା ଓ ସଚେତନତା କରାଯିବାର ଆବଶ୍ୟକତା ରହିଛି । ଏହି ଅଭିଯାନର ସଫଳତା ସକାଶେ ସେ ସମସ୍ତେ ମିଳିତ ଉଦ୍ୟମ କରିବାକୁ ଜଣାଇଥିଲେ । ଫାଇଭ୍-ଟି ସଚିବ ଭି. କାର୍ତ୍ତିକେୟ ପାଣ୍ଡିଆନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଜଗଦୀଶ ରାଓ ପଟ୍ଟନାୟକ, ଏନ୍.ଆ.ଏଚ୍.ଏମ୍. ର ଜିଲ୍ଲା ଯୋଜନା ଅଧିକାରୀ ଶ୍ୟାମ ସୁନ୍ଦର ତ୍ରିପାଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ପରୀକ୍ଷିତ ଦାସ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶୁଭଶ୍ରୀ ପାତ୍ର, ଜିଲ୍ଲା ଶିକ୍ଷାଧିକାରୀ ଜିନୀତା ସେନାପତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ବିଭାଗର ଡିଏମଆରସିଏଚ୍ ଶକ୍ତି କୁମାର ଦିଗାଲ ପ୍ରମୁଖ ଅଧିକାରୀଗଣ ଉପସ୍ଥିତ ଥିଲେ । ରକ୍ତହୀନତା ଦୂର କରିବା ନେଇ ଜିଲ୍ଲାର ୬ ମାସରୁ ଆରମ୍ଭ କରି ୧୯ ବର୍ଷ ପିଲା ମାନଙ୍କୁ ଏବଂ ଗର୍ଭବତୀ ମହିଳା ମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ଔଷଧ ସେବନ କରାଯିବ । ମହିଳା ଏବଂ ଶିଶୁ ବିକାଶ ବିଭାଗ, ମିଶନ୍ ଶକ୍ତି ବିଭାଗ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ଅନୁସୂଚୀତ ଜାତି ଓ ଜନଜାତି ବିଭାଗର ମିଳିତ ସହଯୋଗ କ୍ରମେ ଏହି ଯୋଜନାଟିକୁ ସଫଳ କରିବା ଦିଗରେ ସହଯୋଗ ରହିବ ।

## ଜେଲ ପରିଦର୍ଶନ କଲେ ସଚିବ

ଜୟପୁର, ୨୪/୧୧ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଜୟପୁର ସଚିବ ସୁମନ ଜେନା କୋରାପୁଟ ଜିଲ୍ଲାରେ ଥିବା ୩ଟି ଜେଲ୍ ତଥା ସର୍କଲ ଜେଲ୍ କୋରାପୁଟ, ସବ୍ ଜେଲ୍ କୋଟପାଡ ଓ ଜୟପୁର ପରିଦର୍ଶନ କରି କାରାଗାରରେ ରହୁଥିବା ଅନ୍ତେବାସୀ ମାନଙ୍କୁ ଭେଟି ବିଭିନ୍ନ ସମସ୍ୟା ଯଥା ଆଇନଗତ ସମସ୍ୟା, ଖାଦ୍ୟପେୟ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା, ଏବଂ କେଶ ସମ୍ପର୍କରେ ପଚାରି ବୁଝିଥିଲେ । ଆଇନ୍ ଉପରେ ସଚେତନତା କରି କହିଥିଲେ ଯେ ଅନ୍ତେବାସୀ ମାନଙ୍କର ଯଦି କୌଣସି ପଇସା ଅସୁବିଧା ସକାଶେ ଓକିଲ ନିଯୁକ୍ତି କରିପାରୁନାହାନ୍ତି ତାହା ହେଲେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କାର୍ଯ୍ୟାଳୟରେ ଜେଲରଙ୍କ ମାଧ୍ୟମରେ ଦରଖାସ୍ତ ଦିଅନ୍ତୁ ଏବଂ ମାଗଣାରେ ଓକିଲ ନିଯୁକ୍ତିର ସୁଯୋଗ ନେଇ ପାରିବେ । ଯଦି ନିଜନିଜର ପରିବାରଙ୍କୁ ଭେଟିବାରେ ଅସୁବିଧା ହେଉଛି ତା ହେଲେ ଲିଖିତ ଆକାରରେ ଜେଲରଙ୍କୁ ଜଣାନ୍ତୁ । ସର୍ବଶେଷରେ କୋରାପୁଟ ଜେଲ୍, ଜୟପୁର ଜେଲର୍ ଏବଂ କୋଟପାଡ଼ ଜେଲର୍ ମାନଙ୍କ ସହିତ ଅନ୍ତେବାସୀ ମାନଙ୍କ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ । ୨୧ ତାରିଖରେ ସବ୍ ଜେଲ ଜୟପୁର ୨୨ରେ ସବ୍ ଜେଲ୍ କୋଟପାଡ଼ ଏବଂ ୨୩ ତାରିଖରେ ସର୍କଲ୍ ଜେଲ୍ କୋରାପୁଟ ପରିଦର୍ଶନରେ ଯାଇଥିଲେ ।

# ଅମାବାସ୍ୟା ନାରାୟଣଙ୍କ ସାଗରବିଜେ ନୀତି

ପୁରୀ, ୨୪/୧୧ (ନି.ପ୍ର): ଅମାବାସ୍ୟାରେ ଆଜି ନାରାୟଣଙ୍କ ସାଗରବିଜେ ନୀତି ଅନୁଷ୍ଠିତ ହୋଇଯାଇଛି । ଶ୍ରୀମନ୍ଦିରରେ ସକାଳ ଧୂପ ବଢ଼ିଲା ପରେ ମହାଜନ ସେବାୟତ ଦକ୍ଷିଣୀ ଘରୁ ଶ୍ରୀ ନାରାୟଣ ମୂର୍ତ୍ତିଙ୍କୁ ଆଣି ରତ୍ନସିଂହାସନ ବିଜେ କରିଥିଲେ । ପାଳିଆ ପୂଜାପଣ୍ଡା ଗରାବଡୁଙ୍କଠୁ ହତୁଆଣୀ ନେଇ ଉକ୍ତ ନାରାୟଣ ମୂର୍ତ୍ତିଙ୍କୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଜ୍ଞା ମାଳ ପ୍ରଦାନ କରିଥିଲେ । ଏହାପରେ ମହାଜନ ସେବାୟତ ନାରାୟଣଙ୍କୁ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରିଥିଲେ । ପାଲିଙ୍କିକୁ ସ୍କନ୍ଧରେ ବୋହି ଘଂଟ, ଛତ୍ର, କାହାଳୀରେ ସିଂହଦ୍ୱାର ଦେଇ ବାଲିସାହି ରାସ୍ତାରେ ସମୁଦ୍ର କୂଳ ସ୍ୱର୍ଗଦ୍ୱାର ଠାରେ ବିଜେ କରିଥିଲେ । ସମୂଦ୍ର କୂଳ ବାଲିରେ ବିଜେ ହେବା ପରେ ଗରାବଡୁ ସେବାୟତ ସମୁଦ୍ର ପାଣି ଆଣି ପଣ୍ଡାଙ୍କ ହାତକୁ ବଢ଼ାଇ ଥିଲେ । ପୂଜାପଣ୍ଡା ଜଳ ସଂସ୍କାର କରି ଠାକୁରଙ୍କୁ ଲାଗି କରାଇଥିଲେ । ସାବତ ନିଯୋଗ ପକ୍ଷରୁ ପଣା ଭୋଗ ହୋଇଥିଲା । ଆଳତି, ବନ୍ଦାପନା ହୋଇଥିଲା । ଏହାପରେ ଠାକୁର ବିମାନରେ ଜମେଶ୍ୱର ମହାଦେବଙ୍କ ମନ୍ଦିର ଭିତର ଗମ୍ଭୀରାକୁ ବିଜେ କରିଥିଲେ । ସେଠାରେ ଦହି ଓ ପଚାଂମୃତରେ ମହାସ୍ନାନ ହୋଇଥିଲା । ଖଇ ଓ କୋରା ଆଦି ଶୀତଳ ଭୋଗ ହୋଇ ବନ୍ଦାପନା କରାଯାଇଥିଲା ।

# କୃଷି ବିଜ୍ଞାନ କେନ୍ଦ୍ରରେ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

କେନ୍ଦ୍ରାପଡ଼ା, ୨୪/୧୧ (ନି.ପ୍ର): କେନ୍ଦ୍ରାପଡା କୃଷି ବିଜ୍ଞାନ କେନ୍ଦ୍ରରେ ୨୦ ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ପ୍ରଫେସର ପ୍ରଭାତ କୁମାର ରାଉଳ, କୁଳପତି ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ପ୍ରଫେସର ପ୍ରସନ୍ନଜିତ୍ ମିଶ୍ର ଅଧକ୍ଷ ସଂପ୍ରସାରଣ ନିର୍ଦ୍ଦେଶାଳ ଓୟୁଏଟିରୁ ଅତିଥି ଭାବେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲାର କୃଷି ଓ ଆନୁସଂଙ୍ଗିକ କ୍ଷେତ୍ରର ସମସ୍ତ ମୁଖ୍ୟମାନେ ଯୋଗ ଦେଇଥିଲେ । ସଭାରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଗଲାବର୍ଷ କରାଯାଇ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସଦସ୍ୟମାନଙ୍କୁ ଅବଗତ କରାଇବା ସହିତ ଆଗାମୀ ବର୍ଷର କାର୍ଯ୍ୟକ୍ରମର ଖସଡା ମଧ ଉପସ୍ଥାପନ କରାଯାଇଛି । ବୈଠକରେ ଉପସ୍ଥିତ ଥିବା ସଦସ୍ୟ ମାନେ ନିଜ ନିଜର ମତ ପ୍ରକାଶ କରିଥିଲେ । ଯାହାକୁ ନେଇ କୃଷି ବିଜ୍ଞାନ କେନ୍ଦ୍ର ଆଗାମୀ ବର୍ଷ ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବ ବୋଲି ସ୍ଥିର କରାଯାଇଛି । ବୈଠକରେ ଉପସ୍ଥିତ ଥିବା ଶତାଧିକ ଚାଷୀ ମାନଙ୍କୁ କୁଳପତି ଶ୍ରୀ ରାଉଳ ବାସନା ଧାନ ଉତ୍ପାଦନ କରିବା ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା କରାଯାଇ ଥିବା ସମସ୍ତ କାର୍ଯ୍ୟକ୍ରମର ଏକ ପତ୍ରିକା "ତୁଳସୀ" ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇ ଥିଲା । ଏହାବ୍ୟତୀତ ସଂପ୍ରସାରଣ ପୁସ୍ତିକା ଯଥା ଧାନ ବିହନ ଉତ୍ପାଦନ, ଡ୍ରାଗନ ଫ୍ରୁଟଚାଷ, ଛତୁର ପ୍ରକ୍ରିୟାକରଣ ଓ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି , ପ୍ରାକୃତିକ କୃଷି ଓ ପାଣି ସିଙ୍ଗଡା ଚାଷର ପୁସ୍ତିକା ଉନ୍ମୋଚନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସୂର୍ଯ୍ୟ ନାରାୟଣ ମିଶ୍ର ପରିଚାଳନା କରିଥିବା ବେଳେ ବୈଜ୍ଞାନିକ ନମିତା ମହାପାତ୍ର, ମାନସ ରଞ୍ଜନ ବେହେରା, ପ୍ରଭଞ୍ଜନ ମିଶ୍ରଙ୍କ ସହ ରାଜେଶ କୁମାର ମହାପାତ୍ର, ପ୍ରଭାତ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ସତ୍ୟସାଇ ବାବାଙ୍କୁ ଜନ୍ମ ଉତ୍ସବରେ ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା, ୨୪/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସତ୍ୟସାଇ ସଂଗଠନ ପକ୍ଷରୁ ନଭେମ୍ବର ୨୩ ତାରିଖ ଶ୍ରୀ ସତ୍ୟସାଇ ବାବାଙ୍କ ୯୭ ତମ ଜନ୍ମଦିବସ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ସଂଗଠନର ଜିଲ୍ଲା ସଭାପତି ରାଧାକୃଷ୍ଣ ସାହୁ, ପୂର୍ବତନ ସଭାପତି ରାମଚନ୍ଦ୍ର ସ୍ୱାଇଁ, ନାରାୟଣ ଚନ୍ଦ୍ର ଦାଶ, କାବେରୀ ଚରଣ ଆଚାର୍ଯ୍ୟ, ସ୍ମୃତିରଞ୍ଜନ ନାୟକ, ନୃସିଂହ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ରକ୍ତଦାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଭକ୍ତମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏହି ଶିବିରରେ ୪୦ୟୁନିଟ ରକ୍ତ ସଂଗ୍ରହ କରାଯାଇ ଥିଲା ।

## କ୍ଷୁଦ୍ର ନିଯୁକ୍ତି ମେଳା ଅନୁଷ୍ଠିତ, ୪୯୫ ଜଣଙ୍କୁ କର୍ମନିଯୁକ୍ତି

ପୁରୀ, ୨୪/୧୧ (ନି.ପ୍ର): ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଓ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷୁଦ୍ର ନିଯୁକ୍ତି ମେଳା ଆଜି ପୁରୀ ସରକାରୀ ଆଇଟିଆଇ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସମର୍ଥ ବର୍ମା ନିଯୁକ୍ତି ମେଳା ପରିଦର୍ଶନ କରିବା ସହ ବିଭିନ୍ନ ନିଯୁକ୍ତିଦାତା କମ୍ପାନୀଙ୍କ ସହ ଆଲୋଚନା କରିଥିଲେ । ବିଭିନ୍ନ କମ୍ପାନୀର କାର୍ଯ୍ୟ ଓ ନିଯୁକ୍ତି ବ୍ୟବସ୍ଥା ସହ ଆଶାୟୀ ପ୍ରାର୍ଥୀ ମାନଙ୍କ କାର୍ଯ୍ୟଧାରା ସମ୍ପର୍କରେ ସେ ଅନୁଧ୍ୟାନ କରିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ମଧ ନିଯୁକ୍ତି ମେଳା ପରିଦର୍ଶନ କରିଥିଲେ । ପରେ ଜିଲ୍ଲା ନିଯୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ନିଯୁକ୍ତି ମେଳା ଆୟୋଜନର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ଅବଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ସଂଯୋଜକ ଜୟ ଶଙ୍କର ଯୋଶୀ, ଡି ଏସ ଏମ ଏସ ର ଅତିରିକ୍ତ ସିଇଓ ପ୍ରଶାନ୍ତ କୁମାର ଦାସ, ପୁରୀ ସରକାରୀ ଆଇଟିଆଇର ଅଧକ୍ଷ ସସ୍ମିତା ବେହେରା ପ୍ରମୁଖ ଯୋଗଦେଇଏହି ନିଯୁକ୍ତି ମେଳା ବେରୋଜଗାର ପିଲା ମାନଙ୍କ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିଛି ବୋଲି କହିଥିଲେ । ରାଜ୍ୟ ଓ ରାଜ୍ୟ ବାହାରର ପ୍ରତିଷ୍ଠିତ ୨୨ ଟି ବେସରକାରୀ ସଂସ୍ଥାର ନିଯୁକ୍ତି ଦାତା ମାନେ ଯୋଗଦାନ କରି ୪୯୫ ପ୍ରାର୍ଥୀଙ୍କୁ ଚୟନ କରିଥିଲେ । ଏତଦ ବ୍ୟତୀତ ଓଡିଶା ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମାନେ ମଧ ୧୭୦ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ନିଯୁକ୍ତି ଦେବା ପାଇଁ ମନୋନୀତ କରିଥିଲେ । ଏହି ବୈଠକରେ କନିଷ୍ଠ ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି ବୈଠକ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ । ଜିଲ୍ଲା ନିୟୋଜନ ବିଭାଗର କର୍ମଚାରୀ ମାନେ ଯୋଗଦେଇ କାର୍ଯ୍ୟ ପରିଚାଳନା କରିଥିଲେ ।

# ସ୍ୱାଭିମାନ ଅଞ୍ଚଳର ଯୁବବର୍ଗଙ୍କ ପାଇଁ କମ୍ପ୍ୟୁଟର ଶିକ୍ଷାର ବ୍ୟବସ୍ଥା ଆରମ୍ଭ

ମାଲକାନଗିରି , ୨୪/୧୧ (ନି.ପ୍ର): ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ବିଏସଏଫ ତରଫରୁ ସ୍ୱାଭିମାନ ଅଂଚଳରେ ଏକ ଅଭିନବ ପ୍ରୟାସ କରାଯାଇଛି । ଏହି ଅଂଚଳର ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ପାଇଁ କମ୍ପ୍ୟୁଟର ଶିକ୍ଷାର ବ୍ୟବସ୍ଥା ଆରମ୍ଭ କରାଯାଇଛି । ଆଜି ଯନ୍ତାପାଇ ଠାରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିବା କମ୍ପ୍ୟୁଟିର ଶିକ୍ଷା ବ୍ୟବସ୍ଥାର ଏକ କେନ୍ଦ୍ରକୁ ଜିଲ୍ଲାପାଳ ବିଶାଲ ସିଂ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଏସଏଫର କମାଣ୍ଡାଣ୍ଟ ଓମ ଶିବ, ସେକେଣ୍ଟ ଇନ କମାଣ୍ଡାଣ୍ଟ ସଂଜୟ ଦାସ, ବିଡିଓ ରଘୁନାଥ ମୁଣ୍ଡାରୀ, ତହସିଲଦାର ଟି.ପଦ୍ମନାଭ ଦୋରା ସମେତ ବିଏସଏଫର ପଦାଧିକାରୀମାନେ ମଧ ଉପସ୍ଥିତ ଥିଲେ ।ଦୁ ର୍ଗମ ଅଂଚଳରେ ବିଏସଏଫ ନକ୍ସଲ ଦମନ ପାଇଁ କାମ କରୁଥିବା ସହ ସେହି ଅଂଚଳର ଯୁବ ବର୍ଗଙ୍କ ପାଇଁ ନିଯୁକ୍ତି, ଶିକ୍ଷା ଏବଂ ଖେଳ ପ୍ରତି କିପରି ମନ ବଳାଇବେ ଚେଷ୍ଟା ଜାରି ରଖିଛି । ଏଥିସହ ଏହି ଅଂଚଳର ଯୁବକ ଯୁବତୀମାନେ କିପରି ଅନ୍ୟ ସ୍ଥାନକୁ ଭ୍ରମଣ କରି ବହୁ ଜିନିଷ ଶିକ୍ଷା ଲାଭ କରିବେ ସେନେଇ ମଧ ପ୍ରୟାସ କରାଯାଉଛି । ତେବେ ଦୁର୍ଗମ ଅଂଚଳର ପିଲାମାନେ ଯେପରି କମ୍ପ୍ୟୁଟର ଶିକ୍ଷାରୁ ବଂଚିତ ନହେବେ ସେଥିପାଇଁ ଏହି ପ୍ରୟାସ କରାଯାଇଥିବା କୁହାଯାଇଛି । ଭବିଷ୍ୟତରେ କୌଣସି କାର୍ଯ୍ୟ କରିବାକୁ ହେଲେ କମ୍ପ୍ୟୁଟରର ଆବଶ୍ୟକ ପଡୁଛି । ଏଥିସହ ବଭିନ୍ନ କାର୍ଯ୍ୟ ଏହି ଅଂଚଳର ଲୋକଙ୍କୁ ସହରକୁ ଯାଇ କମ୍ପ୍ୟୁଟରରେ କାମ କରିବାକୁ ପଡୁଛି । ତେଣୁ ଏଠାରେ ସସବୁ କାର୍ଯ୍ୟ ବିଜ୍ଞ କମ୍ପ୍ୟୁଟର ତାଲିମଦାତାମାନେ ରହିଛନ୍ତି । ସେମାନେ ନିୟମିତ ଏହି ଅଂଚଳର ପିଲାଙ୍କୁ ଶିକ୍ଷା ଦେବେ ।ସ୍ୱାଭିମାନ ଅଂଚଳର ବହୁ ଗ୍ରାମରେ ରହିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ସମେତ ସ୍ଥାନୀୟ ଯୁବକ ଯୁବତୀ ଉପସ୍ଥିତ ରହି ଶିକ୍ଷା ଗ୍ରହଣ କରିଥିଲେ । ମାଲକାନଗିରି ଜିଲ୍ଲାର ଅନ୍ୟ ଦୁର୍ଗମ ଅଂଚଳରେ ମଧ ଏଭଳି କମ୍ପ୍ୟୁଟର ଶିକ୍ଷାର ପ୍ରଚାର ପ୍ରସାର କରାଯିବ ବୋଲି ମଧ କୁହାଯାଇଛି । ପାଇଲଟ ପ୍ରୋଜେକ୍ଟ ଭାବେ ଏହି ଶିକ୍ଷାକୁ ସମସ୍ତ ଦୁର୍ଗମ ଅଂଚଳର ପିଲା ଯେପରି ଶିକ୍ଷା ଗ୍ରହଣ କରି ନିଜ ଜୀବନରେ ଏହାକୁ ପ୍ରୟୋଗ କରିପାରିବେ ସେନେଇ ଚିନ୍ତା କରାଯାଇଛି । ବିଏସଏଫ କେବଳ ମାଲକାନଗିରିରେ ମାଓ ଦମନ ନେଇ କାମ କରୁନାହିଁ ବରଂ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଛି, ଯାହାକୁ ଲୋକେ ଧୀରେ ଧୀରେ ବୁଝିପାରିଛନ୍ତି । ପ୍ରଶାସନ ଏବଂ ବିଏସଏଫର ଏହି ମହାନ କାର୍ଯ୍ୟକୁ ସ୍ୱାଭିମାନ ଅଂଚଳର ଲୋକେ ସ୍ୱାଗତ କରିବା ସହ ପ୍ରଶଂସା କରିଛନ୍ତି ।

# କେନ୍ଦ୍ରାପଡା କଂଗ୍ରେସ ତରଫରୁ ମାଟି ପାଇଁ ମାଡିଚାଲ ଆନ୍ଦୋଳନ

କେନ୍ଦ୍ରାପଡ଼ା, ୨୪/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ଦଳ ପକ୍ଷରୁ ୭ ଦଫା ଦାବିନେଇ ଏକ ବିଶାଳ ଶୋଭାଯାତ୍ରା ତିନିମୁହାଣୀରୁ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଁଚି ଥିଲା । ଜିଲ୍ଲା କଂଗ୍ରେସର ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ଜଟଣୀ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଜିଲ୍ଲା ସଭାପତି ଅଂଶୁମାନ ମହାନ୍ତି, ପୂର୍ବତନ ବିଧାୟକ ଚିନ୍ମୟୀ ପ୍ରସାଦ ବେହୁରା, ରତୀକାନ୍ତ କାନୁନଗୋ, ଜ୍ଞାନରଞ୍ଜନ ବେଉରା, ଜୟନ୍ତ ମହାନ୍ତି, ଆଇନଜୀବି ଧରଣୀଧର ନାୟକ, ମହମ୍ମଦ ଆକବର ଅଲ୍ଲୀ, ବିଭ୍ରାଂଶୁ ଲେଙ୍କା, ଚିତ୍ରସେନ ପରିଡା, ରାଜେଶ ମହାନ୍ତି, ହିବଜୁବୁର ରହେମାନ, ମିର୍ ମୁରସିଦ୍( ମୁଷି ସରକାର), ସୌମେନ୍ଦ୍ର ପୃଷ୍ଟି, ପ୍ରଫୁଲ୍ଲ ଦାସ, ମୁକ୍ତାର ଖାନ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା, ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା, କେନ୍ଦ୍ରାପଡାରେ ଯାତ୍ରୀବାହୀ ରେଳ ଚଳାଚଳ, ମ୍ୟୁନିସିପାଲିଟିରେ ଡ୍ରେନେଜ ଓ ସ୍ୱରେଜ ବ୍ୟବସ୍ଥା, ପଟ୍ଟାମୁଣ୍ଡାଇ ର ସିଂହଗାଁ ସଂଯୋଗ ପାଇଁ କଣ୍ଟିଆ ନାଳସେତୁ ନିର୍ମାଣ, ଜିଲ୍ଲାରେ ଶୀତଳ ଭଣ୍ଡାର ପ୍ରତିଷ୍ଠା, ଆୟବା ସରକାରୀ +୨ ବିଜ୍ଞାନ ମହାବିଦ୍ୟାଳୟର ପୁନବିନ୍ୟାସ ପ୍ରମୁଖ ୭ଦଫା ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି ।

## ବାଲ୍ୟବିବାହ ରୋକିବା ପାଇଁ ସଚେତନତା ରଥ

ମାଲକାନଗିରି, ୨୪/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଚଳିତ ମାସ ୧୮ ତାରିଖ ଠାରୁ ୨୪ ତାରିଖ ୭ ଦିନ ପର୍ଯ୍ୟନ୍ତ ପ୍ରତି ବ୍ଲକ ରେ ବାଲ୍ୟବିବାହ ରୋକିବା ପାଇଁ ଏକ ସଚେତନତା ରଥ ଘୁରିବୁଲୁଛି, ଯାହାର ନାରା ବାଲ୍ୟବିବାହ ରୋକିବା ଏବଂ ସମସ୍ତେ ବିଦ୍ୟାଳୟ କୁ ଯିବାଥିଲା । ଏହି କାର୍ଯ୍ୟକ୍ରମ ର ଶୁଭାରମ୍ଭ ୧୮ ତାରିଖ ଦିନ ମାଲକାନଗିରି ବ୍ଲକରୁ ଆରମ୍ଭ ହୋଇଥିଲା, ୧୯ ତାରିଖରେ ମାଥିଲି ବ୍ଲକ, ୨୦ତାରିଖରେ ଖଇରପୁଟ ବ୍ଲକ, ୨୧ ତାରିଖରେ ଚିତ୍ରକୋଣ୍ଡା ବ୍ଲକ, ୨୨ତାରିଖରକୋରୁକୋଣ୍ଡା ବ୍ଲକ, ୨୩ ତାରିଖରେ କାଲିମେଳା ବ୍ଲକ ଏବଂ ୨୪ ତାରିଖରେ ପଡିଆ ବ୍ଲକ ରେ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେବ, ଆଜି ଦିନ ୧୦ ଘଟିକା ସମୟରେ ଉକ୍ତ ସଚେତନତା ରଥ ଆସି କାଲିମେଳା ବ୍ଲକ ରେ ପହଂଚିବା ପରେ ଏହାକୁ ସବୁଜ ପତାକା ଦେଖାଇ କାଲିମେଳା ବିଡିଓ ଉମାଶଙ୍କର ଦଳେଇ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ କାଲିମେଳା ସିଡିପିଓ ଅର୍ନପୂର୍ଣ୍ଣା ବୁରୁଦା ଙ୍କ ତତ୍ୱାବଧାନରେ ସମସ୍ତ ସୁପରଭାଇଜର ଏବଂ ଏସ ଏଚ ଜି ଗୃପ ର ମାଆ ମାନେ ରହି କାର୍ଯ୍ୟ ସମ୍ପାଦନ କରିଥିଲେ ।

# କନ୍ଦମୂଳ : ରକ୍ତଚାପକୁ କରେ ନିୟନ୍ତ୍ରିତ ପାଚନ ତନ୍ତ୍ରକୁ ସୁସ୍ଥ ରଖେ

କନ୍ଦମୂଳ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଶରୀରର ଥକ୍କାପଣ ଓ ଦୁର୍ବଳତା କମ୍ ହୋଇଥାଏ । ଏଥିରେ ଥିବା ଭିଟାମିନ୍-ସି ଶରୀରକୁ ଦୀର୍ଘ ସମୟ ଯାଏ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।



କନ୍ଦମୂଳ ପୋଷକ ତତ୍ତ୍ୱରେ ଭରା । ଶୀତଦିନେ ଏହା ବଜାରରେ ବହୁ ମାତ୍ରାରେ ମିଳିଥାଏ । ଏଥିରେ ବହୁ ମାତ୍ରାରେ ଫାଇବର, ପ୍ରୋଟିନ୍, ପୋଟାସିୟମ୍, ଆଇରନ୍ ଓ ଭିଟାମିନ୍ ସି ମିଳିଥାଏ। କନ୍ଦମୂଳ କେବଳ ଖାଇବାକୁ ବେଶ୍ ସ୍ୱାଦିଷ୍ଟ ନୁହେଁ, ଶରୀର ପାଇଁ ମଧ ସ୍ୱାସ୍ଥ୍ୟକର। ଶୀତରେ ଶରୀରକୁ ହାଲ୍କା ଉଷୁମର ଆବଶ୍ୟକତା ରହିଥାଏ ।

କନ୍ଦମୂଳ ଶରୀରକୁ ଉଷୁମ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଏହାକୁ ସିଝାଇ ବା ପୋଡି ଖାଇପାରିବେ । ପିଲାଙ୍କୁ କନ୍ଦମୂଳ ଚାଟ୍ ଖାଇବାକୁ ଦେଇପାରିବେ । କିନ୍ତୁ ମଧୁମେହ ରୋଗୀ ଏହାକୁ ଯେତେବେ କମ୍ ଖାଇବେ, ସେତେ ଭଲ । ଏଥିରେ ବହୁ ମାତ୍ରାରେ ଶର୍କରା ରହିଥାଏ । ତେଣୁ ଯଥାସମ୍ଭବ କମ୍ ଖାଇବା ଉଚିତ୍ । କନ୍ଦମୂଳ ଫାଇବରରେ ଭରା, ଯାହା ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ । କନ୍ଦମୂଳ ଚାଟ୍ ଖାଇବା ଦ୍ୱାରା ଗ୍ୟାସ୍ ଏବଂ କବ୍ଜ ସମସ୍ୟା ହୋଇ ନଥାଏ ।

କନ୍ଦମୂଳ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିବା ସହ ଶରୀରର ଥକ୍କାପଣ ଓ ଦୁର୍ବଳତା କମ୍ ହୋଇଥାଏ । ଏଥିରେ ଥିବା ଭିଟାମିନ୍-ସି ଶରୀରକୁ ଦୀର୍ଘ ସମୟ ଯାଏ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । କନ୍ଦମୂଳ ଖାଇବା ଦ୍ୱାରା ଆଖି ଦୀର୍ଘ ଦିନଯାଏ ସୁସ୍ଥ ରହିଥାଏ। ଏଥିରେ ଥିବା ଭିଟା-କ୍ୟାରେଟିନ୍ ଆଖିକୁ ଦୀର୍ଘଦିନ ଯାଏ ସୁସ୍ଥ ରଖିଥାଏ ।

ସେହିପରି ଏହାକୁ ଖାଇବା ଦ୍ୱାରା ଆଖି ଜନିତ ସମସ୍ତ ସମସ୍ୟା ଆପେ ଆପେ ଦୂର ହୋଇଯାଇଥାଏ। ଏଥିରେ ଥିବା ପୋଟାସିୟମ୍ ହୃଦୟକୁ ସୁସ୍ଥ ରଖିବା ସହ ରକ୍ତଚାପକୁ ନିୟନ୍ତ୍ରିତ କରିଥାଏ। ଏହା ହାର୍ଟ ଷ୍ଟ୍ରୋକ୍ ଓ ଉଚ୍ଚ ରକ୍ତଚାପର ଆଶଙ୍କାକୁ କମ୍ କରିଥାଏ । ଏଥିରେ ଥିବା ଫାଇବର ପେଟକୁ ଭରା ରଖିଥାଏ, ଫଳରେ ଭୋକ କମ୍ ଲାଗିଥାଏ । ଭୋକ ନିୟନ୍ତ୍ରିତ ହେବା ଫଳରେ ଓଜନ ବଢି ନଥାଏ । ଏଥିରେ ଖୁବ୍ କମ୍ କ୍ୟାଲୋରୀ ରହିଥାଏ । ତେଣୁ ଓଜନ ବଢିବାର ସମ୍ଭାବନା କମ୍ ରହିଥାଏ ।

# ଦାନ୍ତ ହଳଦିଆପଣରୁ ପାଆନ୍ତୁ ମୁକ୍ତି

ଚେହେରାର ସୌନ୍ଦର୍ଯ୍ୟ ଠିକ ରଖିବା ପାଇଁ ଆପଣ ନିଶ୍ଚୟ ଅନେକ ଉପାୟ ଚେଷ୍ଟା କରିଥିବେ କିନ୍ତୁ ଆପଣ ଆପଣଙ୍କର ଦାନ୍ତର ଯତ୍ନ ନେଉଛନ୍ତି କି ? ଅନେକ ଲୋକ ଦାନ୍ତକୁ ସଠିକ୍ ଭାବରେ ସଫା କରନ୍ତି ନାହିଁ, ପରେ ଧୀରେ ଧୀରେ ଦାନ୍ତ ହଳଦିଆ ହେବାକୁ ଲାଗିଥାଏ । ଯାହା ଖରାପ ମଧ ଦେଖାଯାଏ । ଅନେକ ଲୋକ ଗୁଟଖା ଖାଇବା ହେତୁ ଦାନ୍ତ ନଷ୍ଟ ହୋଇଯାଏ ଏବଂ ପରେ ସେମାନେ ଅନୁତାପ କରନ୍ତି । ଦାନ୍ତର ଏହି ହଳଦିଆ ରଙ୍ଗ ଅତି ସହଜରେ ସଫା ହୋଇପାରିବ। ତେବେ ଆସନ୍ତୁ ଜାଣିବା ଦାନ୍ତକୁ କିପରି ସଫା କରିପାରିବେ ।

**<ଲେମ୍ବୁ ରସ ଏବଂ ବେକିଂ ସୋଡା>**

ଏଥିପାଇଁ ଏକ ଚାମଚ ବେକିଂ ସୋଡାକୁ ଏକ ପ୍ଲେଟରେ ନେଇ ସେଥିରେ ଅଳ୍ପ ବୁନ୍ଦା ଲେମ୍ବୁ ରସ ମିଶାନ୍ତୁ । ଏହି ପେଷ୍ଟକୁ ଟୁଥ୍ ବ୍ରଶରେ ଲଗାନ୍ତୁ ଏବଂ ଏହାକୁ ଦାନ୍ତରେ ଭଲ ଭାବରେ ଘଷନ୍ତୁ । ପରେ ଦାନ୍ତରେ ଏହାକୁ ୧ ମିନିଟ୍ ପାଇଁ ଛାଡି ଦିଅନ୍ତୁ ଏବଂ ତା'ପରେ ପାଟି ଭଲ ଭାବେ ଧୋଇ ଦିଅନ୍ତୁ । ଏହି ପେଷ୍ଟକୁ ଦାନ୍ତରେ ୧ ମିନିଟରୁ ଅଧିକ ସମୟ ରଖନ୍ତୁ ନାହିଁ, ନଚେତ୍ ଦାନ୍ତ ନଷ୍ଟ ହୋଇପାରେ ।



**<ତୁଳସୀ>**

ତୁଳସୀ ହେଉଛି ଔଷଧୀୟ ଗୁଣର ଭଣ୍ଡାର । ଯଦି ଆପଣ ଦାନ୍ତ ସଂକ୍ରମଣକୁ ଶେଷ କରିବାକୁ ଚାହୁଁଛନ୍ତି, ତେବେ ତୁଳସୀ ବ୍ୟବହାର କରନ୍ତୁ । ଆପଣ ଏହାର ପତ୍ରକୁ ଦାନ୍ତରେ ଘଷନ୍ତୁ, ଏହା ଆପଣଙ୍କ ଦାନ୍ତକୁ ସଫା କରିଥାଏ। ଏହା ଜୀବାଣୁ ଏବଂ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥକୁ ମଧ ବାହାର କରିଥାଏ। କିନ୍ତୁ ଏହାକୁ ଦାନ୍ତରେ ଅତ୍ୟଧିକ ବ୍ୟବହାର କରିବା ଉଚିତ ନୁହେଁ ।

**<ଉଷୁମ ପାଣି>**

ଯଦି ଆପଣ ପ୍ରତିଦିନ ସଠିକ୍ ଭାବରେ ବ୍ରଶ୍ କରନ୍ତି ଏବଂ ଚା-କଫି ପିଇବା ପରେ ଉଷୁମ ପାଣିରେ ପାଟି ଧୋଇଦିଅନ୍ତି, ତେବେ ଆପଣଙ୍କୁ ଦାନ୍ତ ହଳଦିଆ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ ନାହିଁ । ସେଥିପାଇଁ ପ୍ରତିଦିନ ଖାଦ୍ୟ ଖାଇବା ପରେ କିମ୍ବା ଚା-କଫି ପିଇବା ପରେ ନିଶ୍ଚିତ ଭାବେ ପାଟିକୁ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଏହା ଦ୍ୱାରା ଆପଣଙ୍କ ଦାନ୍ତକୁ ଲାଭ ମିଳିବ ।

**<କମଳା>**

ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ କମଳା ଖାଇବା ଦ୍ୱାରା ଦାନ୍ତର ହଳଦିଆପଣ ଦୂର ହୋଇଥାଏ । କମଳା ରେ ଭିଟାମିନ୍-ସି ଥାଏ । ଯାହା ଦାନ୍ତକୁ ଧଳା କରିବାରେ ସାହାଯ୍ୟ କରିଥାଏ । ଦାନ୍ତରୁ ଜୀବାଣୁ ବାହାର କରିବାରେ କମଳା ବହୁତ ପ୍ରଭାବଶାଳୀ ହୋଇଥାଏ । ଆପଣ ଦାନ୍ତରେ କମଳା ଚୋପା ମଧ ଘଷି ପାରନ୍ତି ଏଥିରୁ ଆପଣଙ୍କୁ ଲାଭ ମିଳିବ ।

# ଘର ବାଲକୁନିରେ ବା ଅଗଣାରେ ଏହି ପକ୍ଷୀ ଦେଖାଦେଲେ ଖୋଲିଯିବ ଭାଗ୍ୟ

ଜୀବନରେ ସର୍ବଦା ଦୁଇ ପ୍ରକାରର ସମୟ ଜୀବନରେ ଦେଖାଯାଇଥାଏ । ତାହା ହେଉଛି ଦୁଃଖ ଏବଂ ସୁଖ । ତେବେ ଧର୍ମ, ଜ୍ୟୋତିଷ ଏବଂ ବାସ୍ତୁ ଶାସ୍ତ୍ରକୁ ଛାଡି ଶକୁନ ଶାସ୍ତ୍ରରେ ଏମିତି କିଛି ଶୁଭ-ଅଶୁଭ ସଙ୍କେତ ଦେଇଥାନ୍ତି । ଆଜି ଆମେ ଏମିତି ଏକ ଘଟଣା କଥା କହିବୁ ଯାହା ହେବା ଦ୍ୱାରା ଆପଣଙ୍କ ଭାଗ୍ୟ ଖୋଲିଯିବ ।



♦ ଅଗଣାରେ କିମ୍ବା ବାଲକୁନିରେ ଯଦି ଘରଚଟିଆ ଚଢେଇ ଆସି ପହଁଚେ ତେବେ ଏହା ଅତ୍ୟନ୍ତ ଶୁଭ ଦାୟକ । ସକାଳୁ ସକାଳୁ ଯଦି ଏମାନେ ଯିବା ଆସିବା କରନ୍ତି ତେବେ ଏହା ଅତ୍ୟନ୍ତ ଶୁଭ ଦାୟକ ଘର ପାଇଁ । ଏମାନେ ଆସିବା ଦ୍ୱାରା ଆପଣଙ୍କ ଜୀବନରେ ଖୁସି , ସଫଳତା ଏବଂ ଧନ ଆସିବାର ସମ୍ଭାବନା ରହିଛି ।

♦ ହିନ୍ଦୁ ଶାସ୍ତ୍ରରେ ଗୋରୁଙ୍କୁ ପୂଜା କରାଯିବା ସହ ଗୋବରକୁ ମଧ ଶୁଭ ମନାଯାଏ । ତେବେ ଆପଣଙ୍କ ଘର ସାମ୍ନାକୁ ଯଦି ଗାଇ ଆସୁଛନ୍ତି ଏବଂ ଗୋବର କରି ଯାଉଛନ୍ତି ତେବେ ଆପଣ ଗୋମାତାଙ୍କୁ ନ ମାରି ଖାଇବାକୁ ଦିଅନ୍ତୁ । ଏହାମଧ ଆପଣଙ୍କ ଭଲ ଦିନ ଆସିବାର ସଂକେତ ପ୍ରଦାନ କରିଥାଏ ।

♦ ସକାଳୁ ସକାଳୁ ଯଦି ଆପଣ ପୂଜା ହୋଇଥିବା ନଡିଆ, ବା ମନ୍ଦିରରେ ଘଣ୍ଟି, ଶଙ୍ଖ ବାଜୁଥିବାର ଶୁଣିବେ ତାହା ଆପଣଙ୍କୁ ଏହା ସୂଚାଇ ଥାଏ ଯେ, ଆଗକୁ ଆପଣ ସଫଳତା ହାସଲ କରିବାକୁ ଯାଉଛନ୍ତି ।

# ଆଳୁରେ ହେବ ଚେହେରା ରଙ୍ଗରେ ପରିବର୍ତ୍ତନ: କରନ୍ତୁ ଏହି ଉପାୟ

ବର୍ତ୍ତମାନ ଶୀତ ଋତୁ ଚାଲିଛି । ଏପରି ପରିସ୍ଥିତିରେ ଆପଣଙ୍କ ତ୍ୱଚାର ଯତ୍ନ ନେବା ଜରୁରୀ ହୋଇଥାଏ । ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଆପଣ ଆଳୁକୁ ଏକ ପରିବା ଭାବରେ ଜାଣିଥିବେ । କିନ୍ତୁ ଆପଣ ଜାଣନ୍ତି କି ଆଳୁ ଅନେକ ଚର୍ମ ସମସ୍ୟାରୁ ମୁକ୍ତି ପାଇବାରେ ସାହାଯ୍ୟ କରିଥାଏ । ବର୍ତ୍ତମାନ ସମୟରେ ସମସ୍ତେ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି, ଏପରି ପରିସ୍ଥିତିରେ ତ୍ୱଚାର ରଙ୍ଗ ବିଷୟରେ ମହିଳାମାନଙ୍କ ମଧ୍ୟରେ ଏକ ଭିନ୍ନ କ୍ରେଜ୍ ଦେଖିବାକୁ ମିଳିଛି । ସୁନ୍ଦର ଦେଖାଯିବାରେ ଆଳୁ ଆପଣଙ୍କୁ ସାହାଯ୍ୟ କରି ପାରିବ । ତେବେ ଜାଣି ରଖନ୍ତୁ ଆଳୁ କିପରି ଆପଣଙ୍କ ତ୍ୱଚାର ରଙ୍ଗକୁ ପରିବର୍ତ୍ତନ କରି ପାରିବ ।

**ଏହି ଉପାୟରେ ମୁହଁରେ ଆଳୁ ଲଗାନ୍ତୁ-**

ଆଳୁ ଏବଂ ମହୁ: ଚେହେରାର ରଙ୍ଗକୁ ଉନ୍ନତ କରିବା ପାଇଁ ଆଳୁ ରସରେ ମହୁ ମିଶାନ୍ତୁ ଏବଂ ପରେ ଏହାକୁ ଭଲ ଭାବରେ ମିଶାଇ ମୁହଁ ଏବଂ ବେକରେ ଲଗାନ୍ତୁ । କିଛି ସମୟ ପରେ ଏହାକୁ ଭଲ ପାଣିରେ ଧୋଇ ଦିଅନ୍ତୁ । ଏହି ଫେସ୍ ମାସ୍କକୁ ପ୍ରତିଦିନ ଲଗାଇବା ଦ୍ୱାରା ତ୍ୱଚା କୋମଳ ହେଇଥାଏ ଏବଂ ଚେହେରାରେ ଚମକ ଆସିଥାଏ ।

ଆଳୁ ଏବଂ ଲେମ୍ବୁ: ଆଳୁ ଏବଂ ଲେମ୍ବୁରେ ତିଆରି ଏକ ଫେସ୍ ପ୍ୟାକ୍ ବ୍ୟବହାର କଲେ ଚେହେରାରେ ଚମକ ଆସିଥାଏ । ଏହି ପ୍ୟାକ୍ ପ୍ରସ୍ତୁତ କରିବା ପାଇଁ ୨ ଚାମଚ ଲେମ୍ବୁ ଏବଂ ମହୁକୁ ୨ ଚାମଚ ଆଳୁ ରସରେ ମିଶାନ୍ତୁ, ଏହି ତିନୋଟି ରସକୁ ମିଶ୍ରଣ କରିବା ପରେ ଏହି ପ୍ୟାକ୍ ମୁହଁରେ ଲଗାନ୍ତୁ । ଏହା ଶୁଖିଗଲେ ମୁହଁକୁ ପାଣିରେ ଧୋଇ ଦିଅନ୍ତୁ । ଏହା କରିବା ଦ୍ୱାରା ତ୍ୱଚା ସଫା ହୋଇଥାଏ ।




# ଏହି ଲୋକମାନେ ଭୁଲରେ ବି ଖାଆନ୍ତୁ ନାହିଁ କାଜୁ

କାଜୁ ଖାଇବାକୁ ଅନେକ ଲୋକେ ଭଲ ପାଇଥାନ୍ତି । କାରଣ ଏହା ପାଟିକୁ ଯେତେ ସ୍ୱାଦିଷ୍ଟ ଲାଗେ ଶରୀର ପାଇଁ ମଧ ସେତିକି ଉପଯୋଗୀ ହୋଇଥାଏ । କାଜୁରେ ଭିଟାମିନ୍, ପ୍ରୋଟିନ୍, ଫାଇବର, ଫସଫରସ୍, ସେଲେନିୟମ୍, କ୍ୟାଲସିୟମ୍, ଆଇରନ୍, ଫାଇବର, ଫୋଲେଟ୍, ମ୍ୟାଗ୍ନେସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଆଦି ଭରପୁର ମାତ୍ରାରେ ରହିଥାଏ । ଯାହା ଶରୀରକୁ ସୁସ୍ଥ ରଖିବା ସହ ତ୍ୱଚାକୁ ମଧ କୋମଳ ରଖିଥାଏ । କିନ୍ତୁ ଆପଣ ଜାଣିଛନ୍ତି କି ଏପରି ବି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କୁ କାଜୁ ସେବନ କରିବାକୁ ବାରଣ କରାଯାଏ । ତେବେ ବର୍ତ୍ତମାନ ଆସନ୍ତୁ ଜାଣିବା ସେହି ବ୍ୟକ୍ତିମାନଙ୍କ ବିଷୟରେ...

**ଫାଇଦା ବଦଳରେ ଭୋଗିବାକୁ ପଡିବ ଅନେକ ସମସ୍ୟା**

ମାଇଗ୍ରେନ ସମସ୍ୟା: ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ଯେଉଁ ବ୍ୟକ୍ତିମାନଙ୍କର ମୁଣ୍ଡ ବ୍ୟଥା କିମ୍ବା ମାଇଗ୍ରେନ ପରି ସମସ୍ୟା ଅଛି ସେହି ବ୍ୟକ୍ତିମାନେ କାଜୁ ସେବନ କରିବା ଉଚିତ ନୁହେଁ । କାରଣ କାଜୁରେ ଥିବା ଆମିନୋ ଏସିଡ୍ ଏହି ସମସ୍ୟାକୁ ଅଧିକ ବଢାଇ ଦେଇଥାଏ । ତେଣୁ ମାଇଗ୍ରେନ୍ ସମସ୍ୟା ଥିଲେ କାଜୁ ସେବନ ଠାରୁ ଦୂରେଇ ରୁହନ୍ତୁ ।

ପେଟ ଗ୍ୟାସ୍: କାଜୁରେ ଥିବା ଫାଇବର ସ୍ୱାସ୍ଥ୍ୟ ପାଇଁ ବହୁତ ଉପଯୋଗୀ ହୋଇଥାଏ । କିନ୍ତୁ ଅଧିକ ମାତ୍ରାରେ ଫାଇବର ପେଟ ଫୁଲିବା ବା ଗ୍ୟାସ ପରି ସମସ୍ୟାକୁ ଉତ୍ପନ୍ନ କରିଥାଏ । ତେଣୁ ଏହିପରି ସମସ୍ୟା ଥିବା ବ୍ୟକ୍ତିମାନେ କାଜୁ ଖାଇବା ଉଚିତ୍ ନୁହେଁ ।

ମୋଟାପଣ: ଆପଣ ଯଦି ନିଜର ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି ତେବେ ଅଧିକ ମାତ୍ରାରେ କାଜୁ ସେବନ କରନ୍ତୁ ନାହିଁ । କାରଣ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, କାଜୁରେ ବହୁତ ମାତ୍ରାରେ କ୍ୟାଲୋରୀ ଥାଏ । ଯାହାକି ଶରୀରର ଓଜନ ବୃଦ୍ଧି କରିଥାଏ । ତେଣୁ ଯେଉଁ ବ୍ୟକ୍ତିମାନଙ୍କର ମୋଟପଣ ସମସ୍ୟା ଅଛି ସେମାନେ କାଜୁ ଠାରୁ ନିଜକୁ ଦୂରେଇ ରଖନ୍ତୁ ।

ଉଚ୍ଚ ରକ୍ତଚାପ: କାଜୁରେ ବହୁତମାତ୍ରାରେ ସୋଡିୟମ ରହିଥାଏ । ଯାହାକି ଅଧିକ ମାତ୍ରାରେ ସେବନ କରିବା ଶରୀର ପାଇଁ କ୍ଷତିକାରକ ହୋଇଥାଏ। ତେବେ ଏପରି ସ୍ଥିତିରେ ଯଦି ଆପଣଙ୍କର ଉଚ୍ଚ ରକ୍ତଚାପ ଜନିତ ସମସ୍ୟା ଥାଏ ତା ହାଲେ ଆପଣ କାଜୁ ଖାଆନ୍ତୁ ନାହିଁ । କାରଣ ଏହା ଶରୀରରେ ସୋଡିୟମର ମାତ୍ରାକୁ ବୃଦ୍ଧି କରିଥାଏ ।ଫଳରେ ଶରୀରରେ ଉଚ୍ଚ ରକ୍ତଚାପ, ଚିନ୍ତା, ଏବଂ ହୃଦଘାତ ପରି ସମସ୍ୟା ସୃଷ୍ଟି କରେ ।



# ନଖ ଉପରେ ହେଉଛି କି ଧଳା ଚିହ୍ନ : ସାବଧାନ ହୋଇପାରେ ଏହି ବଡ଼ ସମସ୍ୟା

ନଖ ଆମ ସ୍ୱାସ୍ଥ୍ୟର ଅନେକ ରହସ୍ୟ ପ୍ରକାଶ କରିଥାଏ । ଯଦି ଶରୀରରେ କୌଣସି ପ୍ରକାରର ରୋଗ ଥାଏ ତେବେ ଏହାର ପ୍ରଭାବ ନଖରେ ଦେଖାଯିବା ଆରମ୍ଭ କରେ । ଅନ୍ୟପଟେ ନଖରେ ଧଳା ଦାଗ ହେବାର ଅନେକ କାରଣ ଥାଇପାରେ । ନଖରେ ଧଳା ଦାଗ ହେବାର କାରଣ ସାଧାରଣ ହୋଇନଥାଏ । ଏହା ଲ୍ୟୁକୋନିସିଆ ଦ୍ୱାରା ମଧ ହୋଇପାରେ । ନଖରେ ଆଘାତ ହେତୁ ଲ୍ୟୁକୋନିସିଆ ହୁଏ । ତେବେ ଆପଣ ଜାଣି ରଖନ୍ତୁ ନଖରେ ଧଳା ଚିହ୍ନ ହେବାର କାରଣ କ'ଣ ହୋଇପାରେ ।

**ନଖ ଉପରେ ଧଳା ଚିହ୍ନର କାରଣ-**

ନଖରେ ଧଳା ଚିହ୍ନ ପଛରେ ଏକ ଆଲର୍ଜି ପ୍ରତିକ୍ରିୟା ମଧ ହୋଇଥାଏ । ଏହା ପଛର କାରଣ ନେଲପଲିସ୍, ଗ୍ଲୋସ୍, କିମ୍ବା ନେଲପଲିସ୍ ରିମୋଭର୍ ହୋଇଥାଏ । ଆଲର୍ଜି ମଧ ନଖରେ ଧଳା ଦାଗର କାରଣ ହୋଇଥାଏ। କେବଳ ଏତିକି ନୁହେଁ, କୃତ୍ରିମ ନଖ ମଧ ନଖର କ୍ଷତି ଘଟାଇଥାଏ ।

ଫଙ୍ଗଲ୍ ସଂକ୍ରମଣ ନଖରେ ଧଳା ରଙ୍ଗ ସୃଷ୍ଟି କରିଥାଏ । ସଂକ୍ରମଣର ପ୍ରଥମ ଲକ୍ଷଣ ହେଉଛି ନଖ ଉପରେ କିଛି ଛୋଟ ଧଳା ଦାଗ । କେବଳ ଏତିକି ନୁହେଁ, ସଂକ୍ରମଣ ବୃଦ୍ଧି ହେଲେ ନଖ ମୋଟା ଏବଂ ଶୁଷ୍କ ହୋଇପାରେ । ଏପରି ପରିସ୍ଥିତିରେ, ଯଦି ଆପଣଙ୍କର ନଖରେ ଧଳା ଚିହ୍ନ ଥାଏ, ତେବେ ନିଶ୍ଚିତ ଭାବରେ ଏହାକୁ ଡାକ୍ତରଙ୍କୁ ଦେଖାନ୍ତୁ । ଅନେକ ଥର ନଖରେ ଆଘାତ ଲାଗେ । ତେବେ ଆଘାତର ୩ ସପ୍ତାହ ପରେ ନଖରେ ଧଳା ଚିହ୍ନ ଦେଖାଯାଏ । ତେଣୁ ଏହାକୁ ଅଣଦେଖା କରନ୍ତୁ ନାହିଁ । ଶରୀରରେ ଖଣିଜ ପଦାର୍ଥ କିମ୍ବା ଭିଟାମିନ୍ର ଅଭାବ ଥିଲେ ମଧ ନଖରେ ଧଳା ଚିହ୍ନ କିମ୍ବା ଦାଗ ଦେଖାଯାଏ । ପ୍ରାୟତ ଏହା ଜିଙ୍କ ଏବଂ କ୍ୟାଲସିୟମର ଅଭାବ ହେତୁ ହୋଇଥାଏ ।



**ଧଳା ଚିହ୍ନ କମାଇବା ପାଇଁ ଚିକିତ୍ସା-**

୧-ଫଙ୍ଗଲ୍ ଔଷଧ ସେବନ କରନ୍ତୁ ।
୨- ରକ୍ତରେ କୌଣସି ଅସୁବିଧା ହେଲେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।
୩-ଅଧିକ କସମେଟିକ୍ ବ୍ୟବହାର କରନ୍ତୁ ନାହିଁ ।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୨୫ ନଭେମ୍ବର ୨୦୨୨, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦୃଷ୍ଟି ଦିଆଯାଉ...

ଅନେକ ବର୍ଷ ଧରି ଦେଶର ସହର-ଜନପଦରେ ବୁଲା ଓ ପୋଷା କୁକୁରମାନଙ୍କର ଉପଦ୍ରବ ବୃଦ୍ଧି ପାଇଥିବାର ଦେଖାଯାଉଛି । ବୁଲା କୁକୁରମାନେ ଏଣେତେଣେ ବୁଲିଥାନ୍ତି, ସେମାନେ ଅଇଁଠା ପତ୍ର ଖାଇଥାନ୍ତି । ମାତ୍ର ପୋଷା କୁକୁରମାନେ ଅଚିହ୍ନା ଲୋକଙ୍କୁ କାମୁଡ଼ି ଗୋଡ଼ାଇବାର ସଚରାଚର ଅଭିଯୋଗ ହୋଇଥାଏ। କଥାରେ ଅଛି– କୁତା ଅମ୍ଭା ଗଲିମେଁ ଶେର୍। ଅର୍ଥାତ୍ ନିଜ ଗଳିରେ କୁକୁରମାନେ ସିଂହ । ଗୃହପାଳିତ କୁକୁରମାନଙ୍କ କଥା ତ ନିଆରା। ସେମାନଙ୍କୁ ବିସ୍କୁଟ ମିଳିଥାଏ, ମିଳିଥାଏ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଖାଦ୍ୟ। କୁକୁର ପୋଷିବା ସଉକ ରଖୁଥିବା ଲୋକମାନେ ହାତରେ ବାଡ଼ି ଓ ଚେବନ୍ଧା ଗୃହପାଳିତଙ୍କୁ ନେଇ ବିଚରଣ କରିବାର ଦେଖାଯାଇଥାଏ । ଗୃହପାଳିତ ଓ ଇତସ୍ତତ ବିଚରଣ କରୁଥିବା କୁକୁରଙ୍କ କାମୁଡ଼ାରେ ପିଲାଠାରୁ ଆରମ୍ଭ କରି ବଡ଼ମାନେ ଖଣ୍ଡିଆ ଖାବରା ହେଉଥିବା ଅଭିଯୋଗ ଶୁଣିବାକୁ ମିଳେ। କୁକୁରଗୁଡ଼ିକ ଉପରେ କେଉଁ କାଲୁ ନିୟନ୍ତ୍ରଣ ରଖାଯିବା ନେଇ କାହାଣୀ ଶୁଣା ହେଉଛି । କିନ୍ତୁ ବାସ୍ତବତା ଅଲଗା ପ୍ରକାର। ଆଇନ ତା' ବାଟରେ ଅଛି, ବାସ୍ତବତା ତା' ବାଟରେ ଯାଉଛି। ଦୀର୍ଘ ସମୟରୁ ଥିବା ଦନ୍ତୁଡ଼ା ଆଇନ ଦନ୍ତବିହୀନ ହୋଇସାରିଛି । ଜାତୀୟ ସ୍ତରରେ କୁକୁର ବନ୍ଧ୍ୟାକରଣ ଆଇନକୁ ଅଧିକ କଡ଼ାକଡ଼ି କରାଯିବା ସହିତ ରାଜ୍ୟରେ ବ୍ୟବସ୍ଥା ହେଉଛି । ପୋଷା ପଶୁ-ପକ୍ଷୀଙ୍କର ପଞ୍ଜୀକରଣ ଠାରୁ ଆରମ୍ଭ କରି ନେଇ ଛଡ଼ାଯିବା ଆଇନରେ ରହିଯାଇଛି । ଏଭଳି ହେଉଛି, ଯେତେ ଦୂରରେ ସେମାନଙ୍କୁ ଛଡ଼ାଗଲେ ସୁଦ୍ଧା କିଛି ଦିନ ପରେ ସେମାନେ ମୂଳ ପୁରୁଣା ଜାଗାକୁ ଫେରିଆସୁଛନ୍ତି। ସମସ୍ୟା ଯଥା ପୂର୍ବ ତଥା ପରଂ ବନ୍ଧ୍ୟାକରଣ ଅଭିଯାନକୁ ତ୍ୱରାନ୍ୱିତ କରାଯିବା ନେଇ ଯେଉଁ କିଛି ବାଧା ପ୍ରତିବନ୍ଧକ ରହିଛି ତାହାର ଦୂରୀକରଣ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ରାଜଧାନୀ ସମେତ କଟକ, ବ୍ରହ୍ମପୁର, ସମ୍ବଲପୁର ଭଳି ସହରରେ ବୁଲା କୁକୁରମାନଙ୍କର ଉପଦ୍ରବ ଏତେ ଅଧିକ ହେଉଛି, ତାହା ବର୍ଣ୍ଣନାର ବାହାରେ। ସୁତରାଂ, ବୁଲା କୁକୁର ଓ ପାଳିତମାନଙ୍କ ଉପରେ ନିୟନ୍ତ୍ରଣ ନେଇ ପ୍ରାବଧାନ ହେବା ଜରୁରି। ପୋଷା କୁକୁରଙ୍କ ପାଇଁ ସ୍ୱତନ୍ତ୍ର ଆଇନ ଆସିବା ଦିଗରେ ବ୍ୟବସ୍ଥା ଭିତରେ ପଶୁପ୍ରେମୀମାନଙ୍କ ଠାରୁ ପ୍ରସ୍ତାବ ଓ ପରାମର୍ଶ ମଗାଯାଇଛି । କରୁଥିବା କର୍ତ୍ତୃପକ୍ଷ କାହିଁକି ବୁଲା କୁକୁରଙ୍କ ଉପଦ୍ରବ ରୋକି ନପାରିବେ ମଶା ଉପଦ୍ରବ କଥା କହିଲେ ନସରେ । ମୁକୁଳା ନର୍ଦ୍ଦମା ହେଉଛି ମଶା ପ୍ରଜନନର ମୂଳ ଉତ୍ସ । କି ରାତି କି ଦିନ ମଶା ଉପଦ୍ରବ ମାମୁଲି କଥା ହୋଇଥିବା ବେଳେ ମଶାକାମୁଡ଼ା ବିଷୟ ଆମର ପୌରସଂସ୍ଥାମାନେ ବୁଝିବା କଥା। ଅଭିଯୋଗ ହେଲେ ଥରେ ଅଧେ ଅଳନ୍ଧୁ ଝାଡ଼ି ଟିଫା ମେସିନ୍ ବାହାର କରି ଧୂଆଁ ଛଡ଼ାଯାଏ। ପରେ ଯେଉଁ କଥାକୁ ସେଇ କଥା। ମଶାଧୂପ କାରବାର ବଢୁଛି, ଲିକ୍ୱିଡ୍ କାରବାର ମଧ୍ୟ ବଢୁଛି। ତେଣୁ ପୌରସଂସ୍ଥାମାନେ ନାହିରେ ତେଲ ପକାଇ ବସି ରହୁଛନ୍ତି ବୋଲି ଅଭିଯୋଗ ହେଉଛି। ଏହା କେବଳ ଯେ ସହରରେ ବସବାସ କରୁଥିବା ଲୋକମାନଙ୍କ ଜୀବନକୁ ବିପଦାପନ୍ନ କରୁଛି ତାହା ନୁହେଁ, ଅପର ପକ୍ଷେ ମଶା କାମୁଡ଼ା ଯୋଗୁ ସାମଗ୍ରିକ ଭାବେ ସହରର ସ୍ୱାସ୍ଥ୍ୟ ମଧ୍ୟ ଆପଦାପୂର୍ଣ୍ଣ ହୋଇପଡୁଛି । କୁକୁର ନିୟନ୍ତ୍ରଣ ସହିତ ମଶା ଉପଦ୍ରବ ନେଇ କିଛି ଠୋସ୍ ପଦକ୍ଷେପ ନିଆନଗଲେ ସାଧାରଣ ଟିକସଦାତାଙ୍କ ଜୀବନ ଦୁର୍ବିସହ ହୋଇପଡ଼ିବ। କୁକୁର କାମୁଡ଼ା ପାଇଁ ଏ ଡାକ୍ତରଖାନାରୁ ସେ ଡାକ୍ତରଖାନା ହୋଇ ଲୋକେ କିଭଳି ଇଂଜେକ୍ସନ ପାଇଁ ନର୍ଦ୍ଦମା ସଫା ଉପରେ ଜୋର ଦିଆଗଲେ ମଶା ଦାଉରୁ ଲୋକମାନଙ୍କୁ ରକ୍ଷା କରିହେବ। ସେ ଦିଗରେ କର୍ତ୍ତୃପକ୍ଷ ଅବଶ୍ୟ ବିଚାର କରିପାରନ୍ତି।

# ରାଜ୍ୟର ଅଭିବୃଦ୍ଧିରେ ବ୍ୟାଙ୍କ ଓ ଗ୍ରାହକ ସେବା

ଡଃ. ବିଭୂତି ପ୍ରସାଦ ମିଶ୍ର

ଭାରତୀୟ ଅର୍ଥନୀତିରେ ବ୍ୟାଙ୍କ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ପ୍ରତିଟି ବ୍ୟକ୍ତି ସମାଜ, ଗୃହ, ସର୍ବୋପରି ରାଷ୍ଟ୍ରର ଆର୍ଥିକ ଅଭିବୃଦ୍ଧିର ଶ୍ରେଷ୍ଠ ମାଧ୍ୟମ ହେଉଛି ବ୍ୟାଙ୍କ। ଆଜି ସମଗ୍ର ବିଶ୍ୱରେ ଭାରତର ବ୍ୟାଙ୍କ ଗୁଡ଼ିକ ନିଜ ଶ୍ରେଷ୍ଠତା ଅର୍ଜନ କରିଛନ୍ତି। ନିକଟରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ବ୍ୟାଙ୍କ ଗୁଡ଼ିକ ସବୁ କ୍ଷେତ୍ରକୁ ଋଣପ୍ରଦାନ ବୃଦ୍ଧି କରିବାକୁ ଉନ୍ନୟନ କମିଶନର ମତବ୍ୟକ୍ତ କରିଛନ୍ତି। ଉନ୍ନୟନ କମିଶନର କହିଥିଲେ ଯେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସରକାରଙ୍କ ମୂଳ ଲକ୍ଷ୍ୟ। ସବୁ ଅଞ୍ଚଳରେ ବ୍ୟାଙ୍କିଙ୍ଗ ସୁବିଧା ଉପଲବ୍ଧ ନଥିବାରୁ ସାଧାରଣ ବ୍ୟାଙ୍କିଙ୍ଗ ସୁବିଧାରୁ କେତେକ ଅଞ୍ଚଳର ଜନସାଧାରଣ ବଞ୍ଚିତ ହେଉଛନ୍ତି। ରାଜ୍ୟର ଗ୍ରାମାଞ୍ଚଳରେ ୪୦ ପ୍ରତିଶତରୁ କମ ଗ୍ରାମପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ରହିଛି। ଜାତୀୟ ସ୍ତରରେ ଏକ ଲକ୍ଷ ଜନସଂଖ୍ୟାର ୧୮.୧୨ ପ୍ରତିଶତ ସ୍ଥାୟୀ ବ୍ୟାଙ୍କ ଥିବାବେଳେ ରାଜ୍ୟରେ ଏହା ୧୩.୦୬ ପ୍ରତିଶତ ରହିଛି। ଏହି ବ୍ୟବଧାନକୁ ଖୁବ ଶୀଘ୍ର ହ୍ରାସ କରିବା ପାଇଁ ପଦକ୍ଷେପ ନେବାକୁ ଉନ୍ନୟନ କମିଶନର ସବୁ ବ୍ୟାଙ୍କ ଗୁଡ଼ିକର ନିୟନ୍ତ୍ରଣ ମୁଖ୍ୟ ମାନଙ୍କୁ ପରାମର୍ଶ ଦେଇଥିଲେ। ନଗଦ ଜମା ଅନୁପାତ ପ୍ରତି ବ୍ୟାଙ୍କ ପାଇଁ ମୁଖ୍ୟ ସୂଚକ ହୋଇଥିବାବେଳେ ରାଜ୍ୟରେ ପ୍ରତି ବ୍ୟାଙ୍କର ନଗଦ ଜମା ଅନୁପାତରେ ଉଲ୍ଲେଖନୀୟ ଉନ୍ନତି ହୋଇ ସେପ୍ଟେମ୍ବର ୩୦ ସୁଦ୍ଧା ୭୬.୮୫ ପ୍ରତିଶତ ହୋଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଇଣ୍ଡିଆନ ଓଭରସିଜ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ଓ ପଞ୍ଜାବ ଓ ସିନ୍ଧ ବ୍ୟାଙ୍କ ନଗଦ ଜମା ଅନୁପାତରେ ଉଲ୍ଲେଖନୀୟ ଉନ୍ନତି କରିପାରିନାହାନ୍ତି। ଆଗାମୀ ଦିନରେ ଏ କ୍ଷେତ୍ରରେ ଅଗ୍ରଗତି ପାଇଁ ଦୃଷ୍ଟି ଦେବାକୁ ସେ ବ୍ୟାଙ୍କମାନଙ୍କୁ କହିଥିଲେ। ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡ଼ିକ ବାର୍ଷିକ ଋଣ ଯୋଜନାର ୫୦ ପ୍ରତିଶତ ଲକ୍ଷ୍ୟ ହାସଲ କରିଥିବାବେଳେ ପୂର୍ବ ବର୍ଷ ଏହା ୩୭.୪୧ ପ୍ରତିଶତ ଥିଲା। ଏହି ଉଲ୍ଲେଖନୀୟ ସଫଳତା ପାଇଁ ଉନ୍ନୟନ କମିଶନର ବ୍ୟାଙ୍କ ଗୁଡ଼ିକୁ ପ୍ରଶଂସା କରିଥିଲେ। ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ହାସଲରେ ବେସରକାରୀ ବ୍ୟାଙ୍କ ଗୁଡ଼ିକ ସରକାରୀ ବ୍ୟାଙ୍କ ମାନଙ୍କ ଠାରୁ ଅଧିକ ସଫଳତା ପାଇଛନ୍ତି। ବ୍ୟାଙ୍କଗୁଡ଼ିକ ଏବଂ ଜିଲ୍ଲାପାଳ ମାନଙ୍କ ମିଳିତ ଉଦ୍ୟମରେ କୃଷି କ୍ଷେତ୍ରରେ ୫୫.୪୦ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇପାରିଛି ବୋଲି ଉନ୍ନୟନ କମିଶନର ଦର୍ଶାଇଥିଲେ।

ଭାରତର ସମସ୍ତ ବ୍ୟାଙ୍କ ଭିତରେ ପ୍ରଥମ ସ୍ଥାନରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଲୋକମାନଙ୍କୁ ସାମଗ୍ରୀକ ସୁବିଧା ସୁଯୋଗ ଓ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ରଖିଛି। ଭାରତୀୟ ମାନଙ୍କର ଏକ ନିର୍ଭରଯୋଗ୍ୟ ବ୍ୟାଙ୍କ ଭାବେ ଷ୍ଟେଟ ବ୍ୟାଙ୍କ ବେଶ ପରିଚିତ। ଓଡ଼ିଶାରେ କଟକ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପ୍ରଗତି ଓ ଜନସାଧାରଣଙ୍କୁ ସାମଗ୍ରିକ ବ୍ୟାଙ୍କ ସ୍ୱାର୍ଥ ସୁବିଧା ଯୋଗାଇବାରେ ବିଶେଷ ଅଗ୍ରଗତି କରି ଗ୍ରାହକଙ୍କ ବିଶ୍ୱାସଭାଜନ ହେବା ସହ ବ୍ୟାପକ ସହଯୋଗର ହାତ ବଢ଼ାଇଛି। କେନ୍ଦ୍ର ସରକାର ପେନସନଭୋଗୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଓ ସେମାନଙ୍କର ହାତପାହାନ୍ତାରେ ବ୍ୟାଙ୍କ ସେବା ସୁବିଧା ବ୍ୟାପକ ଉପଲବ୍ଧ କରୁଛନ୍ତି। ନିକଟରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାରେ ଭାରତ ସରକାରଙ୍କ ଦ୍ୱାରା ପେନସନଭୋଗୀଙ୍କ ପାଇଁ ଡିଜିଟାଲ ଲାଇଫ ସାର୍ଟିଫିକେଟ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ପେନସନ ଓ ପେନସନ ୱେଲଫେୟାର ବିଭାଗର ଅଣ୍ଡର ସେକ୍ରେଟାରୀ ଶ୍ରୀ ବିଶାଳ କୁମାର, ଏଏସ୍‌ଓ ଅଂଶୁଳ ଶର୍ମା, ଇଓ୍ୱାଇଡିଆଇ (ଆଧାର)ର ଡେପୁଟି ଡାଇରେକ୍ଟର ଟି. ଚୈତନ୍ୟ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଏହି ସର୍ବବୃହତ୍ତ ଯୋଜନା ପେନସନ ଭୋଗୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସେବା ସହଯୋଗ ବୋଲି ମତବ୍ୟକ୍ତ କରିଥିଲେ। ଏହାଦ୍ୱାରା ଜୀବନ ପ୍ରମାଣ ଆପ ଦ୍ୱାରା ପେନସନଭୋଗୀମାନେ ଜୀବନ ପ୍ରମାଣ ପତ୍ର ପୈଠ କରିପାରିବେ ଯାହାଦ୍ୱାରା ସେମାନଙ୍କୁ ବ୍ୟାଙ୍କକୁ ଆସି ସେମାନଙ୍କର ମୂଲ୍ୟବାନ ସମୟର ଅପବ୍ୟୟ କରିବାକୁ ପଡ଼ିବନି। ଏହି ଅବସରରେ ଶତାଧିକ ପେନସନଭୋଗୀ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣ ପତ୍ର ପୈଠ କରିଥିଲେ। କାର୍ଯ୍ୟକ୍ରମକୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାର ଉପମହାପ୍ରବନ୍ଧକ ସନ୍ତୋଷ କୁମାର ବେହେରା, ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ନାୟକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକରୁ ଉର୍ଦ୍ଧ୍ୱ ଗ୍ରାହକ, ପେନସନଭୋଗୀ, ଅର୍ଥନୀତି ବିଶାରଦ, ପୂର୍ବତନ ବ୍ୟାଙ୍କ କର୍ମକର୍ତ୍ତା ଓ ଗଣମାଧ୍ୟମ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ। ସୂଚନାଥାଉକି କଟକ ମୁଖ୍ୟ ଶାଖା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଉପମହାପ୍ରବନ୍ଧକ ସନ୍ତୋଶ କୁମାର ବେହେରାଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଏହି ଶାଖା ଜନସାଧାରଣଙ୍କ ବିଶ୍ୱାସ ଜିତିବା ସହ କଟକ ସହରର ସମସ୍ତ ବ୍ୟାଙ୍କ ଭିତରେ ଶ୍ରେଷ୍ଠ ଓ ଉଦାହରଣ ସୃଷ୍ଟିକାରୀ ଆଦର୍ଶଣୀୟ ବ୍ୟାଙ୍କ ଶାଖା ପାଲଟିଛି। ଗ୍ରାହକମାନେ ତତ୍କାଳ ଓ ଉନ୍ନତମାନର ସେବା ପାଉଛନ୍ତି।

ଷ୍ଟେଟ ବ୍ୟାଙ୍କର ଏହି ଶାଖା ବିଶେଷକରି ପରିଣତ ବୟସର ନାଗରିକ, ପେନସନ ଭୋଗୀ, ଦିବ୍ୟାଙ୍ଗ, ମହିଳା ଓ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସେବା ପ୍ରଦାନ କରୁଛନ୍ତି। ଗ୍ରାହକମାନେ ଅତ୍ୟନ୍ତ ଖୁସି ବ୍ୟକ୍ତ କରୁଛନ୍ତି ଏହି ଶାଖାର ଶ୍ରେଷ୍ଠ ଓ ଉନ୍ନତମାନର ସେବା ପାଇଁ।

ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଅର୍ଥ ସଚିବ ବିଶାଲ କୁମାର ଦେବ ବୈଠକରେ ଉପସ୍ଥିତ ରହି ରାଜ୍ୟର ନଗଦ ଜମା ଅନୁପାତ, ବାର୍ଷିକ ଋଣ ଯୋଜନା କ୍ଷେତ୍ରର ଲକ୍ଷ୍ୟ ହାସଲ ଏବଂ କୃଷି ଓ ଆନୁସଙ୍ଗିକ କ୍ଷେତ୍ର, ଏମଏସଏମଇ କ୍ଷେତ୍ର, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନର ହାରାହାରି ଋଣ ପରିମାଣକୁ ୨.୭୦ ଲକ୍ଷରୁ ୪ଲକ୍ଷକୁ ବୃଦ୍ଧି କରିବା ଏବଂ ମିଶନ ଶକ୍ତିକୁ ଅଧିକ ସଶକ୍ତ କରିବା ସମ୍ବନ୍ଧରେ ଆଲୋକପାତ କରିଥିଲେ। କୃଷି, ଉଦ୍ୟୋଗ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆର୍ଥିକ ବିକାଶ ଏବଂ ରାଜ୍ୟର ପ୍ରଗତି ପାଇଁ ବ୍ୟାଙ୍କ ଗୁଡ଼ିକର ସମୟୋଚିତ ଋଣ ପ୍ରଦାନ ଅତ୍ୟନ୍ତ ମହାତ୍ତ୍ୱପୂର୍ଣ୍ଣ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ, ଏମଏସଏମଇ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ ଶାସନ ସଚିବ ଏସ.କେ.ବଶିଷ୍ଠ, ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର ଶାଖାର ଆଞ୍ଚଳିକ ନିର୍ଦ୍ଦେଶକ ଏଚ.ଏନ.ପଣ୍ଡା, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଶତପଥୀ, ନାବାର୍ଡ଼ର ମୁଖ୍ୟ ସାଧାରଣ ପରିଚାଳକ ସି.ଉଦୟ ଭାସ୍କର, ଏସବିଆଇର ମୁଖ୍ୟ ସାଧାରଣ ପରିଚାଳକ ଚନ୍ଦର ଶେଖର ଶର୍ମା, ଏସଏଲବିସିର ଅଧକ୍ଷ ତଥା ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟ ନିର୍ବାହୀ ସୋମାଶଙ୍କର ପ୍ରସାଦ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଓଡ଼ିଶାର ଅଗ୍ରଗତିରେ ବ୍ୟାଙ୍କ ମାନଙ୍କର ଉଲ୍ଲେଖନୀୟ ଭୂମିକା ରହିଛି। ବିଶେଷକରି ଛାତ୍ରଋଣ, କୃଷିଋଣ, ମହିଳାମାନଙ୍କୁ ଋଣ ଓ ଦିବ୍ୟାଙ୍ଗ ମାନଙ୍କୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରି ସାମଗ୍ରିକ ଅଭିବୃଦ୍ଧିରେ ସେମାନଙ୍କର ଯୋଗଦାନକୁ ଆହୁରି ବ୍ୟାପକ କରନ୍ତୁ।


ଅବସରପ୍ରାପ୍ତ ଅନୁସଚିବ,
ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ,
୧୨୨୪ ବି, ସେକ୍ଟର-୯,
ସିଡିଏ, କଟକ


# ଉତ୍ତମ ଶାସନର ପରିଭାଷା

ବିଷ୍ଣୁ ପ୍ରସାଦ ଦାସ

ପୃଥିବୀ ପୃଷ୍ଠରେ ଅନେକ ଦେଶ ଅଛନ୍ତି ଏବଂ ସେମାନଙ୍କର ଶାସନ ପ୍ରଣାଳୀ ଅନ୍ୟ ଦେଶ ଠାରୁ ଭିନ୍ନ ? ଆଜି କାଲି ସାଧାରଣତଃ ପା ଟି ସରକାରୀ ବ୍ୟବସ୍ଥାରେ ଦେଶର ଶାସନ ବ୍ୟବସ୍ଥା ଚାଲୁଅଛି, ସାଧାରଣ, ଗଣତନ୍ତ୍ର, ରାଜତନ୍ତ୍ର, ସାମ୍ପ୍ରଦାୟିକତା ଏବଂ ଏକଛତ୍ରବାଦୀ ଶାସନ ଅନ୍ତର୍ଭୁକ୍ତ ? ବହୁଦଳୀୟ, ନିର୍ଦ୍ଦଳୀୟ, ଏକ ଦଳୀୟ, ସାମରିକ, ରାଜାଙ୍କ ଦ୍ୱାରା ଶାସିତ ଦେଶ ସମୂହ ନିଜ ଦେଶବାସୀଙ୍କୁ ଉତ୍ତମ ଶାସନ ଦେବାକୁ ବଦ୍ଧ ପରିକର ଥା'ନ୍ତି ତେବେ ଅନେକ ଦେଶର ନାଗରିକ ନିଜ ଶାସନକର୍ତ୍ତାଙ୍କ ଶାସନ ବ୍ୟବସ୍ଥା ଉପରେ ଅସନ୍ତୁଷ୍ଟ ହେବାର ଅନେକ ନଜିର ରହିଛି, ଶାସକ ନିଜ ସ୍ୱାର୍ଥ ସିଦ୍ଧି ପାଇଁ ଦୁର୍ନୀତିରେ ଲିପ୍ତ ହେବା, ଦେଶର ପ୍ରଗତି ତଥା ଦେଶବାସୀଙ୍କ ହିତ ପାଇଁ କାର୍ଯ୍ୟ କରିବା ବଦଳରେ ଦେଶକୁ ଋଣ ଭାରରେ ବୁଡାଇ ରଖିବା, ନାଗରିକ ମାନଙ୍କ ସ୍ୱାଧୀନତାକୁ ଅଣଦେଖା କରିବା, ଅଯଥା କର ଭାର ବଢାଇବା, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ରର ମୂଲ୍ୟ ବୃଦ୍ଧି କରିବା, ନିମ୍ନ ଓ ମଧ୍ୟବିତ୍ତ ଶ୍ରେଣୀକୁ ଅଣଦେଖା କରିବା, ରାଷ୍ଟ୍ରୀୟ ଯୋଜନାକୁ ପୂର୍ଣ୍ଣ ନକରିବା, କୃଷି ଶିଳ୍ପ ଉପରେ ଗୁରୁତ୍ୱ ନଦେବା, ଶିକ୍ଷା ସ୍ୱାସ୍ଥ୍ୟ, ଖାଦ୍ୟ ପାନୀୟ ଉପରେ ନିୟନ୍ତ୍ରଣ ନ' ରଖିବା, ରପ୍ତାନି ନବଢାଇବା, ଜାତୀୟ ସୁରକ୍ଷା ପ୍ରତି ଧ୍ୟାନ ନଦେବା ଇତ୍ୟାଦି ଦେଶ ପାଇଁ ମହା ବିପଦ ଡାକି ଆଣେ? ନିକଟରେ ଶ୍ରୀଲଙ୍କା ଏହିପରି ଅବସ୍ଥାରେ ପଡି ହନ୍ତସନ୍ତ ହେଉଛି, ଦେଶରେ ରାଜନୈତିକ ଅସ୍ଥିରତା ସହିତ ରାଷ୍ଟ୍ର ମୁଖ୍ୟ ଦେଶ ଛାଡି ଲୁଚି ପଳାୟନ କରିଛନ୍ତି? ଅନ୍ୟପଟେ ୟୁକ୍ରେନ ଏବଂ ଋଷିଆର ରାଷ୍ଟ୍ର ମୁଖ୍ୟ ମାନେ ନିଜ ଜିଦରେ ଅଟଳ ରହି ଦେଶର ତଥା ନିରୀହ ଜନତାଙ୍କର ଅପୂରଣୀୟ କ୍ଷତି କରିଚାଲିଛନ୍ତି , ଖାଲି ଏହି ଦୁଇଦେଶ ନୁହେଁ ଏହି ଯୁଦ୍ଧର ପ୍ରଭାବରେ ଅନ୍ୟ ଦେଶ ସମୂହ ମଧ୍ୟ ଅନେକ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ?

ମଧ୍ୟ ପ୍ରାଚ୍ୟ ଦେଶ ସମୂହ ବର୍ଷକ ବାରମାସ କିଛି ନା କିଛି ବିଷୟକୁ ନେଇ ଅଶାନ୍ତି ଭିତରେ ଗତି କରି ଚାଲିବା ସହିତ ଧନ ଜୀବନ ନଷ୍ଟ ହେଉଛି, ଅନେକ ସ୍ଥାନରେ ଧର୍ମକୁ ଦ୍ୱାହିଦେଇ ହିଂସା ଚରମ ସୀମାକୁ ଛୁଇଁଲାଣି, ଦେଶର ନାଗରିକ ମାନଙ୍କର ସୁରକ୍ଷା ନାହିଁ କହିଲେ ଚଳେ, ମାନବିକତା ଶବ୍ଦ ବୋଧ ହୁଏ ଏହି ଶାସକ ମାନଙ୍କ ଅଭିଧାନରୁ ଲିଭିଯାଇଛି କ୍ଷମତାର ବଳୟ ମଧ୍ୟରେ ରହି ନିଜ ଦେଶର ଜନତାଙ୍କୁ ଶୋଷଣ କରିବା ସହିତ ପଡୋଶୀ ରାଷ୍ଟ୍ରର ସାର୍ବଭୌମତ୍ୱ ଉପରେ ହସ୍ତକ୍ଷେପ କରିବା ଏକ ସାଧାରଣ ବିଷୟ ହୋଇଗଲାଣି ଓ ମିଳିତ ଜାତିସଙ୍ଘ ଆଜି ସ୍ଥାଣୁ ତଥା ଧନୀ ଦେଶର ଇଙ୍ଗିତରେ ପରିଚାଳିତ ହେବାର ଅନେକ ନଜିର ରହିଛି ଓ ଚୀନ ଶାସକଙ୍କ ଲୋଲୁପ ଦୃଷ୍ଟି ଆଜି ତାଇୱାନ ଉପରେ, କଳେ ବଳେ କୌଶଳେ ତାଇୱାନ ଦଖଲ କରିବାକୁ ଚେଷ୍ଟିତ, ଆମେରିକାର ବିରୋଧ ସତ୍ୱେ ମଧ୍ୟ ଚୀନ ନିଜର ଜିଦରେ ଅଟଳ ଓ ଉତ୍ତର କୋରିଆର ଶାସକ କିମଜଙ୍ଗ ଆଣବିକ ଶକ୍ତିର ଦୁରୁପଯୋଗ କରିବାକୁ ପଛାଉନାହିଁ ନିଜର କୁବୁଦ୍ଧି ଦ୍ୱାରା ଶାନ୍ତି ପ୍ରିୟ ରାଷ୍ଟ୍ର ଦକ୍ଷିଣ କୋରିଆ ଉପରେ ପ୍ରଭୁତ୍ୱ ଜାହିର କରୁଛି, ଏହାର ପରିଣାମ ହୁଏତ ଯୁଦ୍ଧ ହୋଇପାରେ ଓ ବର୍ତ୍ତମାନ ୟୁରୋପ ଅଶାନ୍ତ, ମଧ୍ୟ ପ୍ରାଚ୍ୟ ଅଶାନ୍ତ, ପୂର୍ବ ଏସିଆ ଅଶାନ୍ତ, ମଧ୍ୟ ଏସିଆରେ ଅଶାନ୍ତି କୁହୁଳୁଛି ଓ ପ୍ରାୟ ପ୍ରତ୍ୟେକ ଦେଶରେ ଆତଙ୍କବାଦୀ କାର୍ଯ୍ୟକଳାପ ଦ୍ୱାରା ଧନ ଜୀବନ ନଷ୍ଟ ହେଉଛି ଓ ଲକ୍ଷ ଲକ୍ଷ କୋଟି ଟଙ୍କାର ଆଣବିକ ଅସ୍ତ୍ର, ଗୋଳା ବାରୁଦ, ଯୁଦ୍ଧାସ୍ତ୍ରର ବହୁଳ ଉତ୍ପାଦନ ହେଉଛି ଯାହାକି ଆମ ପୃଥିବୀ ପାଇଁ ଭବିଷ୍ୟତର ବିପଦକୁ ଡାକି ଆଣୁଛି, ଉତ୍ପାଦନକାରୀ ଦେଶ ସମୂହ ନିଜର ଉତ୍ପାଦିତ ଅସ୍ତ୍ର ଶସ୍ତ୍ର ବିକ୍ରୀ କରିବାକୁ ପରୋକ୍ଷ ବା ପ୍ରତ୍ୟକ୍ଷରେ ଅଶାନ୍ତିକୁ ପ୍ରଶ୍ରୟ ଦେଉଛନ୍ତି ଫଳରେ ତାଂକର ଅସ୍ତ୍ର ଶସ୍ତ୍ରର ବିକ୍ରି ହୋଇପାରିବ ଓ ନିଜର ସ୍ୱାର୍ଥ ସିଦ୍ଧି ପାଇଁ ଲକ୍ଷ ଲକ୍ଷ ଦେଶବାସୀଙ୍କ ରକ୍ତରେ ହୋଲି ଖେଳିବା ସହିତ ଦେଶର ପ୍ରଭୂତ କ୍ଷତି ଘଟାଉଛନ୍ତି ଓ ରାଷ୍ଟ୍ରର ହିତ ପାଇଁ ସମସ୍ତେ ଚେଷ୍ଟିତ ହେବା ଉଚିତ, ବିଶ୍ୱବାସୀ ଆଜି ଏହି ପରିସ୍ଥିତିକୁ ହୃଦୟଙ୍ଗମ କରିସାରିଲେଣି, ବର୍ତ୍ତମାନ ପରିସ୍ଥିତିରେ ଯଦି ଶାସକ ବୃନ୍ଦ ସଂଯମତା ରକ୍ଷା ନକରିବେ ତେବେ ଆମ ସୁନ୍ଦର ପୃଥିବୀକୁ କେହି ରକ୍ଷା କରିପାରିବେ ନାହିଁ ଓ ସମସ୍ତେ ଆତଙ୍କିତ ହୁଏତ ତୃତୀୟ ବିଶ୍ୱ ଯୁଦ୍ଧ ଲାଗିଯାଇପାରେ, ଭଗବାନ ନ'କରନ୍ତୁ ଏହିପରି ସ୍ଥିତି ଆସୁ, ବିଶ୍ୱ ଯୁଦ୍ଧ ଲାଗିଲେ ଏଥିରୁ କେହି ବର୍ତ୍ତି ପରିବେ ନାହିଁ କାରଣ ଆଣବିକ ସମ୍ପନ୍ନ ଦେଶ ମାନଙ୍କ ପାଖରେ ଯେତେ ପରିମାଣରେ ଆଣବିକ ଅସ୍ତ୍ର ଶସ୍ତ୍ର ଗଚ୍ଛିତ ଅଛି ତାହାର ଯଦି ବ୍ୟବହାର ହୁଏ ତେବେ ପୃଥିବୀ ଅଗ୍ନି ପିଣ୍ଡୁଳା ହୋଇ ଯିବ ଓ ସତ୍ୟ, ଅହିଂସା ତଥା ସାରା ପୃଥିବୀକୁ ନୂତନ ଦିଗଦର୍ଶନ ଦେଖାଉଥିବା ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର ମଧ୍ୟ ଅଶାନ୍ତି ମଧ୍ୟରେ ଗତିକରୁଛି ଓ ସ୍ୱାଧୀନତାର ୭୫ ବର୍ଷ ବିତିଯାଇଥିଲେ ମଧ୍ୟ ମାଓବାଦୀ ମାନଙ୍କୁ ଦମନ କରିବା କିମ୍ବା ସମାଜର ମୁଖ୍ୟ ସ୍ରୋତରେ ମିଶାଇବାକୁ ସରକାର ଅକ୍ଷମ, ଅନେକ ଦଳୀୟ ସରକାର ଆସିଛନ୍ତି, ଅନେକ ସାରଗର୍ଭକ ଭାଷଣ ଦେଇଛନ୍ତି କିନ୍ତୁ ଆଜି ପର୍ଯ୍ୟନ୍ତ କେହି ସମ୍ପୂର୍ଣ୍ଣ ଭାବେ ମାଓବାଦୀ ଦମନ ବା ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସମର୍ଥ ହୋଇ ନାହାନ୍ତି ଓ ବାହ୍ୟ ଶତ୍ରୁ ଠାରୁ ଦେଶ ଭିତରର ଶତ୍ରୁ ବେଶୀ ମାରାତ୍ମକ, ସେମାନଙ୍କ କାର୍ଯ୍ୟକଳାପ ଦ୍ୱାରା କୌଣସି ଜନହିତକାରୀ ଯୋଜନା କାର୍ଯ୍ୟକାରୀ ହୋଇ ପାରୁନାହିଁ, ଜଙ୍ଗଲ ପରିବେଷ୍ଟିତ ଗ୍ରାମ୍ୟ ଜୀବନ ଦୁଇ ଶକ୍ତି ଦ୍ୱାରା ନିୟନ୍ତ୍ରିତ ହେଉଛି, ଗୋଟିଏ ପଟେ ସରକାରଙ୍କ ନିୟମ ଅନ୍ୟପଟେ ମାଓବାଦୀଙ୍କ ନିୟମ 'ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା' ବିଚାରା ନିରୀହ ଆଦିବାସୀ ଜଙ୍ଗଲ ପରିବେଷ୍ଟିତ ଅଂଚଳରେ କାହା ନିର୍ଦ୍ଦେଶରେ ଚାଲିବ ବିଚାର କରନ୍ତୁ ତ? କୋଟିକୋଟି ଟଙ୍କାର ସରକାରୀ ସମ୍ପତ୍ତି ତଥା ବେସରକାରୀ ସମ୍ପତ୍ତି ନଷ୍ଟ, ହତ୍ୟା କରିବା ମାଓବାଦୀଙ୍କ କାର୍ଯ୍ୟ ଓ ଅନେକ ଯବାନ /ପୋଲିସ କର୍ମଚାରୀ ମାଓବାଦୀ ଦମନ କାର୍ଯ୍ୟରେ ନିୟୋଜିତ ହୋଇ ନିଜର ଜୀବନ ଦେଇସାରିଲେଣି ଓ ନିର୍ବାଚନ ଆସୁଛି, ନିର୍ବାଚନ ଯାଉଛି, ଟଙ୍କା ପାଣି ପରି ଖର୍ଚ୍ଚ ହେଉଛି, ବିଧାୟକ, ସାଂସଦ ନିର୍ବାଚିତ ହୋଇ ଶାସନ କରୁଛନ୍ତି କାହିଁ କେହି ତ' ନିର୍ବାଚନୀ ପ୍ରଚାର ବେଳେ ମାଓ ଦମନ/ ସମାଧାନ କଥା କହୁନାହାନ୍ତି? ମାଓବାଦୀ ମାନେ ଏତେ ଅସ୍ତ୍ର ଶସ୍ତ୍ର ପାଉଛନ୍ତି କେଉଁଠାରୁ? କିଏ ସେମାଙ୍କୁ ସହଯୋଗର ହାତ ବଢ଼ାଇ ଦେଉଛି? ଏଠି ତ' ଆଉ ବିଦେଶୀ ଶତ୍ରୁ ଆସି ସେମାନଙ୍କୁ ଦେଉନାହାନ୍ତି, ସେମାନେ ଯାହା ପାଉଛନ୍ତି ସବୁ ଆମରି ଲୋକ ଦେଉଛନ୍ତି ତେବେ ଏତେ ଶକ୍ତିଶାଳୀ ସେନା ବାହିନୀ ଥାଇ ମଧ୍ୟ ଆମେ କାହିଁକି ମାଓ ଦମନ/ ସମାଧାନ କରିବାରେ ଅକ୍ଷମ? ଏହା କ'ଣ ମଙ୍ଗଳ ଯାନକୁ ମଙ୍ଗଳ ଗ୍ରହକୁ ପଠାଇବାଠାରୁ କଷ୍ଟକର ପାଠ ନା' ବ୍ୟୟ ବହୁଳ? ନା ଆନ୍ତରିକତାର ଅଭାବ? ଗୋଟିଏ ଗୋଟିଏ ଉପ ନିର୍ବାଚନରେ ଶାସକ ଦଳ, ବିରୋଧୀ ଦଳ ଏପରି ପ୍ରଚାର ପ୍ରସାର କରୁଛନ୍ତି ଯେ, ସତେ ଯେମିତି ତା'ଙ୍କ ଦଳର ପ୍ରାର୍ଥୀ ଜିତିଗଲେ ଆମେରିକାର ରାଷ୍ଟ୍ରପତି ତୁଲ୍ୟ ପଦ ପଦବୀ ପ୍ରାପ୍ତ ହେବେ ଓ ଏହି ପ୍ରକ୍ରିୟା ଗଣତନ୍ତ୍ରର ଏକ କଳୁଷିତ ପ୍ରକ୍ରିୟା, ଭାଇ! ଯେଉଁ ପ୍ରାର୍ଥୀଙ୍କୁ ଜନତା ପସନ୍ଦ କରିବେ, ଯାହାର ସେବା ମନୋଭାବ ଥିବ, ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ବ୍ୟକ୍ତି ହୋଇଥିବ ସେହି ବ୍ୟକ୍ତି ପ୍ରାର୍ଥୀତ୍ୱ ପାଇଁ ଯୋଗ୍ୟ କିନ୍ତୁ ଆମ ଗଣତନ୍ତ୍ର ପାରିବାରିକ ଗଣତନ୍ତ୍ରରେ ପରିଣତ ହୋଇ ଯାଇଛି, 'ଅନୁକମ୍ପା ଭୋଟ' ଆଜି ଅଯୋଗ୍ୟ ପ୍ରାର୍ଥୀକୁ ଦଳର ଶକ୍ତି, ଅର୍ଥ ବଳରେ, ଭୋଟ ଦେଇ ଜିତାଉଛି । ସାମାନ୍ୟ ଉପନିର୍ବାଚନରେ ହେଉଥିବା ହିଂସା ଦ୍ୱାରା ଅନେକ ନିରୀହ ଜୀବନ ହାନି ମଧ୍ୟ ହେଉଛି ଏଥିପ୍ରତି କୌଣସି ରାଜନୈତିକ ଦଳର ନିଘା ନାହିଁ । କଳେବଳେ କୌଶଳେ କିପରି ନିଜ ପ୍ରାର୍ଥୀକୁ ଜିତାଇବେ ସେହି ଚିନ୍ତାଥାଏ ସେମାନଙ୍କର ଓ ଦେଶର ଆଭ୍ୟନ୍ତରୀଣ ବିଶୃଙ୍ଖଳା ପାଇଁ ଦାୟୀ ସଂଗଠନ ଗୁଡ଼ିକୁ କିପରି ଦମନ କରାହେବ ସେଥିପ୍ରତି କାହାରି ଆନ୍ତରିକତା ନାହିଁ କହିଲେ ଚଳେ । ସାରଗର୍ଭକ ଭାଷଣ ନଦେଇ ଦେଶର କିପରି ଉନ୍ନତି ହେବ ସେହି ବିଷୟରେ ଚିନ୍ତା କରିବା ଦରକାର ଓ ଗୋଡାଣିଆ ରାଜନୀତି ନକରି ଦେଶବାସିଙ୍କ ସେବକ ହୋଇ କାର୍ଯ୍ୟ କରିବା ଉଚିତ । (ପୃଷ୍ଠା ୭ରେ)




## ବିକୃତ ହେଲାଣି ପୁରାଣ

ଯଶୋବନ୍ତ ସାହୁ

ଆମରି ପୁରାଣ ଆମ ଲୋକକଳା
ଆମ ସଂସ୍କୃତିର ପ୍ରତୀକ
ଆଧୁନିକତାର ଅସଭ୍ୟ ସ୍ପର୍ଶରେ
ବିକୃତ ହେଲା ତା ରୂପ।

ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ବେଶ
ମର୍ଯ୍ୟାଦାର ବାର୍ତ୍ତା ପଢେ
ସେଇ ଚରିତ୍ରରେ ଆମ କଳାକାର
କାମମୟ ଗୀତ ଛାଡେ।

ସତୀତ୍ୱର ଦେବୀ ଜନକ ନନ୍ଦିନୀ
ସମଗ୍ର ବିଶ୍ୱର ମାତା
ଉଦଣ୍ଡି ନାୟିକା ସେଇ ବେଶ ଧରି
ଦେଖାଉଛି ଉଦଣ୍ଡତା।

ପ୍ରେମ ନିବେଦନ କାରଣରୁ ସିଏ
ଛେଦିଲେ ସୁନ୍ଦରୀ ନାକ
ସେହି ଚରିତ୍ରଟେ ତରୁଣୀଙ୍କ ମେଳେ
ଦିଏ ଗୁଆ ଘିଅ ଡାକ?

ସରଳ ନିରୀହ ପ୍ରଭୁପ୍ରେମୀ ଭକ୍ତ
ମାରୁତିଙ୍କୁ ନ ଛାଡିଲେ
ଅର୍ଦ୍ଧଲଙ୍ଗୁଳିଙ୍କ ସାଙ୍ଗରେ ନଚାଅ
ହାଏ ମାର ଦଲ ଦଲ।

ସଂଳାପରେ କରି ପରିବର୍ତ୍ତନ ଯେ
ରାମାୟଣ ନଷ୍ଟ ହେଲା
ସଂଳାପ ଛାଡ଼ିଣ ରାବଣ କହୁଛି
ଝୁକେଗା ନହିଁରେ ଶାଲା।

ମ କୁ ନଦେଇ ସମ୍ମାନ ଶରଧା
ମଦ ପିଏ କଳାକାର
ଚରିତ୍ରର ଜ୍ଞାନ ନଜାଣି ଅଧମ
ଭାଙ୍ଗେ ଟେବୁଲ ଚେୟାର।

ହାତରେ ଗୋଡ଼ରେ ଅଲଗା ଜାଗାରେ
ଲକ୍ଷ୍ମଣ ମାରନ୍ତି ତୀର
ମର୍ଯ୍ୟାଦା ପୁରୁଷ ମର୍ଯ୍ୟାଦା ଭୁଲିଣ
ଡେଇଁକି ମାରେ ଅସୁର।

ପୁରା ନାଟକରେ ମାତିଥାଏ ଖାଲି
ମାଙ୍କଡ଼ଙ୍କ ଉତ୍ପାତ
ବକାସୁର ବଧେ କେଜାଣି କିପରି
ମାଙ୍କଡ ଦେଖାନ୍ତି ଦାନ୍ତ।

ପ୍ରୀତିହାସିନୀର ପ୍ରତିବଦଳରେ
ଶୁଭେ ସାକି ସାକି ସ୍ୱର
ପ ବଟି ଦୃଶ୍ୟେ ପୁଷ୍ପ ବାଟୀକାରେ
ବାଜେ ଇସାରାରେ ତୋର।

ପୁରାଣ ମଧରେ ମନୋରଞ୍ଜନ ର
ଆବଶ୍ୟକତା ପଡୁଛି
ରାଜା ଦଶରଥ ମରୁ ନ ମରୁଣୁ
ମଟ ବୋତଲ ଗଡୁଛି।

ପ୍ରତିଟି ନାଟକେ ଥାଆନ୍ତି କିଛି ଟା
କୁନି କୁନି କଳାକାର
ତାଙ୍କ ସମ୍ମୁଖରେ ଏହି ଭାବଭଙ୍ଗୀ
ବିଗାଡୁ ନାହିଁ ସଂସ୍କାର ?

ତାଙ୍କରି ଆଗରେ ପିଅନ୍ତି ମାଦକ
ଦିଅନ୍ତି ଅଭଦ୍ର ଗାଳି
କେହି କରନ୍ତିନି ପ୍ରତିବାଦ ଟିକେ
ଓଲଟି ମାରନ୍ତି ତାଳି।

ଉଚ୍ଚ ଶବ୍ଦ କରି ଖାଲି କିରି କିରି
ସଂଳାପ ଶୁଭେନି ଜମା
କିଛି ନ କହି ବି ଛାତି ବାଡେଇଲେ
ହୁଏସେ ଶେରେଷ୍ଟ ନାମା।

ପୁରାଣ ପ୍ରଚାର ଉଦ୍ଦେଶ୍ୟେ ନାଟକ
କାହିଁ କର ଅପଭ୍ରଂଶ
ଚରିତ୍ରର ଜ୍ଞାନ ନାହିଁ ଯଦି ନାହିଁ
କାହିଁକି କରୁଛ ଧ୍ୱଂସ ?

କାହିଁକି ଉଠୁନି ସଂସ୍କୃତି ପ୍ରେମୀଙ୍କ
ବିଦ୍ରୋହରେ ଭରା ସ୍ୱର
ନା ଯେ ପୁରାଣର ଏହି ଜୀର୍ଣ୍ଣ ରୂପ
ଦେଖିକି ଲାଗେ କାକର ?

ସବୁ ଦେଖି ଶୁଣି ସବୁ ଜାଣି ଜାଣି
କାହିଁକି ସାଜିଛେ ଅନ୍ଧ
ସଭିଙ୍କ ମନରେ ମନୋରଞ୍ଜନ ଟା
ଭରି ଦେଲାକି ଆନନ୍ଦ ?

ବିଶ୍ୱ ଚିତ୍ରପଟେ ପରିଚୟ ଦେଲା
ଯେଉଁ କାଳଜୟୀ ପୁରାଣ
କାହିଁକି ଲେଖୁଛ ଅସଭ୍ୟ କଲମେ
ଭିନ୍ନ ଏକ ରାମାୟଣ।


♥ରାଳବ,ଗଞ୍ଜାମ
ମୋ: ୮୦୧୮୮୫୫୩୪୦


## ପ୍ରଭାତର ଆଗମନ

ଶୁଭମ ବେହେରା

ପ୍ରଭାତର ଆଗମନେ ଖର ରଶ୍ମି ପଡେ ଯେହ୍ନ
ଉଜ୍ଜ୍ୱଳିତ ହୁଏ ତେଣେ ସାରା ସଂସାର ;
ଚତୁର୍ଦ୍ଦିଗ ଶୋଭୁଥାଏ ମନେ ଖୁସି ଭରି ଯାଏ
ଚିତ୍ତ ପ୍ରଫୁଲ୍ଲିତ ହୁଏ ନଥାଏ ଡର
ବ୍ୟୋମ ଦିଶେ କେଡ଼େ ସୁନ୍ଦର
ପକ୍ଷୀ ଯେହ୍ନେ ବିହାୟସେ କରେ ବିହାର ।

ଏ ସମୟେ ବିହଙ୍ଗମେ- ଦଳ ସାଜୁଥାନ୍ତି ବ୍ୟୋମେ
ଲାଗେ ସତେ ମନୋରମ ନେତ୍ରେ ଦେଖିଲେ;
ଅନ୍ତରୀକ୍ଷରେ ବିହରି ଖାଦ୍ୟ ଆଶାରେ ଭ୍ରମରି
କେତେ ସତେ ଶ୍ରମ କରି ସଂସାରେ ଚଳେ
ଧନ୍ୟ ବାୟା ବିହଗ ତୁମ୍ଭେ
ତୁମ୍ଭ ପାଇଁ ବସୁନ୍ଧରା ବିରୋଳେ ଶୋଭେ ।

ତଟିନୀ ପୋଖରୀ କୂଳେ ବୃକ୍ଷ ଲତା ସଙ୍ଗ ମେଳେ
ରାଜିତ ହୁଅନ୍ତି ଡାଳେ କେତେ ବିହଗ;
ଲଳିତ ମଧୁର ସ୍ୱରେ କେତେ ଗୀତ ପୁଲକରେ
ଭାଷୁଥା'ନ୍ତି ବାରେ ବାରେ ହୋଇଣ ସଙ୍ଗ
ନିଶ୍ଚଳ ନଥାଏ ଅବନୀ
ପ୍ରଭାତର ଆଗମନେ ପାହେ ରଜନୀ ।

ଉତ୍ପଳ ହୃଦୟ ଦୁଃଖ- ଦୂର ହୋଇ ଲଭେ ସୁଖ
ରବି ପ୍ରଦାନ ମୟୂଖ ନବ ଜୀବନ ;
ପ୍ରତ୍ୟୁଷେ ଫୁଟେ କମଳ ସରସୀ ହୁଏ ବିମଳ
କାସର ନୀର ନିର୍ମଳ ଲଭି କିରଣ
ଭ୍ରମରେ ବୁଲନ୍ତି କୁସୁମେ
ଆନନ୍ଦରେ ମଧୁ ସଂଚା-ରିବା କରମେ ।

ଧିରେ ବହେ ସମୀରଣ ମୃଦୁ ଶୀତଳ ପବନ
ଶୋଭିତ ହୁଅଇ ଘନ ନୀଳ ଆକାଶେ;
ସବୁଜ ଦିଶଇ ବନ ନାନା ବୃକ୍ଷରେ କାନନ
ପାଉଥାଏ ଶୋଭାବନ ପ୍ରତି ଦିବସେ
ଆହା କି ସୁନ୍ଦର ସତରେ
ହସୁ ଅଛି ପ୍ରକୃତି ସେ ବିଧାତା ବରେ ।


♥ପ ଭାୟା, ବରଗଡ଼

# ଆସୁଛନ୍ତି ସଲମାନଙ୍କ ଭାଣିଜୀ



ସଲମାନ ଖାଁଙ୍କ ଭାଣିଜୀ ଅଲୀଜେହ ଅଗ୍ନିହୋତ୍ରୀ ଏକ ଅସାଧାରଣ କାହାଣୀ ସହିତ ବଲିଉଡ୍‌ରେ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି । ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର 'ବୁଦ୍ଧିଆ ସିଂହ: ବର୍ନ ଟୁ ରନ୍'ର ପ୍ରସିଦ୍ଧ ନିର୍ଦ୍ଦେଶକ ସୌମେନ୍ଦ୍ର ପାଢ଼ୀ ଅଲୀଜେହଙ୍କ ଅଭିନୀତ ପ୍ରଥମ ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି ବୋଲି ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ ଯେ ୨୨ ବର୍ଷୀୟା ଅଲୀଜେହ ଦୁଇ ବର୍ଷ ହେଲା ଅଭିନୟ ଓ ନୃତ୍ୟର ପ୍ରଶିକ୍ଷଣ ନେଇଆସୁଛନ୍ତି । କିଂବଦନ୍ତି କୋରିଓଗ୍ରାଫର୍ ସରୋଜ ଖାଁଙ୍କ ପାଖରୁ ସେ ନୃତ୍ୟ ଶିଖିବା ଜାରି ରଖିଛନ୍ତି । ୨୦୨୨ରେ ସେ ଉକ୍ତ ଚଳଚ୍ଚିତ୍ରର ସୁଟିଂ ଚଳାଇଛନ୍ତି ଯାହା ଆସନ୍ତା ବର୍ଷ ମୁକ୍ତିଲାଭ କରିବାର ଯୋଜନା ରଖାଯାଇଛି । ତେବେ ଏହି ଚଳଚ୍ଚିତ୍ରର ନାମ ତଥା ଏହାର ଅନ୍ୟ ଅଭିନେତା-ଅଭିନେତ୍ରୀଙ୍କ ସମ୍ପର୍କରେ କୌଣସି ତଥ୍ୟ ପ୍ରଘଟ କରାଯାଇନାହିଁ । ଅଲୀଜେହଙ୍କ ପିତା ହେଉଛନ୍ତି ଅତୁଲ ଅଗ୍ନିହୋତ୍ରୀ ଯିଏ ନିଜେ ଜଣେ ଅଭିନେତା ଓ ପ୍ରଯୋଜକ । ସଲମାନଙ୍କ ଭଉଣୀ ଅଲବୀରା ଖାଁ ଅଗ୍ନିହୋତ୍ରୀ ହେଉଛନ୍ତି ଅଲୀଜେହଙ୍କ ମାଆ । ବଡ଼ ପରଦାରେ ଅଭିନୟ କରିବାକୁ ଅଲୀଜେହ ପ୍ରସ୍ତୁତ ବୋଲି ପିତାମାତା ଓ ସଲମାନ ଅନୁଭବ କରିବା ପରେ ଯାଇ ତାଙ୍କୁ ଏହାର ସୁଟିଂ ପାଇଁ ଅନୁମତି ମିଳିଛି ।

# ଅଭିନେତ୍ରୀ ଏତଶାଙ୍କ ପେସାଠୁ ନିବିଡ଼ ନିଶା

ଉଚ୍ଚଶିକ୍ଷା ଲାଭ କରିବାର ଏକମାତ୍ର ଉଦ୍ଦେଶ୍ୟ ନୁହେଁ ଏକ ଭଲ ଚାକିରିରେ ଅବସ୍ଥାପିତ ହୋଇ ଜୀବନ ବିତାଇବା । ବେଳେ ବେଳେ ଚାକିରି ପେସାଠାରୁ ମନର ଗୋପନ ନିଶା ଟପିଯାଇଥାଏ ଏବଂ ଜଣେ ଭିନ୍ନ ଦୁନିଆରେ ନିଆରା ଜୀବନ ବିତାଇବା ପାଇଁ ସ୍ୱପ୍ନ ଦେଖିଚାଲେ । ଅଗ୍ରଣୀ ମରାଠୀ ଅଭିନେତ୍ରୀ ଏତଶା ସଂଝଗିରି ହେଉଛନ୍ତି ସେଭଳି ଜଣେ କଳାକାର ଯିଏ ଉତ୍ତମ ବିଦ୍ୟାର୍ଥୀ ଭାବରେ ଉଚ୍ଚଶିକ୍ଷା ଲାଭ କରି ସୁଦ୍ଧା ନିଜକୁ ଚାକିରିରେ ସୀମିତ ରଖିପାରିନାହାନ୍ତି । ଅଭିନୟର ଆକର୍ଷଣ ତାଙ୍କୁ ଆଜି ଏକ ଭିନ୍ନ ଜଗତ୍‌ରେ ତିଷ୍ଠି ରହିବା ପାଇଁ ଖୋରାକ ଯୋଗାଇ ଚାଲିଛି । ମୁମ୍ବାଇରେ ଜନ୍ମିତା ଏତଶା ବିଜ୍ଞାନ ପାଠ୍ୟକ୍ରମରେ ସ୍ନାତକୋତ୍ତର ଡିଗ୍ରି ହାସଲ କରିଛନ୍ତି । ଅଧ୍ୟୟନ ପରେ ସଂପୃକ୍ତ କ୍ଷେତ୍ରରେ ସେ ଜଣେ ପଦସ୍ଥ ଅଧିକାରିଣୀ ହେବେ ବୋଲି ସାଙ୍ଗସାଥୀ ଓ ପରିବାର ପରିଜନ ଆଶା ରଖିଥିଲେ । ତେବେ କଲେଜରେ ପଢ଼ିଲା ବେଳେ ୨୦୧୭ରେ ସୌନ୍ଦର୍ଯ୍ୟ ପ୍ରତିଯୋଗିତା 'ଶ୍ରାବଣ ରାଣୀ'ରେ ଭାଗ ନେଲା ପରେ ଏତଶାଙ୍କର ଗ୍ଲାମର ଦୁନିଆ ଆଡ଼କୁ ମନ ଢଳିବାକୁ ଲାଗିଥିଲା । ଅବଶ୍ୟ ପଢ଼ା ସରିଲା ପରେ ସେ ଏକ ବେସରକାରୀ କମ୍ପାନିରେ ପେସାଗତ ଜୀବନ ଆରମ୍ଭ କରି କିଛିଦିନ କାମ କରିଥିଲେ । ମାତ୍ର ଅଭିନୟ ନିଶା ତାଙ୍କୁ ଏ ପେସା ଛାଡ଼ିବାକୁ ବାଧ କରିଥିଲା । ସୌଭାଗ୍ୟକୁ ୨୦୧୮ରେ ମରାଠୀ ଟିଭି ଧାରାବାହିକ 'ଛୋଟି ମାଲକିନ୍'ରେ ତାଙ୍କୁ ଅଭିନୟର ସୁଯୋଗ ମିଳିଥିଲା । ତାଙ୍କ ଅଭିନୀତ 'ରେବତୀ' ଚରିତ୍ରକୁ ସମସ୍ତେ ଗ୍ରହଣ କରିଥିଲେ । ଫଳସ୍ୱରୂପ, ପଛକୁ ପଛ ମରାଠୀ ଧାରାବାହିକ 'ରାଜା ରାଣୀ ଛି ଗା ଯୋଡ଼ି' ଓ 'ଦଖାଞ୍ଚା ରାଜା ଜ୍ୟୋତିବା'ରେ ତାଙ୍କୁ ମନଲାଖି ଭୂମିକା ମିଳିଥିଲା ।



# ପ୍ରତୀକ୍ଷା ଚଳଚିତ୍ର ହେବ ହିନ୍ଦୀ ରିମେକ: ସୂଚନା ଦେଲେ ଅନୁପମ ଖେର

ଦମନ ଚଳଚିତ୍ର ସୁପର ହିଟ ହେବା ପରେ ଏହାର ହିନ୍ଦୀ ରିମେକ ଖୁବ ଶୀଘ୍ର ପରଦାକୁ ଆସୁଛି ବୋଲି ଆମେ ସବୁ ଶୁଣିବାକୁ ପାଇଥିଲୁ । ତେବେ ଦମନରେ ସୁପର ଷ୍ଟାର ବାବୁଶାନଙ୍କ ସହ କାର୍ଯ୍ୟ କରିଥିଲେ ଦୀପନଓ୍ୱିତ । ଯିଏ କି ଚଳଚିତ୍ର ମଧ ଖୁବ ଭଲ ଅଭିନୟ କରିଥିଲେ । ତାଙ୍କର ବ୍ୟାସେ ଶୁଣୁଛ ବୋଲି ଏକ ସର୍ଟ ମୁଭି ମଧ୍ୟ ଖୁବ ଭାଇରାଲ ହୋଇଥିଲା । ଏବଂ ହୃଦୟସ୍ପର୍ଶୀ ହୋଇ ପାରିଥିଲା । ଏବେ ଦୀପନଓ୍ୱିତ ଙ୍କ ଆଉ ଏକ ଚଳଚିତ୍ର ପ୍ରେକ୍ଷାଳୟକୁ ଆସିବାକୁ ଯାଉଛି । ଏହାର ନାମ ହେଉଛି ପ୍ରତୀକ୍ଷା ।

ଏହା ରିଲିଜ ହେବା ପୂର୍ବରୁ ହିଁ ଏହା ବହୁ ଲୋକପ୍ରିୟତା ସାଉଁଟିବାରେ ଲାଗିଛି । କେବଳ ଏତିକି ନୁହେଁ ଏହା ହିନ୍ଦୀରେ ରିମେକ୍ ମଧ ହେବାକୁ ଯାଉଛି । ପିତା-ପୁତ୍ରଙ୍କ ସମ୍ପର୍କ ଉପରେ ପର୍ଯ୍ୟବେଶିତ ଏହି ସିନେମାର ହିନ୍ଦି ରିମେକ୍‌ର ପ୍ରଯୋଜନା କରିବେ ଅଭିନେତା ଅନୁପମ ଖେର । ଏହାଛଡ଼ା ସେ ଫିଲ୍ମରେ ପିତାଙ୍କ ଭୂମିକାରେ ମଧ ଅଭିନୟ କରିବେ । ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଅଭିନେତା ଏନେଇ ଘୋଷଣା କରିଛନ୍ତି । ଏଥିପାଇଁ ସେ ପ୍ରତୀକ୍ଷାର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କୁ ଟୋକନ୍ ଭାବେ କିଛି ଅଗ୍ରିମ ଟଙ୍କା ପ୍ରଦାନ କରିଛନ୍ତି । ତେବେ ଏହି ମୂହୁର୍ତ୍ତ ସେମାନଙ୍କ ସହ ଓଡ଼ିଶାବାସୀଙ୍କ ପାଇଁ ବହୁତ ବଡ଼ ବୋଲି ଅନୁପମ କହିଛନ୍ତି ।

ତେବେ ଏହି କାହାଣୀ ଏହା ମଧ୍ୟବିତ୍ତ ପରିବାରର ବାଳକ ସଞ୍ଜୟଙ୍କ କାହାଣୀ, ଯିଏ ପିତାଙ୍କ ଅବସର ଗ୍ରହଣ କରିବାର କିଛି ମାସ ପୂର୍ବରୁ ସରକାରୀ ଚାକିରି ଖୋଜୁଛନ୍ତି । ଏମିତିରେ ଦେଖିବାକୁ ଗଲେ ଫିଲ୍ମଟି ପିତା-ପୁତ୍ରଙ୍କ ଜଟିଳ ସମ୍ପର୍କ ବିଷୟରେ ବୋଲି କହିପାରିବେ । ଏହି ଫିଲ୍ମ ଗୋଆରେ ଚାଲିଥିବା ଚଳଚ୍ଚିତ୍ର ମହୋତ୍ସବରେ ଖୁବ ପ୍ରଶଂସା ସାଉଁଟିଛି ।




# ୫୧ ବର୍ଷ ବୟସରେ ସିଙ୍ଗଲ୍ ଅଛନ୍ତି ତବୁ: ଅଜୟଙ୍କୁ କଲେ ଦାୟୀ



ବଲିଉଡର ଅନେକ ଲୋକପ୍ରିୟ ଅଭିନେତ୍ରୀମାନଙ୍କ ମଧ୍ୟରୁ ଶୁମାର ତବୁ ହେଉଛନ୍ତି ଅନ୍ୟତମ । ସେ ତାଙ୍କ ଅଭିନୟ କ୍ୟାରିୟରେ ଅନେକ ସଫଳତା ପାଇଥିବା ବେଳେ ତାଙ୍କର ଅନେକ ଫିଲ୍ମ ସୁପର ହିଟ୍ ହୋଇଛି । ସେଥିମଧ୍ୟରୁ ଗୋଟିଏ ହେଉଛି ଦୃଶ୍ୟମ୍, ଯେକି ୭ ବର୍ଷ ପୂର୍ବେ ରିଲିଜ ହୋଇଥିଲା । ସେହିପରି ତାଙ୍କର ଅନ୍ୟ ଏକ ଫିଲ୍ମ ଦୃଶ୍ୟମ୍ ୨ ମଧ୍ୟ ବର୍ତ୍ତମାନ ବକ୍ସ ଅଫିସରେ ଭଲ ରୋଜଗାର କରୁଛି । ଏହି ଚଳଚ୍ଚିତ୍ରରେ ସେ ଅଜୟ ଦେବଗନଙ୍କ ପତ୍ନୀ ଭୂମିକାରେ ନଜର ଆସିଛନ୍ତି । ଯାହାକୁ ତବୁ ଖୁବ ନିଖୁଣ ଭାବରେ ନିଭାଇଛନ୍ତି । ତେବେ ଅଭିନେତ୍ରୀ ତବୁ ଅଭିନୟ ଜୀବନରେ ଅନେକ ସଫଳତା ପାଇଥିଲେ ମଧ ତାଙ୍କ ବ୍ୟକ୍ତିଗତ ଜୀବନରେ କିନ୍ତୁ ସେ ଆଜି ବି ସିଙ୍ଗଲ ଅଛନ୍ତି । ଯେଉଁଥିପାଇଁ ସେ ଅଜୟ ଦ୍ୱଗନଙ୍କୁ ହିଁ ଦାୟୀ କରିଛନ୍ତି । ତେବେ ମିଳିଥିବା ସୂଚନା ଅନୁଯାୟୀ ଅଭିନେତ୍ରୀ ଶୁମାର ତବୁ ଙ୍କୁ ବର୍ତ୍ତମାନ ୫୧ ବର୍ଷ ବୟସ ହେଲାଣି । କିନ୍ତୁ ସେ ଆଜିବି ତାଙ୍କ ବ୍ୟକ୍ତିଗତ ଜୀବନରେ ଏକା ଅଛନ୍ତି । ତବୁ ଆଜି ପର୍ଯ୍ୟନ୍ତ କାହାକୁ ବିବାହ କରି ନାହାନ୍ତି । ସେ ଦୀର୍ଘ ଦିନ ଧରି ଫିଲ୍ମ ଇଣ୍ଡଷ୍ଟ୍ରୀରେ କାମ କରୁଥିବାବେଳେ ଅନେକ ସେଲିବ୍ରେଟିଙ୍କ ନାମ ସହ ତାଙ୍କ ନାମ ଯୋଡି ହୋଇଛି । କିନ୍ତୁ ତବୁ ଅଜି ପର୍ଯ୍ୟନ୍ତ କାହାକୁ ବିବାହ କରି ନାହାନ୍ତି । ଯେତେବେବେଳେ ତବୁଙ୍କୁ ଅବିବାହିତ ହେବାର କାରଣ ପଚରାଗଲା, ସେତେବେଳେ ସେ ଅଜୟ ଦେବଗାନଙ୍କ ନାମ ନେଇଥିଲେ । ତବୁ ନିକଟରେ ଏକ ସାକ୍ଷାତକାର ଦେଇଥିଲେ । ଯେଉଁଥିରେ ସେ କହିଥିଲେ ଯେ, ତାଙ୍କ ବିବାହ ନକରିବାର କାରଣ ହେଉଛନ୍ତି ଅଜୟ ଦେବଗନ । ତବୁ ଅଜୟ ଏବଂ ତାଙ୍କ ସମ୍ପର୍କ ବିଷୟରେ ଖୁଲାସା କରିଥିଲେ । ସେ କହିଥିଲେ ଯେ,ପ୍ରୟ ୨୫ ବର୍ଷ ହେବ ଆମେ ପରସ୍ପରକୁ ଜାଣିଛୁ ଏବଂ ଆମେ ବହୁତ ଭଲ ବନ୍ଧୁ ମଧ । ଏଥିସହିତ ତବୁ ମଜାଳିଆ ଢଙ୍ଗରେ ଏହା ମଧ କହିଥିଲେ ଯେ ମୁଁ ଆଜି ଯଦି ସିଙ୍ଗଲ ଅଛି ତାହା କେବଳ ଅଜୟ ପାଇଁ । କାରଣ ମୁଁ ମୋ ଯୌବନ ବୟସରେ ଯେଉଁ ପୁଅଙ୍କୁ ଭେଟୁଥିଲି ଅଜୟ ଏବଂ ତାଙ୍କ ତାଙ୍କ ଭାଇ ସମୀର ଆର୍ଯ୍ୟ କୌଣସି ମତେ ସେଠାରେ ପହଞ୍ଚି ଯାଉଥିଲେ । ଏଥିସହିତ ସେ ପିଲାକୁ ବହୁତ ଧମାକାଇବା ସହ ମାଡ ମଧ ମାରୁଥିଲେ । ଏହି ଦୁଇ ଜଣ ସେ ସମୟରେ ଦବଙ୍ଗ ଥିଲେ । ଆଜି ଯଦି ମୁଁ ସିଙ୍ଗଲ ଅଛି କେବଳ ଅଜୟଙ୍କ ପାଇଁ । ତେବେ ତବୁ ଏହିସବୁ କଥା ମଜାଳିଆ ଢଙ୍ଗରେ କହିଥିଲେ । କାରଣ ଅଭିନେତା ଅଜୟ ଦେବଗନ ଏବଂ ଅଭିନେତ୍ରୀ ଶୁମାର ତବୁ ବହୁତ ଭଲ ବନ୍ଧୁ ଅଟନ୍ତି । ଉଭୟ ପରସ୍ପରକୁ ପ୍ରାୟ ୨୫ ବର୍ଷ ହେବ ଜାଣିଛନ୍ତି । ଏଥିସହିତ ତାଙ୍କ ବନ୍ଧୁତ୍ୱ ବହୁତ ଘନିଷ୍ଠବୋଲି ସେ ସୂଚନା ଦେଇଛନ୍ତି ।

# ଚଳଚ୍ଚିତ୍ର 'ଦମନ' ଟିମ୍‌କୁ ସମ୍ବର୍ଦ୍ଧନା

ଓଡ଼ିଆ ଚଳଚ୍ଚିତ୍ର 'ଦମନ' ହିନ୍ଦୀ ଭାଷାରେ ଡବିଂ ହେବା ପରେ ଏହାକୁ ସାରା ଦେଶରେ ପାଖାପାଖି ୫୦୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାର ସୁଯୋଗ ମିଳିଛି । ଓଡ଼ିଆ ସିନେମାରେ ଓଡ଼ିଆତ୍ୱ ନାହିଁ କହି ଓଡ଼ିଆ ଦର୍ଶକ ମୁହଁ ଫେରେଇ ନେଉଛନ୍ତି ବୋଲି କୁହାଯାଉଥିବା ବେଳେ ନିକଟରେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ର 'ଦମନ' ବେଶ୍ ଆଦୃତ ହୋଇଛି । ଯୁବ ଡାକ୍ତର ସିଦ୍ଧାର୍ଥଙ୍କ କର୍ତ୍ତବ୍ୟନିଷ୍ଠ କାହାଣୀ । ଡାକ୍ତରୀ ପାଠ ଶେଷ କରିବା ପରେ ଡାକ୍ତରଙ୍କର ପୋଷ୍ଟିଂ ହୁଏ ମାଲକାନଗିରି ଜିଲ୍ଲାର ଉପାନ୍ତ ଅଞ୍ଚଳରେ । ମୌଳିକ ସୁବିଧା ସୁଯୋଗର ଅଭାବ, ପୁଣି ନକ୍ସଲ ଉପଦ୍ରୁତ ଏହି ଅଞ୍ଚଳରେ ଯୁବ ଡାକ୍ତର ଜଣକ କିଭଳି ନିଜ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି ଓ ଏଥିପାଇଁ ତାଙ୍କୁ କ'ଣ ସବୁ ଚ୍ୟାଲେଞ୍ଜ ସାମ୍ନା କରିବାକୁ ପଡୁଛି ତାହା ଏଥିରେ ପ୍ରତିଫଳିତ ହୋଇଛି । ଏହି ଫିଲ୍ମର କାହାଣୀ ଓ ଚିତ୍ରନାଟ୍ୟ ଲେଖିବା ସହିତ ନିର୍ଦ୍ଦେଶନା ଦେଇଛନ୍ତି ବିଶାଳ ମୌର୍ଯ୍ୟ ଓ ଦେବୀ ପ୍ରସାଦ ଲେଙ୍କା । ପ୍ରଯୋଜନା କରିଛନ୍ତି ଦୀପେନ୍ଦ୍ର ସାମଲ । ଜେପି ୱାର୍ଲଡ୍‌ସ୍ମିଥ୍ ଓ ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡ଼ିକୁ ସଂଗୀତରେ ସଜାଇଛନ୍ତି ଗୌରବ ଆନନ୍ଦ ଓ ତାଙ୍କ ଟିମ୍ । ଏବେ ରାସେଶ୍ୱରୀ ଫିଲ୍ମସ୍‌ର ପ୍ରଯୋଜକ ବିରଞ୍ଚି ନାରାୟଣ ପଣ୍ଡା, 'ଦମନ' ଚଳଚ୍ଚିତ୍ରର ନିର୍ଦ୍ଦେଶକ ଦେବୀ ପ୍ରସାଦ ଲେଙ୍କା, କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ, ପ୍ରଚାର ତଥା ବ୍ୟାବସାୟିକ ମୁଖ୍ୟ ସମ୍ବିତ ଜେନାଙ୍କୁ ଏକ ବିଶେଷ ଉତ୍ସବରେ ସମ୍ବର୍ଦ୍ଧିତ କରିଛନ୍ତି । ଆଉ ଏକ ମୌଳିକ କାହାଣୀକୁ ନେଇ ଖୁବ୍ ଶୀଘ୍ର ଏହି ଚଳଚ୍ଚିତ୍ର ନିର୍ମାଣ କରାଯିବ ବୋଲି ପ୍ରଯୋଜକ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି ।



# ବିଗ ବସର ଘରୋଇ ଝଗଡା, ଚିରିକି ଫାଡ଼ିଦେବି ବୋଲି ଧମକ ଦେଲେ ଅର୍ଚ୍ଚନା ଗୌତମ



ଏହି କିଛି ଦିନ ହେଲାଣି ବିଗ ବସର ଘରୋଇ ଝଗଡା ପ୍ରତିଦିନ ଦେଖିବାକୁ ମିଳୁଛି । ବର୍ତ୍ତମାନ ନୂଆ ଏପିସୋଡରେ ସାଜିଦ ଏବଂ ଅର୍ଚ୍ଚନାଙ୍କ ଭିତରେ ଝଗଡା ଲାଗୁଛି । ଏହି ଝଗଡା ମଧ୍ୟରେ ବାପା ମାଆଙ୍କୁ ନେଇ ମଧ ଝଗଡା କରିଛନ୍ତି । ଏପିସୋଡ଼ର ଏକ ନୂଆ ପ୍ରମୋ ଭିଡ଼ିଓରେ ଏହାର ଝଲକ ଦେଖିବାକୁ ମିଳିଛି । ପ୍ରମୋରେ ଅର୍ଚ୍ଚନା ଏବଂ ସାଜିଦ ରାସନ କମ କରିବା ଲିଷ୍ଟ ଟାସ୍କକୁ କରୁଥିବାର ଦେଖାଦେଇଛନ୍ତି । ପୁରା ଟାସ୍କରେ ସାଜିଦ ଖାନ, ଅର୍ଚ୍ଚନା ଗୌତମଙ୍କ ଶୋରୁ ବାହାର କରିବା ନେଇ ମଜାକ ଉଡାଉଥିବାର ଦୃଶ୍ୟ ଦେଖାଦେଇଛି । ସେ କହିଛନ୍ତି ଯେ, ଶୋ ର ନିର୍ମାତାଙ୍କୁ ବିନତୀ କରିବା ପରେ ମଧ ଅର୍ଚ୍ଚନାଙ୍କୁ ଶୋ ରୁ କଢାଯାଇଥିଲା । ପୁଣି ତାଙ୍କ ବାପା କୁଆଡେ ଏହି ଶୋମ ର ମାଲିକ । ଏହିପରି ଭାବେ ସାଜିଦ ଅର୍ଚ୍ଚନାଙ୍କ ମଜାକ ଉଡାଉଛନ୍ତି । ତେବେ ଏହି ପ୍ରତିକ୍ରିୟାର ଉତ୍ତର ଦେଇ ଅର୍ଚ୍ଚନା କହିଛନ୍ତି ଯେ, ମୋ ବାପାଙ୍କ ପାଖେ ସେତିକି ଟଙ୍କା ଅଛି ବୋଲି ସେ ବିଗବସର ମାଲିକ ହୋଇଛନ୍ତି । ତୁମେ ବି ତୁମ ବାପାଙ୍କୁ କୁହ ସେ ଚଳାଇନେବେ । ଅର୍ଚ୍ଚନାଙ୍କ ଏହି କଥା ଶୁଣି ସାଜିଦ ନିଜ ନିୟନ୍ତ୍ରଣ ହରାଇ ବସିଛନ୍ତି । ସେ ଅର୍ଚ୍ଚନାଙ୍କୁ କହିଛନ୍ତି ତୁ ମୋ ବାପାଙ୍କ ନାମ କଣ କହୁଛୁ ନିଜ ଯୋଗ୍ୟତା ଦେଖେ । ଅର୍ଚ୍ଚନା କହିଛନ୍ତି ଯେ, ତୁ ମୋ ବାପା ମାଆଙ୍କ ଉପରକୁ କାହିଁକି ଯାଉଛୁ ତୋ ମାଆ ଉପରକୁ ଯାଆ । ଏହି କଥା କହି ଚିଲେଇକି କହିଲେ ମୁଁ ତୋତେ ଚିରିକି ଫାଡିଦେବି । ଏହି ଝଗଡା ପରେ ସାଜିଦ ଇମୋସନାଲ ହୋଇଯାଇଛନ୍ତି ସେ କହିଛନ୍ତି ଯେ, ମୋ ବାପାଙ୍କ ମରିବା ୪୦ବର୍ଷ ହୋଇଗଲାଣି, ଆଜି ତୁ ତାଙ୍କ ନାଆରେ ମୋତେ କହିଦେଲୁ । ଏହାପରେ ଅର୍ଚ୍ଚନା କହୁଛନ୍ତି ଏହା ସବୁ ଷଡଯନ୍ତ୍ର ଥିଲା ମୋ ପାଇଁ, ସେ ହିଁ ମୋ ବାପାଙ୍କ ନାମ ଆଗ ଉଠାଇଥିଲା ।

# କମଲ ହାସନ ଅସୁସ୍ଥ: ହସ୍ପିଟାଲରେ ଭର୍ତ୍ତି

ସାଉଥ୍ ସୁପରଷ୍ଟାର କମଲ ହାସନ ଅସୁସ୍ଥ ଅଛନ୍ତି । ନିଃଶ୍ୱାସ ନେବାରେ କଷ୍ଟ ହେବାରୁ ତାଙ୍କୁ ଚେନ୍ନାଇର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତାଙ୍କ ଅବସ୍ଥା ସ୍ଥିର ଥିବା ଜଣାଯାଇଛି । କମଲ ହାସନଙ୍କ ଅସୁସ୍ଥତା ଖବର ପ୍ରଚାରିତ ହେବା ମାତ୍ରେ ଫ୍ୟାନ୍‌ମାନେ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । କମଲ ହାସନ ହାଇଦ୍ରାବାଦରୁ ଚେନ୍ନାଇ ଫେରୁଥିବା ବେଳେ ଜ୍ୱରରେ ପୀଡ଼ିତ ଥିଲେ । ବାଟରେ ଅସହଜ ଅନୁଭବ ହେବାରୁ ତାଙ୍କୁ ତୁରନ୍ତ ଚେନ୍ନାଇର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେଠାରେ ତାଙ୍କ ଅବସ୍ଥା ସ୍ଥିର ଥିବା ବେଳେ ଖୁବ୍ ଶୀଘ୍ର ତାଙ୍କୁ ଡିସଚାର୍ଜ କରାଯିବ ବୋଲି ଜଣାଯାଇଛି । ତେବେ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବିଶ୍ରାମ କରିବାକୁ ଡାକ୍ତର କମଲ ହାସନଙ୍କୁ ପରାମର୍ଶ ଦେଇଛନ୍ତି । କମଲ ହାସନ ଏବେ ରିୟାଲିଟି ଶୋ' 'ବିଗ୍ ବସ୍ ତାମିଲ ସିଜନ ୬' କୁ ହୋଷ୍ଟ କରୁଛନ୍ତି । ଗତ ୬ ମାସ ହେଲା ସେ ଏହାର ଶୁଟିଂରେ ବ୍ୟସ୍ତ ଅଛନ୍ତି । ଏହି ରିୟାଲିଟି ଶୋ' ଖୁବ୍ ପପୁଲାର ହେଉଥିବା ବେଳେ ହିଟ୍ ସାବ୍ୟସ୍ତ ହୋଇଛି । ଏବେ କମଲ ହାସନ 'Indian ୨' ଫିଲ୍ମର ଶୁଟିଂରେ ମଧ ବ୍ୟସ୍ତ ଥିବା ବେଳେ ଆଗକୁ ମଣିରତ୍ନମଙ୍କ ଫିଲ୍ମ ' KH ୨୩୪' ରେ କାମ କରିବେ ବୋଲି ଜଣାଯାଇଛି ।



# ଏୟାରପୋର୍ଟରେ ସ୍ୱାମୀଙ୍କ ସହ ଲିପ୍‌ଲକ୍ କଲେ ଶ୍ରେୟା, ରାଗିଗଲେ ୟୁଜର୍ସ

ସାଉଥ ସିନେମାର ପପୁଲାର ଅଭିନେତ୍ରୀ ତଥା ଦୃଶ୍ୟମ ଅଭିନେତ୍ରୀ ଶ୍ରେୟା ସରନ୍ । ନିଜର ଚୁଲବୁଲା ଓ ଖୋଲା ସ୍ୱଭାବ ପାଇଁ ସେ ବି-ଟାଉନ୍‌ରେ ବେଶ୍ ପରିଚିତ । କେବଳ ସେତିକି ନୁହେଁ ସେ ତାଙ୍କ ରୋମାଣ୍ଟିକ ଅନ୍ଦାଜ ପାଇଁ ମଧ ବେଶ୍ ଜଣାଶୁଣା । ତେବେ ତାଙ୍କର ଏହି ରୋମାଣ୍ଟିକ ଅନ୍ଦାଜ ଏବେ ତାଙ୍କ ଉପରେ ହିଁ ଭାର ପଡିଛି । ଶ୍ରେୟାଙ୍କ ଉପରେ ରାଗି ଯାଇଛନ୍ତି ୟୁଜର୍ସ । ଆଜିକାଲି ଏହି ଅଭିନେତ୍ରୀ ନିକଟରେ ରିଲିଜ ହୋଇଥିବା ତାଙ୍କ ଫିଲ୍ମ 'ଦୃଶ୍ୟମ-୨'ର ପ୍ରମୋସନରେ ବ୍ୟସ୍ତ ଅଛନ୍ତି । ଶ୍ରେୟା ସରନ୍ ପ୍ରାୟତଃ ସର୍ବସାଧାରଣରେ ତାଙ୍କ ସ୍ୱାମୀଙ୍କ ଉପରେ ପ୍ରେମ ବର୍ଷା କରୁଥିବା ଦେଖାଯାଏ । ନିକଟରେ ଏହି ଅଭିନେତ୍ରୀ ବିମାନ ବନ୍ଦରରେ ସ୍ୱାମୀଙ୍କ ସହ ରୋମାଣ୍ଟିକ୍ ହୋଇଛନ୍ତି । କ୍ୟାମେରା ଆଗରେ ସେ ନିଜ ସ୍ୱାମୀଙ୍କ ସହ କରିଛନ୍ତି ଲିପ୍‌ଲକ୍ । ଯାହାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଶ୍ରେୟାଙ୍କ ଏଭଳି ରୋମାଣ୍ଟିକ ଅନ୍ଦାଜ ଦେଖି ଅନେକ ୟୁଜର୍ସ ତାଙ୍କ ଉପରେ ରାଗି ଯାଇଛନ୍ତି । ଅନେକ ତାଙ୍କୁ ସମାଲୋଚନା କରିଛନ୍ତି । ଜଣେ ୟୁଜର୍ସ ଲେଖିଛନ୍ତି, ଘରେ ସ୍ଥାନ ଅଭାବ ପଡିଥିଲା କି ? କ୍ୟାମେରା ଆଗରେ ଏଭଳି ପ୍ରେମ ଦେଖାଇବା ଲଜ୍ଜାଜନକ । ଆଉ ଜଣେ ୟୁଜର୍ସ ଲେଖିଛନ୍ତି, କ୍ୟାମେରା ଆଗରେ ଏଭଳି ପୋଜ୍ ଦେବା ଜରୁରୀ କି ? ଅଭିନେତ୍ରୀ ଶ୍ରେୟା ସରନ ନିକଟରେ ରିଲିଜ ହୋଇଥିବା ତାଙ୍କ ଫିଲ୍ମ 'ଦୃଶ୍ୟମ-୨'ର ସଫଳତାକୁ ନେଇ ଏଞ୍ଜୟ କରୁଛନ୍ତି । ଏହି ଫିଲ୍ମଟି ବକ୍ସ ଅଫିସରେ ମାତ୍ର ତିନି ଦିନ ମଧ୍ୟରେ ବେଶ୍ ଭଲ ବ୍ୟବସାୟ କରିଛି । ଶନିବାର ଦିନ ଏହି ଫିଲ୍ମ ୨୧.୫୯ କୋଟି ଟଙ୍କାର ବ୍ୟବସାୟ କରିଥିଲା । ଫିଲ୍ମରେ ଶ୍ରେୟାଙ୍କ ବ୍ୟତୀତ ଅଜୟ ଦେବଗନ୍ ଓ ତବୁ ମଧ ଅଛନ୍ତି ।



# ନିର୍ବାଚିତ ପୌର ପ୍ରତିନିଧିଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ଲୋକସେବା ଭବନ କନଭେନସନ୍ ଠାରେ ବୁଧବାର ନିର୍ବାଚିତ ପୌର ପ୍ରତିନିଧିଙ୍କ ଏକ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏଥିରେ କଟକ , ଢେଙ୍କାନାଳ, ଯାଜପୁର, ଜଗତସିଂହପୁର ତଥା କେନ୍ଦ୍ରାପଡ଼ା ଆଦି ୫ଟି ଜିଲ୍ଲାର ୧୨ଟି ପୌର ସଂସ୍ଥାର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ କାଉନସିଲର୍ ମାନେ ଯୋଗ ଦେଇଥିଲେ ।

ମନ୍ତ୍ରୀ ନିଜ ଅଭିଭାଷଣରେ ଏହି କର୍ମଶାଳାରେ ଉପସ୍ଥିତ ନିର୍ବାଚିତ ପୌର ପ୍ରତିନିଧିଙ୍କୁ 'ସିଟି ଲିଡ଼ର୍ସ' ରୂପେ ଆଖ୍ୟାୟିତ କରିବା ସହ ସେମାନେ ଲୋକଙ୍କ ଦ୍ୱାରା ନିର୍ବାଚିତ ଏବଂ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମ ଲୋକାଭିମୁଖୀ ହୋଇଥିବାରୁ ସେମାନେ ଆଖି ଓ କାନ ସଦୃଶ ସହରାଂଚଳ ବିକାଶ ନିମନ୍ତେ ସରକାରଙ୍କୁ ସକାରାତ୍ମକ ପରାମର୍ଶ ଦେବା ଉଚିତ । ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ କହିଥିଲେ ଯେ ରାଜ୍ୟ ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ବର୍ତ୍ତମାନ ପରିପ୍ରେକ୍ଷୀରେ ଏକ ଦ୍ରୁତ ବିକାଶଶୀଳ ବିଭାଗ ରୂପେ ନାଗରିକ ମାନଙ୍କର ଆଶା ଓ ଆକାଂକ୍ଷା ପରିପୂରଣ ନିମନ୍ତେ ନିରନ୍ତର ଉଦ୍ୟମ କରିବା ସହ ମିଶନ୍ ଶକ୍ତି ଓ ଟ୍ରାନ୍ସଜେଣ୍ଡର୍ ଗୋଷ୍ଠୀ, ବସ୍ତି ବାସିନ୍ଦା ସଂଘ ଆଦିଙ୍କ ସହଭାଗିତାରେ ୭୧୦୦ କୋଟି ଟଙ୍କା ବ୍ୟୟ ବରାଦରେ ଯୋଜନା ମାନ ରୂପାୟିତ କରୁଛି ବୋଲି କହିଥିଲେ ।

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ଶାସନ ସଚିବ ତଥା ରାଜ୍ୟ ସହରାଂଚଳ ଉନ୍ନୟନ ସଂସ୍ଥା (ସୁଡ଼ା) ର ନିର୍ଦ୍ଦେଶକ ଶାରଦା ପ୍ରସାଦ ପଣ୍ଡା ସମବେତ ପ୍ରତିନିଧିଙ୍କୁ ସମ୍ବୋଧିତ କରି ସାମର୍ଥ୍ୟ ନିର୍ମାଣ ତଥା ଦକ୍ଷତା ବିକାଶ ଦିଗରେ ବିଭାଗ ହାତକୁ ନେଇଥିବା ସମୟୋପଯୋଗୀ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ । ମିଶନ୍ ଶକ୍ତି ଗୋଷ୍ଠୀ ଓ ବସ୍ତି ବାସିନ୍ଦା ସଂଘ ର ସଦସ୍ୟ ମାନଙ୍କ ପ୍ରଶିକ୍ଷଣ ନିମନ୍ତେ ଗ୍ରହଣ କରାଯାଇଥିବା ସୁଚିନ୍ତିତ ଲୋକସେବା, ଜନ ସହଯୋଗ ତଥା ଗୋଷ୍ଠୀ ସହଭାଗିତା ଭିତିରେ ଏଯାବତ୍ ଅନ୍ୟତମ ସର୍ବବୃହତ କାର୍ଯ୍ୟ ଯୋଜନା ବିକାଶ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ ।

ଏହି ଏକଦିବସୀୟ ପ୍ରଶିକ୍ଷଣ କର୍ମଶାଳାର ବୈଷୟିକ ଅଧିବେଶନ ମାନଙ୍କରେ ବିଭାଗୀୟ ଆର୍ଥିକ ପରାମର୍ଶଦାତା ତଥା ଓ.ଏସ୍. ଡ଼ି ସଞ୍ଜୟ ପରମାଣିକ, ଜାଗା ମିଶନ୍ ର ଅତିରିକ୍ତ ନିର୍ଦ୍ଦେଶକ ସୌରୀନ୍ଦ୍ର ରାଉତରାୟ, ଓ.ୟୁ.ଆଇ.ଡ଼ି.ଏଫ୍ ପ୍ରଶାସନିକ ଅଧିକାରୀ ସଞ୍ଜୟ ରାଉତ ପ୍ରମୁଖ ଅଂଶଗ୍ରହଣ କରି ସହରାଂଚଳ ପରିମଳ, ଗୋଷ୍ଠୀ ସହଭାଗିତା, ମୁକ୍ତା, ଆହାର, ଜଳସାଥୀ, ଜଳାଶୟ ପୁନଃବିକାଶ, ଆର୍ଥିକ ପରିଚାଳନା, ମୋ ସରକାର ଓ ଫାଇଭ୍ ଟି ଉପକ୍ରମ ଆଦି ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।

# ନବକୃଷ୍ଣ ଚୌଧୁରୀ ଥିଲେ ଓଡ଼ିଶାର ଋଷିପ୍ରତିମ ରାଜନେତା

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ବିଶିଷ୍ଟ ସର୍ବୋଦୟ ନେତା,ମୌଳିକ ଶିକ୍ଷାର ପ୍ରବର୍ତ୍ତକ,ନିଶା ନିବାରଣ ଆନ୍ଦୋଳନର କର୍ଣ୍ଣଧାର, ଓଡ଼ିଆ ଭାଷା ସୁରକ୍ଷା ଓ ଚାଷୀମାନଙ୍କ ଅଧିକାର ପାଇଁ ଲଢେଇ କରୁଥିବା ନୀତିନିଷ୍ଠ ରାଜନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୧ତମ ଜୟନ୍ତୀ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଓଡିଶା ବିଧାନସଭା ସମ୍ମୁଖସ୍ଥ ତାଙ୍କ ପ୍ରତିମୂର୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଜି ପ୍ରତ୍ୟୁଷରେ ଏହି ବିଶିଷ୍ଟ ଜନନେତାଙ୍କ ଠାରେ ମାଲ୍ୟାର୍ପଣ ସହ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏଥିରେ ଯୋଗଦେଇ ବକ୍ତାମାନେ ନବକୃଷ୍ଣ ଚୌଧୁରୀ ଏକ ପ୍ରତିଷ୍ଠିତ ଜମିଦାର ପରିବାରରେ ଜନ୍ମନେଇ ସ୍ୱାଧୀନତା ସଂଗ୍ରାମରେ ସପରିବାର ସାମିଲ ହୋଇ ବହୁବାର କାରବରଣ କରିଥିଲେ ବୋଲି କହିଥିଲେ । ତାଙ୍କ ବଡ଼ଭାଇ ଗୋପବନ୍ଧୁ ଚୌଧୁରୀ, ବଡ଼ ଭାଉଜ ମା ରମାଦେବୀ,ପତ୍ନୀ ମାଳତୀ ଚୌଧୁରୀ ଓ ଝିଆରୀ ଅନ୍ନପୂର୍ଣ୍ଣା ମହାରଣା ମଧ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ କାରାବରଣ କରିଥିଲେ । ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନ ସହ ସମସ୍ତ ଓଡ଼ିଆ ଭାଷା ଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ସେ ଆଜୀବନ ସଂଘର୍ଷ କରିଥିଲେ । ରାଜସ୍ୱ ମନ୍ତ୍ରୀ ଭାବେ ଭାଗଚାଷୀ ଆଇନ ପ୍ରଣୟନ ଓ ମୁଖ୍ୟମନ୍ତ୍ରୀ ଭାବରେ ରାଜ୍ୟରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ପାଦନ ଏବଂ ସମ୍ପୂର୍ଣ୍ଣ ନିଶାନିବାରଣ ପାଇଁ ସେ ଆଇନ ପ୍ରଣୟନ କରିଥିଲେ । ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଚାଲି ଚାଲି ସରକାରୀ ବସଗୃହକୁ ଯାଇ ବସ ଯୋଗେ ଅନୁଗୋଳ ଯାଇ ବାଜି ରାଉତ ଛାତ୍ରାବାସରେ ଅବସ୍ଥାନ କରି ଗୋପାଳନ,କୃଷିକାର୍ଯ୍ୟ ସମ୍ପାଦନ ସହ ସେ ବଜାରରେ କ୍ଷୀର ବିକ୍ରୟ ମଧ କରୁଥିଲେ, ଯାହା ଆଜିର ଯୁବ ପିଢ଼ି ପାଇଁ ଆଶ୍ଚର୍ଯ୍ୟଜନକ ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଅଧ୍ୟାପକ ରମେଶ ଚନ୍ଦ୍ର ପାତ୍ରାଳସିଂହ, ଶିକ୍ଷାବିତ ନିରଞ୍ଜନ ପଣ୍ଡା, ସୁମିତ୍ରା ଜେନା, ଗିରିଜା ଶଙ୍କର ମହାପାତ୍ର, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ନାରାୟଣ ଓଝା,ତନ୍ମୟ ସାମନ୍ତରାୟ, ଉଇ ଫର ଭୁବନେଶ୍ୱର ସଭ୍ୟବୃନ୍ଦ, ମୁକୁନ୍ଦ ଶତପଥୀ, ପ୍ରମୁଖ ଯୋଗଦେଇ ଏହି ଯୋଗଜନ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରିଶେଷରେ ଉଇ ଫର ଭୁବନେଶ୍ୱର ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ୫ଜଣଙ୍କୁ ନବକୃଷ୍ଣ ଚୌଧୁରୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ

ମାଲକାନଗିରି, ୨୪/୧୧ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ପଦାତିକ ବାହିନୀ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ତଥା ମାଲକାନଗିରି ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମହେଶ୍ୱର ଚନ୍ଦ୍ର ନାୟକ ଉଦଘାଟନ କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ରକ୍ତଦାନ କାର୍ଯ୍ୟକ୍ରମ ପୂର୍ବରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ସଭାକୁ ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ପରିଚାଳନା କରିଥିଲେ । ମୁଖ୍ୟବକ୍ତା ରୂପେ ଜିଲ୍ଲା ଯୁବ ରେଡ଼କ୍ରସର ଆବାହକ ଓ ସମ୍ପାଦକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ରକ୍ତଦାନର ମହତ୍ୱ ଓ ଉପକାରିତ ସମ୍ପର୍କରେ ଆଲୋଚନା କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ସୁଶାନ୍ତ କୁମାର ମାଝୀ ଆୟୋଜନ କରିଥିଲା ବେଳେ ଜିଲ୍ଲା ନିୟୋଜନ ଅଧିକାରୀ ମାନସୀ ସେଠୀ ଯୋଗଦାନ କରିବା ସହ ଡ଼. ସାଗର ବାହା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯିବା ସହିତ ୫୦ ଜଣ ଏନସିସି କ୍ୟାଡ଼େଟଙ୍କ ଉପସ୍ଥିତିରେ ମହାବିଦ୍ୟାଳୟର ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି ଦିବସକୁ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତରଫରୁ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ ଉପଲକ୍ଷେ ଆୟୋଜନ କରାଯାଇଥିଲା । ଏଥିରେ ଏନ.ସି.ସି. କେଡେଟ ଗଣେଶ ପଟ୍ଟନାୟକ, ଗୁପ୍ତ ଗଉତମ ରାକେଶ ପରିଡ଼ା ପ୍ରମୁଖ ରକ୍ତଦାନ କରିଥିଲେ । ମହାବିଦ୍ୟାଳୟ ଛାତ୍ର ଛାତ୍ରୀ, ସ୍ନେହିତା ବୈଦ୍ୟ, ସାନିଆ କୀର୍ଶାରୀ, ଜଲନ୍ଧର ମାଡ଼କମି, ସୁମନ୍ତ ମାଡ଼କାମି ପ୍ରମୁଖ ରକ୍ତଦାନ କରିଥିଲେ ।

## ୧୮ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ବାରପୁଡୁଗିଆ

ବଲାଙ୍ଗିର, ୨୪/୧୧ (ନି.ପ୍ର): ଜ୍ୟୋତି ରଂଜନ ପାଣିଗ୍ରାହୀଙ୍କ ସ୍ମୃତିରେ ୫ ଦିନ ବ୍ୟାପି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍ ?ଘାଟିତ ହୋଇଯାଇଛି । ୧୬ ଗୋଟି ଦଳକୁ ନେଇ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ପ୍ରଥମ ଦିନର ପ୍ରଥମ ମ୍ୟାଚ ଜନକପୁର - ହର୍ଡାଟାଲକୁ ହରାଇ ଜନକପୁର ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ବାରପୁଡୁଗିଆ - ଫୌଜି କ୍ଲବକୁ ହରାଇଥିଲା । ତୃତୀୟ ମ୍ୟାଚରେ ଜନକପୁର କୁ ହରାଇ ବାରପୁଡୁଗିଆ ସେମି ଫାଇନାଲରେ ପ୍ରବେଶ କରିଛି । ମ୍ୟାଚକୁ ସ୍ଥାନୀୟ ସରପଂଚ ଜନ୍ମଜୟ ମେହେର, ବରିଷ୍ଠ ଓକିଲ ନିଳାଦ୍ରୀ ବିହାରୀ ମିଶ୍ର ଉଦ୍‌ଘାଟନ କରିଥିଲେ । ଗିରିଧାରୀ କାଲସାଏ, ସଦାନନ୍ଦ ମହଲା, ଲବ ନାଗ, ବିଜୟ ମହଲା, ବିକାଶ ନାଏକ, ସୁରଜ ନାଏକ, ଗଜନ ସାହୁ, ବିକାଶ, ଦିଲିପ, ମିଥୁନ, ଧୋବା ମହଲା ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ । ବାରପୁଡୁଗିଆ ସିଦ୍ଧାଶ୍ରମ ସେବା ପ୍ରତିଷ୍ଠାନ ର ସଭାପତି ଜୟକୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ମ୍ୟାଚ ପରିଚାଳନା ହୋଇଥିଲା ।

# ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କ ସହିତ ବୈଠକ

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭାଗୀୟ ବିଭିନ୍ନ କାର୍ଯ୍ୟକୁ ନିଷ୍ପାର ସହ ସଂପାଦନ କରିବାକୁ ବୁଧବାର ପୂର୍ବାହ୍ଣରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଶ୍ରୀ ସତ୍ୟବ୍ରତ ସାହୁ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କ ସହିତ ଅନୁଷ୍ଠିତ ଏକ ବୈଠକରେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ସମେତ ବିଭାଗର ସମସ୍ତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହିଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବୈଠକରେ କଳାକାରମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଧାର୍ଯ୍ୟଲକ୍ଷ୍ୟ ରହିଥିବା ହିତାଧିକାରୀଙ୍କ ନାମଚଳିତ ମାସ ଶେଷ ସୁଦ୍ଧା ଶୀଘ୍ର ଚୟନକରି ବିଭାଗକୁ ପ୍ରେରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯୋଗ୍ୟ ଅଥଚ କୌଣସି କାରଣରୁ ସିଟିଏମଏସ ରେ ନାମ ପଞ୍ଜୀକରଣ କରିପାରିନଥିବା ନୂଆ ସାଂସ୍କୃତିକ ଦଳମାନଙ୍କର ପଞ୍ଜୀକରଣ ମାର୍ଚ୍ଚ ୧ ରୁ ୩୧ ତାରିଖ ମଧ୍ୟରେ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି ।

ବିଭିନ୍ନ ଜିଲ୍ଲାରେ ନିର୍ମାଣାଧିନ ସଂସ୍କୃତି ଭବନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ୭ ଦିନରେ ଥରେ ସଂସ୍କୃତି ଅଧିକାରୀମାନେ ନିର୍ମାଣସ୍ଥଳ ପରିଦର୍ଶନ କରିବା, ରାଜ୍ୟରେ ଥିବା ୨୧୭ ଟି ସୁରକ୍ଷିତ ଐତିହ୍ୟ କୀର୍ତିରାଜିଗୁଡିକୁ ପରିଦର୍ଶନ କରି ଏହାର ଅଧିକ ସୁରକ୍ଷାଓ ସୌନ୍ଦର୍ଯ୍ୟକରଣ ପାଇଁ ଆବଶ୍ୟକତା ସଂପର୍କରେ ପ୍ରସ୍ତାବ ଦେବା, ବିଭିନ୍ନ ପାଠାଗାରରେ ପୁସ୍ତକ ପହଁଚିଛି କି ନାହିଁ ଅନୁଧାନ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ନିଷ୍ପତି ହୋଇସାରିଥିବା ବିଭିନ୍ନ ଜିଲ୍ଲାରେ ସ୍ଥାପିତ ହେବାକୁ ଥିବା ମହାପୁରୁଷ ତଥା ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତିମୂର୍ତି ସ୍ଥାପନ ପାଇଁ ଶୀଘ୍ର ସ୍ଥାନ ନିରୂପଣ କରାଯିବା, ଜିଲ୍ଲାଗୁଡିକରେ ଥିବା ବରପୁତ୍ରମାନଙ୍କର ଜୟନ୍ତୀ ବା ଶ୍ରାଦ୍ଧୋତ୍ସବରେ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବା, ମନ୍ମଥ-ମନୋଜ (ବାଲେଶ୍ୱର ଜିଲ୍ଲା) ସ୍ମାରକୀ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସଂପର୍କରେ ନିୟମିତ ବୈଠକ କରାଯିବା, ଐତିହ୍ୟ ଗ୍ରାମ ଭାବେ ବିକଶିତ କରାଯାଉଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋ ଗ୍ରାମ ପରିଦର୍ଶନ କରି ଏହାର ବିକାଶ କାର୍ଯ୍ୟକୁ ତଦାରଖ କରାଯିବାକୁ ସଂପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆହୁରି ମଧ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡିଆ ଭାଷା , ସାହିତ୍ୟର ଜ୍ଞାନ ଆହରଣ ବୃଦ୍ଧିକୁ ଗୁରୁତ୍ୱ ଦୃଷ୍ଟିରୁ ଯୁକ୍ତ ୨ ଏବଂ ୯ ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ (ସାହିତ୍ୟ ସଂପାନ) ଅନୁଷ୍ଠିତ ହେବା ନେଇ ବୈଠକରେ ଆଲୋଚନା ହୋଇଛି । ଆଗାମୀ ଜାନୁଆରୀରୁ ମାର୍ଚ୍ଚ ମାସ ମଧ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସଂପର୍କରେ ପଦକ୍ଷେପ ନିଆଯାଉଛି । ଜିଲ୍ଲାରେ ପରିବେଷଣ କରାଯିବାକୁ ଥିବା କର ମୁକ୍ତ ମାଲେରିଆ ନିରାକରଣ ସଚେତନତା ଧର୍ମୀ ଚଳଚିତ୍ର"ଦମନ"କୁ ସରକାରୀ କାର୍ଯ୍ୟ ନିର୍ଘଂଟ ସମୟ ବ୍ୟତିରେକ ପ୍ରଦର୍ଶନ ବ୍ୟବସ୍ଥା କରାଯିବା ଆଦି ସଂପର୍କରେ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ନେବା ସଂପର୍କରେ ବୈଠକରେ ପରାମର୍ଶ ଦିଆଯାଇଥିଲା ।

# ପୂର୍ବତଟ ରେଳପଥର ମହା ପ୍ରବନ୍ଧକଙ୍କ ଦ୍ୱାରା ଭୁବନେଶ୍ୱର ରେଳ ଷ୍ଟେସନ୍‌ର ନିରୀକ୍ଷଣ

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୂପ ନାରାୟଣ ସୁନକର ବୁଧବାର ଭୁବନେଶ୍ୱର ରେଳ ଷ୍ଟେସନର ନିରୀକ୍ଷଣ କରିଛନ୍ତି ଏବଂ ଭୁବନେଶ୍ୱରରୁ ତାଳଚର ପର୍ଯ୍ୟନ୍ତ (ଅନଗୁଳ ମଧ ଦେଇ) ୱିଣ୍ଡୋ ଟ୍ରେଲିଂ ନିରୀକ୍ଷଣ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା ମଧ କରିଛନ୍ତି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାକୁ ବିଶେଷ ଧ୍ୟାନ ଦେଉଛନ୍ତି ଏବଂ ଓଡିଶାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ତାଙ୍କ ନିରନ୍ତର ତଦାରଖ ଏବଂ ପ୍ରାଥମିକତା ଅଧୀନରେ ରହିଛି । ରେଳମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଶ୍ରୀ ସୁନକର ଆଜି ଭୁବନେଶ୍ୱର ରେଳ ଷ୍ଟେସନର ବିସ୍ତୃତ ଚଳପ୍ରଚଳ ସ୍ଥାନ, ଟିକେଟ ସଂରକ୍ଷଣ କେନ୍ଦ୍ର, ଷ୍ଟେସନ ଏବଂ ପ୍ଲାଟଫର୍ମରେ ଉପଲବ୍ଧ ବିଭିନ୍ନ ଯାତ୍ରୀ ସୁବିଧା ଗୁଡିକର ଯାଂଚ କରିଛନ୍ତି । ମହା ପ୍ରବନ୍ଧକ ପ୍ରସ୍ତାବିତ ନୂତନ ଷ୍ଟେସନ୍ ବିଲ୍ଡିଂର ଡିଜାଇନର ସମୀକ୍ଷା କରିବା ସହ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ବିଷୟରେ ପଚାରି ବୁଝିଥିଲେ । ସେ ମଧ ଭୁବନେଶ୍ୱରରୁ ତାଳଚେରକୁ (ଭାୟା ଅନଗୁଳ) ଦେଇ ୱିଣ୍ଡୋ ଟ୍ରେଲିଂ ନିରୀକ୍ଷଣ କରିବା ସହ ତାଳଚେର ଅଂଚଳରେ ଥିବା ବିଭିନ୍ନ ସାଇଡିଙ୍ଗର ମଧ ନିରୀକ୍ଷଣ କରିଥିଲେ । ଯାଂଚ ସମୟରେ ସେ ବିଭିନ୍ନ ଜନ ସଂଗଠନ ଦ୍ୱାରା ଦିଆଯାଇଥିବା ସ୍ମାରକପତ୍ର ଗ୍ରହଣ କରିଥିଲେ ଏବଂ ଅଭିଯୋଗ ଗୁଡିକର ଶୀଘ୍ର ସମାଧାନ ପାଇଁ ଆଶ୍ୱାସନା ଦେଇଥିଲେ । ଭୁବନେଶ୍ୱର ରେଳ ଷ୍ଟେସନ ନିରୀକ୍ଷଣ ସମୟରେ ଶ୍ରୀ ସୁନକର ଯାତ୍ରୀ ମାନଙ୍କୁ ଦିଆଯାଉଥିବା ମୌଳିକ ସୁବିଧା ତଥା ଆବଶ୍ୟକତା ଗୁଡିକ ଯେପରି ଯାତ୍ରୀମାନଙ୍କୁ ସହାୟକ ହୋଇପାରିବ ସେଥିପ୍ରତି ଧ୍ୟାନଦେବାକୁ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।

# ବିଶ୍ୱଶାନ୍ତି ପାଇଁ ଦେବ ଦୀପାବଳୀରେ ରାମ ମନ୍ଦିରଠାରେ ଜଳିଲା ୫୦୦୦ ଦୀପ

ଭୁବନେଶ୍ୱର,୨୩ ନଭେମ୍ବର - ପବିତ୍ର ଦେବ ଦୀପାବଳୀ ଉପଲକ୍ଷେ ବୁଧବାର ଭୁବନେଶ୍ୱର ଶ୍ରୀରାମ ମନ୍ଦିରଠାରେ ବିଶ୍ୱର ପ୍ରତ୍ୟେକ ପ୍ରାଣୀର କଲ୍ୟାଣ ପାଇଁ ଓ ବିଶ୍ୱଶାନ୍ତି ପାଇଁ ପାଂଚ ହଜାର ଘିଅଦୀପ ପ୍ରଜ୍ୱଳିତ କରାଯାଇଛି । ହାପି ଲିଭିଙ୍ଗ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଭାରତବର୍ଷର ବିଶିଷ୍ଟ ବୈଜ୍ଞାନିକ ତଥା ନାସାର ବରିଷ୍ଠ ବୈଜ୍ଞାନିକ ଡ. ଓମ୍ ପ୍ରକାଶ ପାଣ୍ଡେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ, ଆମ ସଂସ୍କୃତି ଓ ପରମ୍ପରାରେ ଶ୍ରୀମନ୍ଦିର ଓ ଶ୍ରୀ ଜଗନ୍ନାଥଙ୍କୁ ସମସ୍ତ କାର୍ଯ୍ୟରେ ସମ୍ପୃକ୍ତ କରାଯାଇଛି । ଦେବ ଦୀପାବଳୀ ଉତ୍ସବ ୩ ଦିନ ଧରି ଶ୍ରୀମନ୍ଦିରରେ ପାଳନ କରାଯାଇଥାଏ । ମାର୍ଗଶିର ମାସ କୃଷ୍ଣ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ତିନିଦିନ ଧରି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରାଦ୍ଧ ବେଶ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ଚତୁର୍ଦ୍ଦଶୀ ଦିନ ମା, ଅଦିତି ଓ କଶ୍ୟପଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ କରାଯାଉଥିବା ବେଳେ ଆଜି ଅମାବାସ୍ୟାରେ ଦଶରଥ, କୌଶଲ୍ୟା ଓ ଶୁକ୍ଳ, ପ୍ରତିପଦାରେ ନନ୍ଦ, ଯଶୋଦା, ଦେବକୀ, ବାସୁଦେବ ଓ ଇନ୍ଦ୍ରଦ୍ୟୁମ୍ନ ଗୁଣ୍ଡିଚା ମା'ଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ କରାଯିବାର ପରମ୍ପରା ଚଳି ଆସୁଛି ।

ଅନୁଷ୍ଠାନର ଅଧ୍ୟକ୍ଷ ଡଃ ମନୋଜ ଲେଙ୍କା ସ୍ୱାଗତ ଭାଷଣରେ କହିଲେ ଯେ, ଏହି ପବିତ୍ର କାର୍ଯ୍ୟକ୍ରମକୁ ସ୍ମରଣ କରି ଗତ ୫ ବର୍ଷ ହେବ ହାପି ଲିଭିଙ୍ଗ ଫାଉଣ୍ଡେସନ ପକ୍ଷରୁ ବିଶ୍ୱଶାନ୍ତି ପାଇଁ ତଥା ବିଶ୍ୱର ପ୍ରତ୍ୟେକ ପ୍ରାଣୀର କଲ୍ୟାଣ ପାଇଁ ଦୀପ ଦାନ କରାଯାଇ ଆସୁଅଛି । ଏହି କାର୍ଯ୍ୟକ୍ରମରେ ଅର୍ଗସ ଟିଭିର ନିର୍ଦ୍ଦେଶକ ସଞ୍ଜୟ ଜେନା, ଚଳଚ୍ଚିତ୍ର ଅଭିନେତା ବବି ମିଶ୍ର, ପ୍ରବଚକ ଶ୍ରୀ ସନ୍ନ୍ୟାସୀ, ପ୍ରଭାତ ନାୟକ, ଆଡ଼ଭୋକେଟ ବନ ମହାନ୍ତି, ମମତା ପରିଡ଼ା, ନିବେଦିତ ଭଞ୍ଜ ଏବଂ ଲୋପାମୁଦ୍ରା ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । କାର୍ଯ୍ୟକ୍ରମକୁ ବିଶିଷ୍ଟ ସମାଜସେବୀ ମନୋଜ ପାଳ ସଂଯୋଜନା କରିଥିଲେ ।

# ମୂଲ୍ୟବୋଧଭିତିକ ରାଜନୀତି ପାଇଁ ନବକୃଷ୍ଣ ଚୌଧୁରୀ ମନେ ରହିବେ

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ସାଂପ୍ରତିକ ଓଡ଼ିଶା ଇତିହାସ ଏବଂ ରାଜନୀତିକୁ ଯେଉଁ କେତେଜଣ ରାଜନେତା ସେମାନଙ୍କ ତ୍ୟାଗ ବଳରେ ଭାରତବର୍ଷରେ ପରିଚିତ କରିବା ପାଇଁ ଉଦ୍ୟମ କରିଥିଲେ, ସେମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ଅନ୍ୟତମ । ଉଭୟ ବ୍ୟକ୍ତିଗତ ଓ ସାମାଜିକ କ୍ଷେତ୍ରରେ ସାଧୁତା ଓ ସ୍ୱଚ୍ଛତା, ନୈତିକତା, ସରଳତା, ପରୋପକାର ଓ ସତ୍ୟବାଦିତା ଦୃଷ୍ଟିରୁ ସେ ସମଗ୍ର ଦେଶରେ ଏକ ବିରଳ ରାଜନେତା ଥିଲେ । ମୂଲ୍ୟବୋଧଭିତିକ ରାଜନୀତି ପାଇଁ ନବକୃଷ୍ଣ ଚୌଧୁରୀ ସବୁଦିନ ପାଇଁ ମନେ ରହିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଂଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ କହିଲେ ଯେ ଭାଗଚାଷୀ ଆଇନ, ଜମିଦାରୀ ଉଚ୍ଛେଦ ଆଦି ଜନକଲ୍ୟାଣକାରୀ ନିୟମ ଆଣି ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଓଡ଼ିଶାରେ ଧନୀ, ଦରିଦ୍ର ମଧ୍ୟରେ ତାରତମ୍ୟକୁ ହ୍ରାସ କରିବା ଦିଗରେ ତାଙ୍କର ନିଷ୍ଠା ପ୍ରମାଣିତ କରିଥିଲେ । ରାଉରକେଲାଠାରେ ରାଷ୍ଟ୍ରାୟତ ଇସ୍ପାତ କାରଖାନା, ଓ ହୀରାକୁଦ ବନ୍ଧ ନିର୍ମାଣ ସହ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାରେ ତାଙ୍କର ବଳିଷ୍ଠ ଅବଦାନ ଥିଲା । ଜଣେ ନିଷ୍ଠାପର ଜନନାୟକ ଏବଂ ବିପ୍ଳବୀର ସମସ୍ତ ଗୁଣ ତାଙ୍କଠାରେ ପରିପୂର୍ଣ୍ଣ ଥିଲା ବୋଲି ମନ୍ତ୍ରୀ ଶ୍ରୀ ଅମାତ ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥି ଓଡ଼ିଶା ବିଧାନସଭାର ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ତାଙ୍କ ବକ୍ତବ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କୁ ଜଣେ ସରଳ, ପରୋପକାରୀ, ସତ୍ୟବାନ ରାଜନେତା ଭାବେ ବର୍ଣ୍ଣନା କରିବା ସହ ତାଙ୍କର ନିଷ୍ଠା, ଆଦର୍ଶ, ତ୍ୟାଗପୂତ ଜୀବନ ଓଡ଼ିଶାବାସୀଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ ।

# ନବମରୁ ଯୁକ୍ତ ୨ ପିଲାଙ୍କ ପାଇଁ 'ସାହିତ୍ୟ ସଂପାନ'

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟର ଜ୍ଞାନ ଆହରଣ ବୃଦ୍ଧି ଗୁରୁତ୍ୱ ଦୃଷ୍ଟିରୁ ନବମରୁ ଯୁକ୍ତ ୨ ଛାତ୍ରଛାତ୍ରୀଙ୍କ ପାଇଁ ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ 'ସାହିତ୍ୟ ସଂପାନ' ଆୟୋଜନ କରାଇବା ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି । ଆସନ୍ତା ଜାନୁଆରିରୁ ମାର୍ଚ୍ଚ ମଧ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କିତ ପଦକ୍ଷେପ ନେବା ପାଇଁ ଶ୍ରୀ ସାହୁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭାଗୀୟ ବିଭିନ୍ନ କାର୍ଯ୍ୟକୁ ନିଷ୍ପାର ସହ ସଂପାଦନ କରିବାକୁ ଆଜି ପୂର୍ବାହ୍ଣରେ ଶ୍ରୀ ସାହୁ ରାଜ୍ୟର ସମସ୍ତ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କ ସହିତ ଅନୁଷ୍ଠିତ ଏକ ବୈଠକରେ ଏହି ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ସମେତ ସମସ୍ତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ କଳାକାରମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଧାର୍ଯ୍ୟ ଲକ୍ଷ୍ୟ ରହିଥିବା ହିତାଧିକାରୀଙ୍କ ନାମ ଚଳିତ ମାସ ଶେଷ ସୁଦ୍ଧା ଶୀଘ୍ର ଚୟନ କରି ବିଭାଗକୁ ପ୍ରେରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯୋଗ୍ୟ ଅଥଚ କୌଣସି କାରଣରୁ ସିଟିଏମ୍‌ଏସ୍‌ରେ ନାମ ପଞ୍ଜୀକରଣ କରିପାରି ନ ଥିବା ନୂଆ ସାଂସ୍କୃତିକ ଦଳମାନଙ୍କର ପଞ୍ଜୀକରଣ ମାର୍ଚ୍ଚ ୧ ରୁ ୩୧ ତାରିଖ ମଧ୍ୟରେ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି । ବିଭିନ୍ନ ଜିଲ୍ଲାରେ ନିର୍ମାଣାଧୀନ ସଂସ୍କୃତି ଭବନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ୭ ଦିନରେ ଥରେ ସଂସ୍କୃତି ଅଧିକାରୀମାନେ ନିର୍ମାଣସ୍ଥଳ ପରିଦର୍ଶନ କରିବା, ରାଜ୍ୟରେ ଥିବା ୨୧୭ଟି ସୁରକ୍ଷିତ ଐତିହ୍ୟ କୀର୍ତ୍ତିରାଜିକୁ ପରିଦର୍ଶନ କରି ଏହାର ଅଧିକ ସୁରକ୍ଷା ଓ ସୌନ୍ଦର୍ଯ୍ୟୀକରଣ ପାଇଁ ଆବଶ୍ୟକତା ସଂପର୍କରେ ପ୍ରସ୍ତାବ ଦେବା, ବିଭିନ୍ନ ପାଠାଗାରରେ ପୁସ୍ତକ ପହଞ୍ଚିଛି କି ନାହିଁ ଅନୁଧ୍ୟାନ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ନିଷ୍ପତ୍ତି ହୋଇସାରିଥିବା ବିଭିନ୍ନ ଜିଲ୍ଲାରେ ସ୍ଥାପିତ ହେବାକୁ ଥିବା ମହାପୁରୁଷ ତଥା ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଶୀଘ୍ର ସ୍ଥାନ ନିରୂପଣ କରାଯିବା, ଜିଲ୍ଲାଗୁଡ଼ିକରେ ଥିବା ବରପୁତ୍ରମାନଙ୍କର ଜୟନ୍ତୀ ବା ଶ୍ରାଦ୍ଧୋତ୍ସବରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା, ମନ୍ମଥ-ମନୋଜ (ବାଲେଶ୍ୱର ଜିଲ୍ଲା) ସ୍ମାରକୀ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସଂପର୍କରେ ନିୟମିତ ବୈଠକ କରାଯିବା, ଐତିହ୍ୟ ଗ୍ରାମ ଭାବେ ବିକଶିତ କରାଯାଉଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ 'ସୁଆଣ୍ଡୋ' ଗ୍ରାମ ପରିଦର୍ଶନ କରି ଏହାର ବିକାଶ କାର୍ଯ୍ୟକୁ ତଦାରଖ କରାଯିବାକୁ ସଂପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ଜାନୁଆରିରୁ ମିଲେଟ୍ ସଂଗ୍ରହ : ପ୍ରଥମ କରି ୪ ଜିଲ୍ଲା ସାମିଲ



ଭୁବନେଶ୍ୱର, ୨୪/୧୧ (ନି.ପ୍ର): ରାଜ୍ୟରେ ମିଲେଟ୍ ସଂଗ୍ରହ ଜାନୁଆରି ମାସରୁ ଆରମ୍ଭ ହେବ । ଏଥିପାଇଁ ଚାଷୀ ପଞ୍ଜୀକରଣ ଆରମ୍ଭ ହେବା ସହିତ ଗାଇଡ୍‌ଲାଇନ ପ୍ରସ୍ତାବିତ ମିଲେଟ୍ ସଂଗୃହୀତ ଜିଲ୍ଲାକୁ ପଠାଯାଇଛି । ଡିସେମ୍ବର ୩୧ସୁଦ୍ଧା ଚାଷୀଙ୍କୁ ପଞ୍ଜୀକରଣ କରିବା ପାଇଁ କୁହାଯାଇଛି । ଜିଲ୍ଲାର ଅମଳ ଅନୁସାରେ ସଂଗ୍ରହ ତାରିଖ ସମ୍ପର୍କରେ ନିଷ୍ପତ୍ତି ନିଆଯିବ । ପୂର୍ବରୁ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ନବରଙ୍ଗପୁର ସମେତ ୧୫ ଜିଲ୍ଲାରେ ମିଲେଟ୍ ସଂଗୃହୀତ ହେଉଥିଲା ।

ଚଳିତ ବର୍ଷ ପ୍ରଥମ କରି ନୟାଗଡ଼, ବୌଦ୍ଧ, ଝାରସୁଗୁଡ଼ା, ଢେଙ୍କାନାଳ ଅର୍ଥାତ ୧୯ ଜିଲ୍ଲାରୁ ଟିଡିସିସି ଚାଷୀଙ୍କ ଠାରୁ ମିଲେଟ୍ ସଂଗ୍ରହ କରିବ । ଗତବର୍ଷ ୫୦ ହଜାର ଚାଷୀଙ୍କ ଠାରୁ ୩ ଲକ୍ଷ ୨୩ ହଜାର କ୍ୱିଣ୍ଟାଲ ମିଲେଟ ସଂଗ୍ରହ ହୋଇଥିଲା । ଚଳିତ ବର୍ଷ ୬ ଲକ୍ଷ କ୍ୱିଣ୍ଟାଲ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ହେକ୍ଟର ପିଛା ମିଲେଟ୍ ସଂଗ୍ରହ ପରିମାଣ ୧୦ କ୍ୱିଣ୍ଟାଲକୁ ବୃଦ୍ଧି କରାଯାଇଛି । ଅଧିକ ଜିଲ୍ଲା ଥିବାରୁ ଅଧିକ ସଂଖ୍ୟାରେ ଚାଷୀ ଏହି ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବେ । ଏହାକୁ ନେଇ ଏକ ବୈଠକ କିଛି ଦିନ ପୂର୍ବରୁ ହୋଇଥିଲା ।

## ଉତ୍ତମ ଶାସନର ପରିଭାଷା...

(ପୃଷ୍ଠା ୪ର ଅବଶିଷ୍ଟ) ପ୍ରଥମେ ଆମେ ଦେଶର ସୁନାଗରିକ, ତାହାପରେ ନେତା, ମନ୍ତ୍ରୀ, ଯନ୍ତ୍ରୀ, ଶାସକ, ବାବୁ ଇତ୍ୟାଦି ଇତ୍ୟାଦି, ଯେତେବେଳ ପର୍ଯ୍ୟନ୍ତ ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ନିଃସ୍ୱାର୍ଥପର ଭାବେ ସେବା ନ'କରି କେବଳ ମନଲୋଭା ଭାଷଣ ଦେଉଥିବେ, ନିଜର ଦୋଷ ଦୁର୍ବଳତାକୁ ଘୋଡାଇବାକୁ ଯାଇ ଅନ୍ୟର ଦୋଷକୁ ସର୍ବସାଧାରଣରେ ବାରମ୍ବାର ଉତ୍ଥାପନ କରି ନିଜକୁ 'ଗୋଟା ତୁଳସୀ' ଅନ୍ୟକୁ 'ବିଛୁଆତି' ବୋଲି ଅଯଥା ପ୍ରଚାର ପ୍ରସାର ଯୁକ୍ତି ତର୍କରେ ସମୟ ନଷ୍ଟ ନକରି କିପରି ରାଷ୍ଟ୍ରର ଉନ୍ନତି ହେବ ତଥା ଜନତା ସୁଖରେ ରହିବେ ତାହା ଚିନ୍ତା କରି କାର୍ଯ୍ୟରେ ପରିଣତ କରିବା ବାଞ୍ଛନୀୟ, ତାହା ବଦଳରେ ପରସ୍ପର ଉପରକୁ କାଦୁଅ ଫିଙ୍ଗା ଏବଂ ଚୌକି ବଞ୍ଚାଅ ରାଜନୀତି ସବୁଠାରେ ଦୃଶ୍ୟ ହେଉଛି ଓ ଯେତେବେଳ ପର୍ଯ୍ୟନ୍ତ କ୍ଷମତାର ଅପବ୍ୟବହାର ହେଉଥିବ, ପ୍ରୋଟୋକଲ୍ ନାମରେ ଅଯଥା ଖର୍ଚ୍ଚ ବଢୁଥିବ ଓ ବିଳାସପୂର୍ଣ୍ଣ ଜୀବନଚର୍ଯ୍ୟା, ପ୍ରିୟାପ୍ରୀତି ତୋଷଣ, ଦୁର୍ନୀତିକୁ ଘଣ୍ଟ ଘୋଡାଇବା, ଅଯୋଗ୍ୟକୁ ଟିକଟ ଦେଇ ପ୍ରାର୍ଥୀ କରିବା ପରି କାର୍ଯ୍ୟ ଚାଲିଥିବା ସେତେବେଳ ପର୍ଯ୍ୟନ୍ତ ଦେଶର ଉନ୍ନତି ଅସମ୍ଭବ ଓ ଏକ ନିର୍ମଳ ଶାସନ ଅପେକ୍ଷାରେ ଆଜି ସାରା ଦେଶବାସୀ ଅପେକ୍ଷାରତ।

ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ ୭୫୩୦୦୯
ମୋ:୯୯୩୭୧୭୪୦୯୭

## ସତ୍ୟାନନ୍ଦ ଥିଲେ ଯୁବପିଢ଼ୀଙ୍କ ପାଇଁ ଆଦର୍ଶ



ଭଦ୍ରକ,୨୪/୧୧ (ନି.ପ୍ର): ବାସ୍ତବରେ ସ୍ୱର୍ଗତ ସତ୍ୟାନନ୍ଦ ମହାନ୍ତି ଥିଲେ ଜଣେ ଆଦର୍ଶ ପୁରୁଷ। ତାଙ୍କ ନିରଳସ ଜୀବନ ଚର୍ଯ୍ୟା ବର୍ତ୍ତମାନ ପିଢ଼ୀଙ୍କ ପାଇଁ ଆଦର୍ଶ ହୋଇ ରହୁ ବୋଲି ସ୍ୱର୍ଗତ ମହାନ୍ତିଙ୍କ ଏକାଦଶାହ ତିଥୀରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତି ମତପ୍ରକାଶ କରିଛନ୍ତି। ଏହି ଅବସରରେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ପ୍ର. ଝରଣା ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ପ୍ରବଚକ ପଣ୍ଡିତ ବିରେନ୍ଦ୍ର ପଣ୍ଡା, ସୁନାମଧନ୍ୟ ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ସ୍ୱର୍ଗତ ମହାନ୍ତି ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ଏସଓ ଭାବେ କାର୍ଯ୍ୟରତ ଥିଲେ। ଅବସର ପରେ ଭଗବତ୍ ମାର୍ଗରେ ନିଜକୁ ନିୟୋଜିତ କରିଥିଲେ। ଯେପରି ଭାବରେ ସ୍ୱର୍ଗତ ମହାନ୍ତି ସମାଜର ଦୁର୍ବଳ ଓ ନିସ୍ପେଷିତ ବର୍ଗଙ୍କ ପ୍ରତି ତାଙ୍କର ସେବାମୂଳକ ମନୋଭାବ ଉଦାହରଣ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିମାନେ 'ସତ୍ୟାନନ୍ଦ ସ୍ମୃତି ସନ୍ତକ' ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଭାବଗ୍ରାହୀ ମହାନ୍ତି ସ୍ୱର୍ଗତ ମହାନ୍ତିଙ୍କ ଜୀବନଶୈଳୀ ତାଙ୍କ ଜୀବନକୁ ପ୍ରଭାବିତ କରିଛି କହିଥିବାବେଳେ, ନିରୋଦ ପଟ୍ଟନାୟକ ତାଙ୍କୁ ସତ୍ୟର ପୂଜାରୀ ଥିଲେ ବୋଲି କହିଥିଲେ। ଡ. କାନନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ସଭାରେ ବରିଷ୍ଠ ସାମ୍ବାଦିକ ଅମର ନାୟକ, ସମାଜସେବୀ କିଶୋର ମହାପାତ୍ର, ଲକ୍ଷ୍ମୀ ମହାପାତ୍ର, ବିଶ୍ୱନାଥ କର, ଡ. ମୃତ୍ୟୁଞ୍ଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଅର୍ଚ୍ଚନା ନାଗ ପ୍ରସଙ୍ଗରେ....

ଏସଆଇଟି ରିପୋର୍ଟ ମାଗିଲାଣି । କିନ୍ତୁ ସରକାର ଏଥିରେ ନୀରବଦ୍ରଷ୍ଟା ସାଜିଛନ୍ତି । ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିବାକୁ ଗୃହକୁ ଶୁକ୍ରବାର ଯାଏଁ ମୁଲତବୀ ଘୋଷଣା କରାଯାଇଛି । ବିଧାନସଭାର ପ୍ରଥମ ଦିନରେ ସୂରଜ ସୂର୍ଯ୍ୟବଂଶୀଙ୍କ ପ୍ରଶ୍ନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ଅଣତାରକା ପ୍ରଶ୍ନରେ ସୂର୍ଯ୍ୟବଂଶୀ ପଚାରିଥିଲେ, ମୁଖ୍ୟମନ୍ତ୍ରୀ ରାଜ୍ୟର ଅନେକ ନିର୍ବାଚନମଣ୍ଡଳୀକୁ ନିଜର ବୋଲି କହୁଛନ୍ତି, କିନ୍ତୁ ତାର କଣ ବିକାଶ ହୋଇଛି । ଏହାର ଉତ୍ତର ପାଇଁ ୨୮ ତାରିଖକୁ ସମୟ ଧାର୍ଯ୍ୟ କରାଯାଇଛି । ରାଜ୍ୟବାସୀଙ୍କ ତରଫରୁ ସେ ଉତ୍ତରକୁ ଅପେକ୍ଷା କରିଛନ୍ତି । ଏହି ପ୍ରସଙ୍ଗରେ କଂଗ୍ରେସ ମଧ୍ୟ ନିଜର ପ୍ରତିକ୍ରିୟା ରଖିଛି । ତେବେ ବିଜେଡି କେନ୍ଦ୍ର ଅବହେଳା ପ୍ରସଙ୍ଗ ଉଠାଇ ବିଜେପିକୁ ଘେରିବା ପାଇଁ ପାଲଟା ରଣନୀତି କରିଛି । ୫ ଟାରେ ଗୃହ ଆରମ୍ଭ ହେବା ମାତ୍ରେ ହୋହଲ୍ଲା ମଧ୍ୟରେ ୧୬ ହଜାର ୮ ଶହ କୋଟି ଟଙ୍କାର ଅତିରିକ୍ତ ବଜେଟ ବିଧାନସଭାରେ ଉପସ୍ଥାପିତ ହୋଇଛି । ତେବେ ଶୀତ ଅଧିବେଶନ ଡିସେମ୍ବର ୩୧ ଯାଏଁ ଚାଲିବ । ଅର୍ଚ୍ଚନା ନାଗ ମାମଲା ଗୃହକୁ ଉଷ୍ମ କରିଥିବାବେଳେ ଚାଷୀ ପ୍ରସଙ୍ଗ ଆଗକୁ ଆହୁରି ସରଗରମ କରିବ ।

### ବିଧାନସଭାରେ ଉପସ୍ଥାପିତ ହେଲା....

ଅତିରିକ୍ତ ବଜେଟରେ ୨୬୧୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଚଳିତ ଆର୍ଥିକ ବର୍ଷର ଅତିରିକ୍ତ ବଜେଟରେ କୃଷକ କଲ୍ୟାଣ, ଖାଦ୍ୟ ନିରାପତ୍ତା ଓ ଜଳସେଚନ ସୁବିଧା ପାଇଁ ମୋଟ ୩୦୬.୬୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସେହିପରି ଟଙ୍କିକିଆ ଚାଉଳ ଯୋଗାଣ ପାଇଁ ୧୬୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଜନସ୍ୱାସ୍ଥ୍ୟ ସେବା ପାଇଁ ଅତିରିକ୍ତ ବଜେଟରେ ୮୬୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଯେଉଁଥିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୬୩୮ କୋଟି ଟଙ୍କା ପ୍ରଦାନ କରାଯାଇଛି । ତା ସହିତ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ୍ ପାଇଁ ଅତିରିକ୍ତ ବଜେଟରେ ୫୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସେପଟେ ଅତିରିକ୍ତ ବଜେଟରେ ମହିଳା ସଶକ୍ତିକରଣ ଓ ଶିଶୁ ବିକାଶ ପାଇଁ ୧୭୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସେହିପରି ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ପାଇଁ ମୋଟ ୪୩୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଅନ୍ୟପଟେ ଶିକ୍ଷା, କ୍ରୀଡା ଓ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ଅତିରିକ୍ତ ବଜେଟରେ ୨୦୮୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

### ପାକିସ୍ତାନ ନୂଆ ସେନାମୁଖ୍ୟ ହେଲେ....

ମଧ୍ୟରେ ବିବାଦ ଉପୁଜିଥିଲା । ମୁନିର ସେନା ମୁଖ୍ୟ ହେବା ପରେ ଇମ୍ରାନଙ୍କ ପାଇଁ ବଡ ସମସ୍ୟା ହେବ ବୋଲି କୁହାଯାଉଛି । ପୂର୍ବରୁ ୩ ବର୍ଷ ବଢାଇଯାଇଥିବା ବାଜୱାଙ୍କ କାର୍ଯ୍ୟକାଳ ଆଉ ତିନି ମାସ ବୃଦ୍ଧି କରିବାକୁ ଦାବି ଉଠିଥିଲା । କିନ୍ତୁ ଇମ୍ରାନଙ୍କ ସହ ବିବାଦ ଯୋଗୁ ତାଙ୍କୁ ଏହି ପଦବୀରୁ ହଟାଇ ଦିଆଯାଇଥିବା କୁହାଯାଉଛି । ସବୁଠୁ ବଡ କଥା ହେଉଛି ପାକିସ୍ତାନରେ ଏବେ ସୁଦ୍ଧା ମୋଟ ୩୦ ଜଣ ପ୍ରଧାନମନ୍ତ୍ରୀ ହୋଇଥିବା ବେଳେ ମାତ୍ର ୧୭ ଜଣଙ୍କୁ ଆର୍ମି ମୁଖ୍ୟ ନିଯୁକ୍ତ କରାଯାଇଛି । ଯାହା ସ୍ପଷ୍ଟ କରୁଛି ପାକିସ୍ତାନ ସରକାରଙ୍କ ଉପରେ ସର୍ବଦା ସେନାର ଚାପ ରହୁଛି ।

## ଖୋର୍ଦ୍ଧା ପୌର ପରିଷଦ ମୁଖ୍ୟ ଫାଟକରେ ତାଲା

ଖୋର୍ଦ୍ଧା, ୨୪/୧୧ (ନି.ପ୍ର): ଖୋର୍ଦ୍ଧା ପୌର ପରିଷଦ ମୁଖ୍ୟ ଫାଟକରେ ନିର୍ବାଚିତ ସବୁ ଦଳର କାଉନସିଲ ୨୩,୧୧,୦୨୨ ରିଖ ଦିନ ଚାବିପକାଇ ଦେଇଥିଲେ। ତାଙ୍କର ମୁଖ୍ୟ ଦାବି ହେଲା ଆଜକୁ ୨ ବର୍ଷରୁ ଉର୍ଦ୍ଧହେବ ପୌର ନିର୍ବାହୀ ଅଧିକାରୀ ନାହାନ୍ତି। ପୌର ନିର୍ବାଚନ ପୂର୍ବରୁ ଏହିପଦ ଖାଲି ପଡ଼ିଛି। ସବୁ ସାମ୍ବାଦିକ ଖୋର୍ଦ୍ଧା ତାଙ୍କ ନିଜ ନିଜ କାଗଜରେ ବହୁବାର ପ୍ରକାଶ କଲେଣି। କିଛି ସାମ୍ବାଦିକ ଏହି ବାବଦରେ ଖୋର୍ଦ୍ଧା ବିଧାୟକ, ଖୋର୍ଦ୍ଧା ଜିଲ୍ଲାପାଳ ଆଦିଙ୍କୁ ଦେଖାକରି ବହୁବାର କହିଲା ପରେ ଏହି ଜରୁରୀ କାଳୀନ ପୋଷ୍ଟ ପୂରଣ ହୋଇ ପାରିନାହିଁ। ଦୁଇ ଦୁଇ ଜଣ ସହର ବିକାଶ ମନ୍ତ୍ରୀ ଓ ଦୁଇ ଦୁଇ ଜଣ ଖୋର୍ଦ୍ଧା ଜିଲ୍ଲାପାଳ ଗଲେଣି ମାତ୍ର ଜାଣି ଚୁପ।

## ବିଧାନସଭାରେ ଭିସିରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ବିଧାନସଭାରେ ଭର୍ଚୁଆଲ ମୋଡ୍ ରେ ଅଂଶଗ୍ରହଣ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ବିଧାୟକ ପ୍ରଫୁଲ୍ଲ ସାମଲ ମଧ୍ୟ ଭିସି ଜରିଆରେ ବିଧାନସଭା କାର୍ଯ୍ୟକ୍ରମରେ ଭାଗନେବେ। ସ୍ୱାସ୍ଥ୍ୟଗତ କାରଣରୁ ଭର୍ଚୁଆଲ ମୋଡରେ ଅଂଶଗ୍ରହଣ କରିବା ନେଇ ସେମାନେ ବିଧାନସଭା ବାଚସ୍ପତିଙ୍କୁ ଅବଗତ କରାଇଛନ୍ତି। ଗୁରୁବାରଠାରୁ ବିଧାନସଭା ଶୀତକାଳୀନ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ପ୍ରଥମ ଦିନରେ ଗୃହରେ ଉପସ୍ଥିତ ଥିଲେ। ପୂର୍ବରୁ ସ୍ୱାସ୍ଥ୍ୟଗତ ସମସ୍ୟା ଥିଲେ ସଭ୍ୟମାନେ ଭିସିରେ ଭାଗନେଇପାରିବେ ବୋଲି କହିଥିଲେ ବାଚସ୍ପତି।

## ଅଣ୍ଣୁ ଚଳଚ୍ଚିତ୍ର ମିଆଁ ବିବି ଔର ବନାନାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅପମାନର ପ୍ରତିବାଦ




ବାରିପଦା, ୨୪/୧୧ (ନି.ପ୍ର): ବିବାଦୀୟ ଅଣ୍ଣୁ ଚଳଚ୍ଚିତ୍ର ମିଆଁ ବିବି ଔର ବନାନାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅପମାନ କରାଯାଇ ଥିବାର ଅଭିଯୋଗକରି ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ମୟୂରଭଂଜ ଜିଲ୍ଲା ଶାଖା କ୍ଷୁଦ୍ର କଥାଚିତ୍ରଟିର ନିର୍ମାତା ନିନା ଶ୍ରୀବାସ୍ତବଙ୍କ ଗିରଫଦାରୀ ଦାବି କରାଯାଇଛି । ବରିଷ୍ଠ ଭିଏଚପି ନେତା କବିବିଷ୍ଣୁ ଶତପଥୀଙ୍କ ନେତୃତ୍ୱରେ ଗୌରହରି ପାତ୍ର, ବିଶ୍ୱଜିତ ରଣା, ହେମଲତା ଦାସ, ବାଘା ସିଂ, ବିକାଶ ଶର୍ମା, କଳ୍ପତରୁ ରାୟବାବୁ, ସୁବ୍ରତ ମୁଖୀ, ଅବିନାଶ ମୁଖୀ, ଯତୀନ୍ଦ୍ର ମହାପାତ୍ର, ଶୁଭମ ତ୍ରିପାଠୀ ପ୍ରମୁଖ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଚଳଚ୍ଚିତ୍ରରେ ଏକ ମଶାକୁ ଜଗନ୍ନାଥ ବୋଲି ନାମ ଦିଆଯାଇ ଥିବା ବେଳେ ତାର ଅପମୃତ୍ୟୁ ହେବା ପରେ ଅନ୍ୟ ଏକ ଚରିତ୍ର ବାହାରି ମୁଁ ଜଗନ୍ନାଥଙ୍କ ପତ୍ନୀ ନାରାୟଣୀ ଓ ମୋ ସ୍ୱାମୀ ମରିଯିବାରୁ ମୁଁ ବିଧବା ହୋଇଗଲି ବୋଲି ଯେମିତି ଘୋଷଣା କରିଛି, ସେସବୁକୁ ପରିଷଦ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ଏହି ପରିପ୍ରେକ୍ଷୀରେ ଭିଏଚପି ଓ ବଜରଙ୍ଗ ଦଳ କର୍ମକର୍ତ୍ତା ମାନେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପ୍ରାର୍ଥନା ଓ ଦୀପ ପ୍ରଜ୍ୱଳନ କରିବା ପରେ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ଦାବୀପତ୍ର ପ୍ରଦାନ କରିଛନ୍ତି ।

## ଜଳେଶ୍ୱର ବସ୍‌ଷ୍ଟାଣ୍ଡରେ ଯୁବତୀଙ୍କ ଉଡିଗଲା ପ୍ରାଣବାୟୁ



ଜଳେଶ୍ୱର, ୨୪/୧୧(ନି.ପ୍ର): ଆଜି ଦ୍ୱିପ୍ରହରରେ ଜଳେଶ୍ୱର ବସ୍‌ଷ୍ଟାଣ୍ଡରେ ଜଣେ ଯୁବତୀଙ୍କ ମୃତ୍ୟୁ ଆଲୋଚ୍ୟର ବିଷୟ ହୋଇଛି । ଯୁବତୀ ଜଣକ ଷ୍ଟେସନବଜାର ବସ୍‌ଷ୍ଟାଣ୍ଡ ନିକଟରେ ବସିଥିବା ବେଳେ ହଠାତ୍ ପଡିଯାଇଥିଲେ । ସାଧାରଣ ଲୋକେ ଏହାକୁ ଦେଖି ୧୦୮କୁ ଖବର ଦେଇଥିଲେ । ତାଙ୍କୁ ଜିକେ ଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପ୍ରଚାରିତ ହେବାପରେ ରାଇବଣିଆ ଥାନା ଅନ୍ତର୍ଗତ ସର୍ଦ୍ଦାରବନ୍ଧ ପଂଚାୟତର ଗେଙ୍ଗଟାବଣି ଅଂଚଳର ତାର ମା ଜବା ସିଂ ଓ ସମିତି ସଦସ୍ୟ ଗଣେଶ ସରେନ୍ ହସ୍‌ପିଟାଲରେ ପହଞ୍ଚିଥିଲେ । ସେ ସ୍ୱର୍ଗତ କାଳିଚରଣ ସିଂଙ୍କ ଝିଅ ରୂପାଲି ସିଂ(୨୫) ବୋଲି ଜଣା ପଡିଛି । ଗତ ୩ଦିନ ତଳେ ପଂଚୁଘଣ୍ଟା ଗାଁର ତାର ସାଂଗ ଘରକୁ ବୁଲି ଆସିଥିବା ସେମାନେ କହିଥିଲେ । ଆଜି ଘରକୁ ଫେରୁଥିବା ବେଳେ ଏପରି ଘଟଣା ଘଟିଥିବା ପରିବାର ପକ୍ଷରୁ କୁହାଯାଉଥିବା ବେଳେ ଏଥିନେଇ ବହୁକଥା ଶୁଣିବାକୁ ମିଳୁଛି । ଆଜି ତାର ଶବ ବ୍ୟବଚ୍ଛେଦ କରାଯାଇଥିବା ଜଣାଯାଇଛି ।

## ଭେଲୋରା ଛକରେ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦାବିରେ ସାମ୍ବାଦିକ ସମ୍ମିଳନୀ



ବସ୍ତା,୨୪/୧୧ (ନି.ପ୍ର): ୬୦ ନମ୍ବର ଜାତୀୟ ରାଜପଥର ବହୁ ଚର୍ଚ୍ଚିତ ଭେଲୋରା ଛକ ଡେଥ୍ ଜୋନ୍ ପାଲଟି ଥିବା ସତ୍ତ୍ୱେ ବିଭିନ୍ନ ସଙ୍ଗଠନ ଏବଂ ସ୍ୱେଚ୍ଛାସେବୀ ମାନେ ଦାବି କରି ଆସୁଥିବା ବେଳେ ଦୀର୍ଘ ଦିନ ପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ , ମାତ୍ର ନିର୍ମାଣ କାର୍ଯ୍ୟ ଏତେ ମନ୍ଥର ଗତିରେ ଚାଲିଛି ଯେ କାର୍ଯ୍ୟ ଶେଷ ହେବାର ନା ଧରୁନି । ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ପ୍ରାଶାସନିକ ଅଧିକାରୀଙ୍କ ବୈମାତୃକ ମନୋଭାବ ଯୋଗୁଁ ୫୨ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ, ୫୦୦ ରୁ ଉର୍ଦ୍ଧ୍ୱ ଲୋକ ଗୁରୁତର ଆହତ ହୋଇ ଅକର୍ମଣ୍ୟ ହୋଇଛନ୍ତି । ସେହିପରି ଗତ ୮ ଦିନ ପୂର୍ବରୁ ଗଙ୍ଗାଧରପୁର ଗ୍ରାମର ଭବେନ୍ଦ୍ର ଦାସ ଙ୍କସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇ ଥିଲା । ଏହି ଅବସରରେ ମୃତ ଭବେନ୍ଦ୍ରଙ୍କ ପାଇଁ ସମାଜସେବୀ ଧ୍ରୁବଚରଣ ନାୟକଙ୍କ ନେତୃତ୍ୱରେ ଭେଲୋରା ଛକ ରେ ଶୋକସଭା ଆୟୋଜନ କରାଯାଇଥିଲା, ପରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ପାଉଂଶକୁଲି ପଞ୍ଚାୟତ ର ସରପଞ୍ଚଙ୍କ ପ୍ରତିନିଧୀ ଶିଶିର ସେନାପତି, କାର୍ତ୍ତିକ ଚନ୍ଦ୍ର ପାତ୍ର, ରଜତ ରଞ୍ଜନ ଦାସ, ଜ୍ୟୋତିର୍ମୟୀ ନନ୍ଦ, ଉମେଶ ଗିରି, ନାରି ନେତ୍ରୀ ସୁମତୀ ଦେ, ପଞ୍ଚାନନ ଦାସ, ବେଣୁଧର ଦାସ, ଦାମଦୋର ଜେନା, ଅରବିନ୍ଦ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ, ତେବେ ଆଗାମୀ ଏକ ମାସ ଯଦି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ନହୁଏ ତାହାଲେ ରାଜରାସ୍ତା ଅବରୋଧ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ କଡ଼ା ଚେତାବନୀ ଦିଆଯାଇଛି ।

## ବାଲିଆ ବାଣ ବିସ୍ଫୋରଣ, ଘଟଣାସ୍ଥଳ ଅନୁଧ୍ୟାନ କଲେ କେନ୍ଦ୍ରାଂଚଳ ଆଇଜି ନରସିଂହ ଭୋଳ

କେନ୍ଦ୍ରାପଡ଼ା, ୨୪/୧୧ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅଧିନ ଓ କଟକ-ଚାନ୍ଦବାଲି ରାସ୍ତାର ବାଲିଆ ବଜାର ଠାରେ ବୁଧବାର ରାତି ୯ଟା ବେଳେ ଘଟିଥିବା ବାଣ ବିସ୍ଫୋରଣ ଘଟଣା ସମଗ୍ର ଜିଲ୍ଲା ସମେତ ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି । ଏହି ବିସ୍ଫୋରଣରେ କାର୍ତ୍ତିକେଶ୍ୱର ଭସାଣୀ ଦେଖୁଥିବା ଦେଖଣାହାରୀଙ୍କ ମଧ୍ୟରୁ ଓ ଦୋକାନ କରିଥିବା କିଛି ବ୍ୟକ୍ତି ଆହତ ହୋଇ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନା ଓ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି । ତେବେ ଗୁରୁବାର ପୂର୍ବାହ୍ନ ୧୧ଟା ସମୟରେ କେନ୍ଦ୍ରାଂଚଳ ଆଇଜି ନରସିଂହ ଭୋଳ ଘଟଣା ସ୍ଥଳ ପରିଦର୍ଶନ କରି ବିସ୍ଫୋରଣ ସ୍ଥଳ ବାଲିଆ ବଜାରରେ ପହଁଚି ବିସ୍ଫୋରଣ ଜନିତ କ୍ଷୟକ୍ଷତି ଓ ଏହାର ପ୍ରଭାବ ଅନୁଧ୍ୟାନ କରିବା ସହ ସ୍ଥାନୀୟ ଅଂଚଳ ବାସିନ୍ଦାଙ୍କ ସହ ଆଲୋଚନା କରି ତଦନ୍ତ କରିଥିବା ଜଣାପଡିଛି । ଘଟଣାସ୍ଥଳରେ ଶ୍ରି ଭୋଳଙ୍କ ସହ ଏସପି ସନ୍ଦିପ ସମ୍ପଦ ମଡକର, ତହସିଲଦାର ଡ଼ଃ ହେମଲତା ବାହାଲିଆ, ଏସଡିପିଓ ଜୟନ୍ତ ମହାପାତ୍ର, ସଦର ଥାନା ଅଧିକାରୀ ପବିତ୍ର ମହାରଣା ପ୍ରମୁଖ ବିସ୍ଫୋରଣ ସ୍ଥଳ ଅନୁଧ୍ୟାନ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ବୁଧବାର ଅପରାହ୍ନରୁ ଆରମ୍ଭ ହୋଇଥିବା କାର୍ତ୍ତିକେଶ୍ୱର ଭସାଣୀ ଉତ୍ସବରେ ପ୍ରାୟ ୧୦ଟି ମେଢ ଭାଗ ନେଇଥିବା ବେଳେ ପୋଲିସର ଅନୁମତି ନଥାଇ ଉଚ୍ଚ ସ୍ୱରରେ ଡିଜେ ବଜାଇବା, କଟକ-ଚାନ୍ଦବାଲି ରାସ୍ତାକୁ ଅବରୋଧ କରି ମେଢ ଶୋଭାଯାତ୍ରା କରିବା ସହ ବାଣ ଫୁଟାଇବା ପ୍ରତିଯୋଗିତା ଆରମ୍ଭ ହୋଇଥିଲା ।

## ଚୌମୁଖ ପ୍ରିମିୟର୍ ଲିଗ୍-୨୦୨୨ ଉଦ୍‌ଯାପିତ



ବାଲିଆପାଳ, ୨୪/୧୧ (ନି.ପ୍ର): ବାଲିଆପାଳ ବ୍ଲକ୍ ଚୌମୁଖ ପଞ୍ଚାୟତ ଅଧିନସ୍ଥ ଚୌମୁଖ ଗ୍ରାମରେ ରାଧାକୃଷ୍ଣ କ୍ରିକେଟ୍ କମିଟି ଆନୁକୂଲ୍ୟରେ ଚୌମୁଖ ପ୍ରିମିୟର୍ ଲିଗ୍୨୦୨୨ ଉଦଯାପିତ ହୋଇଯାଇଛି । ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ନାରୀନେତ୍ରୀ ସୁବାସିନୀ ଜେନା ଯୋଗଦେଇ ଖେଳକୁ ଶୁଭାରମ୍ଭ କରିବା ସହିତ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ପାତ୍ର, ମନୋରଂଜନ ବେହେରା, ପ୍ରଦୀପ କର, ଅମୂଲ୍ୟ ବେହେରା, ବାଲିଆପାଳ ବ୍ଲକ୍ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ନିଶାକର ସେଠୀ, ଜିଲ୍ଲା ଛାତ୍ର ସଭାପତି ସୀମନ ଦାସ ମହାପାତ୍ର, ବେତଗଡ଼ିଆ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ ଗିରି, ରାମଚନ୍ଦ୍ର କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ କସ୍ତୁରୀ ଏଣ୍ଟରପ୍ରାଇଜେସ୍ , ଲକ୍ଷ୍ମୀପ୍ରିୟା ଟ୍ରେଡରସ୍ ,ଦାସ ଏଣ୍ଟରପ୍ରାଇଜେସ୍, ରାଧାକୃଷ୍ଣ କ୍ରିକେଟ୍ ଟିମ୍ ପ୍ରଭୃତି ୪ଟି ଦଳ ଅଂଶଗ୍ରହଣ କରିଥିଲେ । ଲକ୍ଷ୍ମୀପ୍ରିୟା ଟ୍ରେଡରସ୍ ସହିତ କସ୍ତୁରୀ ଏଣ୍ଟରପ୍ରାଇଜେସ୍ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା ।ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ମୀପ୍ରିୟା ଟ୍ରେଡରସ୍ ୬ୱିକେଟ୍ ହରାଇ ୯୭ ରନ୍ ସଂଗ୍ରହ କରିଥିଲା । ଜବାବରେ କସ୍ତୁରୀ ଏଣ୍ଟରପ୍ରାଇଜେସ୍ ୬ ୱିକେଟ୍ ହରାଇ ୯୦ ରନ୍ ସଂଗ୍ରହ କରିପାରିଥିଲା । ଫଳରେ ଲକ୍ଷ୍ମୀପ୍ରିୟା ଟ୍ରେଡରସ୍ ଚମ୍ପିଆନ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଶ୍ରୀମତୀ ସୁବାସିନୀ ଜେନା ବିଜୟୀ ଓ ରନସ୍ ଅପ୍ ଦଳକୁ ଟ୍ରଫି ଏବଂ ନଗଦ ଅର୍ଥ ପ୍ରଦାନ କରିଥିଲେ । ସୌରଭ ଜେନା ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ଚନ୍ଦନ ମାଝୀ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଟୁର୍ଣ୍ଣାମେଣ୍ଟକୁ ରାଧାକୃଷ୍ଣ କ୍ରିକେଟ୍ କମିଟିର ପାର୍ଥ ଦାସ, ତପୁ ମହାନ୍ତି, ଚନ୍ଦନ ଦାସ, ସତ୍ୟନାରାୟଣ ବାରିକ, ଦୂର୍ଗା ମାଧବ ଦାସ, କାର୍ତ୍ତିକ ଗିରି, କାଳିଆ ମାଝୀ, ସଂଜୟ ମାଝୀ, ବଳରାମ ଖିଲାର, ଜୟାନନ୍ଦ କର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଟାଟା ପାୱାର ବିରୋଧରେ ଚାଷୀ ମେଳି : ୭ଦଫା ଦାବିରେ କୃଷକ ଓ ସଂଗ୍ରାମ ମଂଚ ଘେରିଲେ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ




ଜଳେଶ୍ୱର, ୨୪/୧୧(ନି.ପ୍ର): ସରକାର ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇବା ଉଦ୍ଦେଶ୍ୟରେ କେତେକ ସୁଧାର ଆଣିଥିଲେ। ଫଳ ସ୍ୱରୂପ କେତେକ ଘରୋଇ କମ୍ପାନୀକୁ ଏହାର ବିତରଣ ଲାଗି ସୁଯୋଗ ଦେଇଥିଲେ । ସରକାରଙ୍କ ଅଂଶ ଓ ଘରୋଇ କମ୍ପାନୀର ଅଂଶର ମିଳିତ ସହଭାଗିତାରେ ଏପରି କାର୍ଯ୍ୟ ଚାଲୁଥିବା ବେଳେ ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳରେ ଟାଟା ପାୱାର (ଟିପିଏନ୍‌ଓଡିଏଲ)ଏହାର ବିତରଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରି ଆସୁଛି । ଅଧିକ ବିଲ ଲାଗୁ ଥିବାରୁ ଏବେ ଚାଷୀ ଆନ୍ଦୋଳନ ତେଜିବାରେ ଲାଗିଛି । ଖରିଫ ଋତୁ ଚାଷ ଶେଷ ହେବାକୁ ଯାଉଥିବା ବେଳେ ରବିଋତୁ ଚାଷ ଆରମ୍ଭ ହୋଇ ନାହିଁ । ଏତିକି ବେଳେ ଟାଟା ପାୱାର ଏ ଅଂଚଳରେ ଥିବା ସେଲୋ, ମିନିଡିଫଟିୱେଲ ଗୁଡିକରେ ମିଟର ବସାଇବାକୁ ଚାପ ପ୍ରୟୋଗ କରୁଛି । ପ୍ରକାଶଯୋଗ୍ୟ ବାଲେଶ୍ୱର ଜିଲାର ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଅଂଚଳରେ ସର୍ବାଧିକ ରବି ଚାଷ ଉତ୍ପନ୍ନ ହୋଇଥାଏ । ଏହି ଚାଷ ପାଇ ବହୁ ସେଲୋ, ମିନିଡିଫଟିୱେଲ କାର୍ଯ୍ୟକ୍ଷମ ହେବାକୁ ଥିବା ବେଳେ ଟାଟା ପାୱାରର ଶୋଷଣ ନିତି ଚାଷୀଙ୍କୁ ମେଳି କରିବାକୁ ଖୋରାକ ଯୋଗାଇଛି । ଏହା ବିରୋଧରେ ଗତ ବୁଧବାର ବର୍ତ୍ତନା ପଂଚାୟତରେ ଏକ ଚାଷୀ ମେଳି ଅନୁଷ୍ଠିତ ହୋଇ ଯାଇଛି । ବର୍ତ୍ତନା ସରପଂଚଙ୍କ ପ୍ରତିନିଧି ପଦ୍ମଲୋଚନ ବେହେରାଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ତେଣୁ ଆଜି ତେଣୁ ଆଜି ଚାଷୀମାନେ ଜଳେଶ୍ୱରସ୍ଥିତ ଟାଟା ପାୱାର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ । ରଜନୀକାନ୍ତ ଜେନାଙ୍କ ସଭାପତିତ୍ୱରେ କୃଷକ ନେତା ସୁଦାମ ପାତ୍ର, ରିଆଜ ଖାଁ, ଗୋଡିକୃଷ୍ଣ ଦଳେଇ, ବିଜୟ ପାଳ, ରଘୁ ରାଜ, ରବିନ୍ଦ୍ର ଜେନା, ସୁଦର୍ଶନ ଜେନା, ରବିନ୍ଦ୍ର ବେହେରା, ଅନନ୍ତ ରାଉଳ, ରାଜେନ୍ଦ୍ର ଦାସ, ବାଙ୍ଗରା ମହାନ୍ତି, ଅଜିତ୍ ସେଠୀ ପ୍ରମୁଖ ବହୁ ଚାଷୀ ଆସି ଏପରି ଶୋଷଣ ନିତୀ ବିରୋଧରେ ବକ୍ତବ୍ୟ ରଖିଥିଲେ । ୭ଦଫା ଦାବି ନେଇ ଚାଷୀମାନେ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଟାଟା ପାୱାର ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ସେଲୋ, ମିନିଡିଫଟିୱେଲ ଗୁଡିକରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନ କରିବା ଏବଂ ବିଚ୍ଛିନ୍ନ କରାଯାଇଥିବା ପଏଣ୍ଟ କୁ ପୁନଃ ବିଦ୍ୟୁତ୍ ସଂଯୋଗ କରିବା, ପୂର୍ବଭଳି ବିଦ୍ୟୁତ୍ ବିଲ ଲାଗିବା, ତ୍ରୁଟିପୂର୍ଣ୍ଣ ବିଲର ସଂଶୋଧନ କରିବା, ସୌଭାଗ୍ୟ ଯୋଜନାରେ ବିପିଏଲ୍ ବର୍ଗର ହିତାଧିକାରୀଙ୍କ ବିଲ ସଂଶୋଧନ କରିବା, ବସୁନ୍ଧର ଯୋଜନାରେ ମାତ୍ରାଧିକ ବିଲ୍‌ର ସଂଶୋଧନ, ପୂର୍ବଭଳି ଘରୋଇ ଭାବେ ବିଦ୍ୟୁତ୍‌ର ବିଲ ପ୍ରଦାନ କରିବା ଇତ୍ୟାଦି ସଂପର୍କରେ କୃଷକ ଓ ଚାଷୀ ସଂଗ୍ରାମ ମଂଚ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଶକ୍ତିବିଭାଗର ପ୍ରମୁଖ ଶାସନ ସଚିବ, ଟାଟା ପାୱାର ପରିଚାଳନା ନିର୍ଦ୍ଦେଶକ, ବାଲେଶ୍ୱର ଜିଲାପାଳ, ଜଳେଶ୍ୱର ତହସିଲଦାର, ବିଡିଓ, ଏସ୍‌ଡିପିଓ ଓ ଆଇଆଇସିଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ ।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, BALASORE

**e-procurement Notice for Building works**

Bid Identyfication No e-procurement Notice No. 08/ EERW-II/BLS/ 2022-23

1.Name of the work :- Building works
2.Total no.of works :- 01 no
3.Estimated cost :- As specified in column 3 of Annexure.
4.Class of Contrator :- As specified in column 4 of Annexure.
5.Time of Completion :- As specified in column 5 of Annexure.
6. Cost of Tender Paper through online :- As specified in column 6 of Annexure.
7.Other Details:- :- As per DTCN

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/o Executive Engineer, R.W.Divn-II, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Balasore | E TCN-08 of 2022-23 | 28.11.2022 at 5.00 P.M. | 06.12.2022 up to 5.00 PM | 05.12.2022 up to 4.00 PM | 07.12.2022 at 11.00 AM |

Further details can be seen from the web site **www.tendersorissa.gov.in**

OIPR : 25052/11/0012/2223

**Executive Engineer**
**R.W. Division-II, Balasore**

ଶୁକ୍ରବାର, ନଭେମ୍ବର ୨୫, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା 8

## ଇନଟାକ ବାଲେଶ୍ୱର ଚାପ୍ଟାର ପକ୍ଷରୁ ବିଶ୍ୱ ଐତିହ୍ୟ ସପ୍ତାହ

ବାଲେଶ୍ୱର,୨୪/୧୧ (ନି.ପ୍ର): ଇନଟାକ ବାଲେଶ୍ୱର ଚାପ୍ଟର ପକ୍ଷରୁ ବିଶ୍ୱ ଐତିହ୍ୟ ସପ୍ତାହ ସ୍ଥାନୀୟ ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଉଦଘାଟନ କରିବା ସହିତ ସଂସ୍କୃତ,ଐତିହ୍ୟ ଓ ପରମ୍ପରାକୁ କେହି ଭୁଲିଯିବା ଉଚିତ ନୁହେଁ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବିଶେଷ କରି ଐତିହ୍ୟର ସୁରକ୍ଷା ପାଇଁ ଇନଟାକର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ସେ କହିଥିଲେ। ତେବେ ଐତିହ୍ୟ ତଥା ପ୍ରଚୀନ କୀର୍ତ୍ତିରାଜିକୁ ସଂରକ୍ଷିତ ରଖିବା ପାଇଁ ସବୁ ମହଲରୁ ପ୍ରୟାସ କରାଯିବା ଉଚିତ ବୋଲି ଶ୍ରୀ ମହାପାତ୍ର ମତ ପ୍ରକାଶ କରିଥିଲେ। ଇନଟାକ ବାଲେଶ୍ୱର ଚାପ୍ଟରର ଅତିରିକ୍ତ କୋ-କନ୍‌ଭେନର୍ ଅର୍ଚ୍ଚନା ନନ୍ଦୀ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପିଲାମାନଙ୍କ ଚିତ୍ରଗୁଡ଼ିକର ପ୍ରଶଂସା କରିଥିଲେ। ସେମାନଙ୍କ ଭିତରେ ଐତିହ୍ୟ ଓ ପରମ୍ପରା ରକ୍ଷା ପାଇଁ ଇନ୍‌ଟାକ୍ ଚପ୍‌ଟାର ମାଧ୍ୟମରେ ଏକ ଛୋଟ ଉଦ୍ୟମ କରାଯାଇଛି ବୋଲି ସେ କହିଥିଲେ। ତେବେ ଆଗାମୀ ଦିନରେ ପିଲାମାନଙ୍କ ଭିତରେ ଇନ୍‌ଟାକ୍ ପକ୍ଷରୁ ହେରିଟେଜ୍ କ୍ଲବ ଗଠନର ଯୋଜନା ଅଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସେ ପିଲାମାନଙ୍କୁ ଶପଥ ପାଠ କରାଇଥିଲେ। ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମତୀ ଜେନା ଏଥିରେ ଯୋଗଦେଇ ଭଲ ମଣିଷ ହୋଇ ବିଦ୍ୟାଳୟର ସୁନାମ ସାଙ୍ଗକୁ ଆମ ଐତିହ୍ୟର ରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍କୁଲ୍‌ର ଛାତ୍ରୀ ପ୍ରିୟଙ୍କା ନାୟକ, ଗୁଞ୍ଜନ ମାଝୀ, ପ୍ରଭାତୀ ପରିଡ଼ା, ଆୟୁଷ୍ମତୀ ଆଚାର୍ଯ୍ୟ, ଶ୍ରୀୟାଶ୍ରୀ ପାତ୍ର, ରୋଜାଲି ମଲ୍ଲିକ୍ ଓ ଗାୟତ୍ରୀ ପାଢ଼ୀ ପ୍ରମୁଖ ସ୍ୱାଗତ ସଂଗୀତ ଗାନ କରିଥିଲେ। ୭ମରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଇନ୍‌ଟାକ୍‌ର ବାର୍ଷିକ ଅଧିବେଶନରେ ପୁରସ୍କୃତ କରାଯିବା ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଇନ୍‌ଟାକ୍ ବାଲେଶ୍ୱର ଚାପ୍ଟରର କାର୍ଯ୍ୟକାରିଣୀ ସଦସ୍ୟ ମାତୃଦତ୍ତ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱରରେ ଶିଖ ଗୁରୁ ତେଗବାହାଦୁରଙ୍କ ବଳିଦାନ ଦିବସ




ବାଲେଶ୍ୱର,୨୪/୧୧ (ନି.ପ୍ର): ଭାରତ ରକ୍ଷା ମଞ୍ଚ, ବାଲେଶ୍ୱର ଶାଖା ପକ୍ଷରୁ ଦଶମ ଶିଖ୍ ଗୁରୁ ତେଗବାହାଦୁରଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧାପକ ଡ. ରମାକାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁ ତେଗବାହାଦୁରଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ମୋଗଲ ଶାସନ କାଳରେ ହୋଇଥିବା ମାନବଧିକାର ଉଲଂଘନକୁ ଶିଖ୍ ଗୁରୁ ଦୃଢ ବିରୋଧ କରିବା ଫଳରେ ନିର୍ଯ୍ୟାତନାର ଶିକାର ହୋଇଥିଲେ। ଶେଷରେ ୧୬୭୫ରେ ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ନିର୍ଦ୍ଦେଶ କ୍ରମରେ ଗୁରୁ ତେଗ୍‌ବାହାଦୁରଙ୍କ ସହିତ ଭାଇ ସତି ଦାସ, ମତି ଦାସ ଓ ଭାଇ ଦୟାଲାଙ୍କୁ ହତ୍ୟା କରାଯାଇଥିଲା ।ଏହି ତ୍ୟାଗକୁ ମନେ ରଖିବା ପାଇଁ ସମଗ୍ର ଦେଶରେ ଗୁରୁ ତେଗ୍‌ବାହାଦୁରଙ୍କ ବଳିଦାନ ଦିବସ ପାଳନ କରାଯାଉଥିବା ବେଳେ ତାଙ୍କ ଜୀବନାଦର୍ଶ ଅନୁସରଣ ପୂର୍ବକ ଦେଶପ୍ରେମୀ ହେବାକୁ ଡ. ବେହେରା ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଭାରତ ରକ୍ଷା ମଞ୍ଚର ସଭାପତି ବିନୋଦ ନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପ-ସଭାପତି ଉଜ୍ଜ୍ୱଳ ବର୍ମା, କୋଷାଧକ୍ଷ ରଜନୀକାନ୍ତ ଶତପଥୀ, ଜୟନ୍ତ କୁମାର ପାଣିଗ୍ରାହୀ, କିଶୋର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁ ତେଗ୍‌ବାହାଦୁରଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଯୁବ ଶାଖା ସଂଯୋଜକ ଭାଗ୍ୟଉଦିତ ନାୟକ ଶେଷରେ ସମସ୍ତଙ୍କୁ ଅନ୍ୟବାଦ ଦେଇଥିଲେ । ଏହି ଅବସରରେ ଭାରତ ରକ୍ଷା ମଞ୍ଚର ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇଥିଲା। ଗୋପାଳ ଚନ୍ଦ୍ର ନାୟକ, ରଞ୍ଜିତା ଜେନା, ସୁକାନ୍ତି ପରଡ଼ା, ଦୋଳଗୋବିନ୍ଦ ଦାସ ପ୍ରମୁଖ ସଂଗଠନର କର୍ମକର୍ତ୍ତା। ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ଆଜି ଠାରୁ ୨୨ତମ ଭଦ୍ରକ ପୁସ୍ତକ ମେଳା

ଭଦ୍ରକ,୨୪/୧୧ (ନି.ପ୍ର): ଭଦ୍ରକ ପୁସ୍ତକ ମେଳା କମିଟିର ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ଆଜି ଠାରୁ ଆରମ୍ଭ ହେବାକୁ ଯାଉଥିବା ୨୨ତମ ଭଦ୍ରକ ପୁସ୍ତକ ମେଳାର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକରେ ମେଳା କମିଟିର କାର୍ଯ୍ୟକର୍ତ୍ତା, ଉପଦେଷ୍ଟା ଓ ସଦସ୍ୟମାନେ ଯୋଗ ଦେଇଥିଲେ। ୧୦ଦିନ ବ୍ୟାପୀ ଉକ୍ତ ମେଳା ପାଇଁ ସଦସ୍ୟମାନଙ୍କ ମଧ୍ୟରେ ପରିଚାଳନା ସଂକ୍ରାନ୍ତୀୟ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ପ୍ରତିଦିନ କବିତା ଆସର, ସାଧାରଣ ଜ୍ଞାନ ପ୍ରତିଯୋଗିତା, ସାରସ୍ୱତ ସଭା ଓ ସାଂସ୍କୃତି କାର୍ଯ୍ୟକ୍ରମର ସୂଚୀ ପ୍ରସ୍ତୁତ କରାଯାଇଥିଲା। ପ୍ରତିଦିନ ସମାରୋହରେ ଭଦ୍ରକ ଓ ଭଦ୍ରକ ବାହାରର ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଅତିଥି ଭାବେ ଯୋଗ ଦେବାକୁ ସଦୟ ସ୍ୱିକୃତୀ ପ୍ରଦାନ କରିଥିବା ସମ୍ପାଦକ ରୂପକ ବିହାରୀ ରାୟ ପ୍ରକାଶ କରିଥିଲେ। କରୋନା ପାଇଁ ସ୍ଥଗିତ ଥିବା ଭଦ୍ରକ ଜିଲ୍ଲାର ଏହି ରୁଚିପୂର୍ଣ୍ଣ ପୁସ୍ତକ ମେଳା ପାଇଁ ଭଦ୍ରକର ବୁଦ୍ଧିଜୀବୀ ଓ ପୁସ୍ତକପ୍ରେମୀମାନଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ସୃଷ୍ଟି କରିଛି।

## ବିଜେଡି କର୍ମୀଙ୍କ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କର : ବିଜେଡ଼ି

ଭୁବନେଶ୍ୱର,୨୪/୧୧ (ନି.ପ୍ର): ରାଜନୈତିକ ଆକ୍ରୋଶ ରଖି ବିଜେଡି କର୍ମୀ ସଞ୍ଜୁ ବରିହାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ବିଜେପି କର୍ମୀଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରିଛନ୍ତି ବିଜେଡି ନେତ୍ରୀ ଶ୍ରୀମତୀ ଶ୍ରୀମୟୀ ମିଶ୍ର। ଶ୍ରୀମତୀ ମିଶ୍ର କହିଛନ୍ତି ଯେ ଗତକାଲି ପଦ୍ମପୁର ବ୍ଲକର ଦହିଗାଁ ପଂଚାୟତ ଅର୍ନ୍ତ ବୁବୁଦା ଗ୍ରାମରେ ବିଜେପି କର୍ମୀ ରିଙ୍କୁ ମେହେର ଓ ତାଙ୍କ ସହଯୋଗୀଙ୍କ ମରଣାନ୍ତକ ଆକ୍ରମଣରେ ସଞ୍ଜୁ ବରିହା ନାମକ ଜଣେ ବିଜେଡି କର୍ମୀ ଗୁରୁତର ଭାବେ ଆହତ ହୋଇଛନ୍ତି । ବିଜେଡି କର୍ମୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି ଏବଂ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବର୍ତ୍ତମାନ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମସାର)କୁ ସ୍ଥାନାନ୍ତର କରାଯାଇଛି। ଶ୍ରୀ ବରିହାଙ୍କ ଉପରେ ଏହି ମରଣାନ୍ତକ ଆକ୍ରମଣ କରିଥିବା ବିଜେପି କର୍ମୀ ରିଙ୍କୁ ମେହେର ଏବଂ ଅନ୍ୟ ବିଜେପି କର୍ମୀଙ୍କୁ ତୁରନ୍ତ ଗିରଫ କରିବାକୁ ଆମେ ଦାବି କରୁଛୁ । ଏହି ସମୟରେ ଆମେ ଆପଣଙ୍କୁ ମନେ ପକାଇବାକୁ ଚାହୁଁଛୁ ଯେ ବରଗଡ ଜିଲ୍ଲାରେ ୨୦୧୮ ହୋଇଥିବା ବିଜେପୁର ଉପନିର୍ବାଚନ ସମୟରେ ଦୁଇ ବିଜେପି ନେତା ବିଜେଡି ବିଧାୟକ ଶ୍ରୀ ସୁଶାନ୍ତ ସିଂହଙ୍କ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଦୁଇ ବିଜେପି ନେତା ଏବେ ପଦ୍ମପୁର ଉପନିର୍ବାଚନରେ ବିଜେପିର ଷ୍ଟାର ପ୍ରଚାରକ ସାଜିଛନ୍ତି । ଏହି ଜଘନ୍ୟ ଅପରାଧ ପାଇଁ ସେମାନେ ଜେଲରେ ଥିଲେ ଏବଂ ବର୍ତ୍ତମାନ ଜାମିନରେ ଆସି ବିଜେପି ପାଇଁ ପ୍ରଚାର କରୁଛନ୍ତି। ଏହା ଦର୍ଶାଉଛି ଯେ ଜଘନ୍ୟ ଅପରାଧରେ ଜଡ଼ିତ ବିଜେପିର ଏହି ଅଭ୍ୟାସଗତ ଅପରାଧିମାନେ ଉପନିର୍ବାଚନର କ୍ଷତି ଭରଣା ପାଇଁ ହିଂସାକାଣ୍ଡ ଭିଆଇବେ।

## ଆରପାରିରେ ପୂର୍ବତନ ସରପଞ୍ଚ ଘନଶ୍ୟାମ ପଣ୍ଡା



ବାଲେଶ୍ୱର,୨୪/୧୧ (ନି.ପ୍ର): ସାରଗାଁ ପଞ୍ଚାୟତର ଏକାଧିକ ଥର ନିର୍ବାଚିତ ସରପଞ୍ଚ ତଥା ବର୍ତ୍ତମାନର ସାରଗାଁ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ଜଣାଶୁଣା ସମାଜସେବୀ ଘନଶ୍ୟାମ ପଣ୍ଡା (ପାଗୁଲୁ ନନା)ଙ୍କର ଗୁରୁବାର ଭୋର ଅକାଳନ ବିୟୋଗ ହୋଇଯାଇଛି। ମୃତ୍ୟୁ ବୋଳକୁ ତାଙ୍କୁ ୫୭ ବର୍ଷ ହୋଇଥିଲା। ଗତକାଲି ରାତିରେ ଖାଇପିଇ ଘରେ ଶୋଇଥିବା ବେଳେ ପ୍ରାୟ ୩ଟା ବେଳେ ତାଙ୍କୁ ହୃଦଘାତ ହେବା ସହ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଜିଲାମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ଡାକ୍ତରଖାନାରେ ଚିକିତ୍ସା ଚାଲିଥିବା ବେଳେ ଭୋର ୫ଟା ବେଳେ ତାଙ୍କର ପରଲୋକ ହୋଇଥିଲା। ମୃତ୍ୟୁ ବେଳକୁ ପତ୍ନୀ ବାସୁମତି ପଣ୍ଡା, ଦୁଇପୁଅଙ୍କ ସମେତ ବଡ଼ଭାଇ ବବାଜୀ ପଣ୍ଡା, ସାନଭାଇ ମନୋରଂଜନ ପଣ୍ଡା ଓ ଭଗବାନ ପଣ୍ଡା ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ପୂର୍ବତନ ବିଧାୟକ ଗୋବିନ୍ଦ ଦାସ ଓ ସୁଦର୍ଶନ ଜେନା, ସାରଗାଁ ସରପଞ୍ଚ ସାବିତ୍ରୀ ଶତପଥୀ ଓ ସମିତି ସଭ୍ୟ ସୂର୍ଯ୍ୟକାନ୍ତ ମିଶ୍ର, କୁରୁଡ଼ା ସରପଞ୍ଚ ତାପସ ପାଣିଗ୍ରାହୀ, ରଣସାହି ସରପଞ୍ଚ ସୂର୍ଯ୍ୟକାନ୍ତ ବେହେରା, ଶାସଙ୍ଗ ସରପଞ୍ଚ ପ୍ରଫୁଲ ଦ୍ୱିବେଦୀ, ସାରଗାଁର ପୂର୍ବତନ ସରପଞ୍ଚ ନରେନ୍ଦ୍ର ଦାସ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଡାକ୍ତରଖାନା ଓ ସାରଗାଁ ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ପେନ୍‌ସନ୍ ଦାବିକଲେ ଅବସରପ୍ରାପ୍ତ ୱାର୍କଚାର୍ଜଡ୍ କର୍ମଚାରୀ

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ୱାର୍କଚାର୍ଜଡ୍ କର୍ମଚାରୀ ଓ ୱାର୍କଚାର୍ଜଡ୍‌ରୁ ନିୟମିତ ନିଯୁକ୍ତି ପାଇ ଅବସର ଗ୍ରହଣ କରିଥିବା କର୍ମଚାରୀମାନେ ପେନ୍‌ସନ୍, ଅବସରକାଳୀନ ଭତା, ଗ୍ରାଚ୍ୟୁଇଟି, କମ୍ୟୁଟେସନ୍ ଓ ଲିଭ ସାଲାରୀ ଆଦି ଦାବିରେ ସରକାରୀ ବୃତ ଓଭର କର୍ମଚାରୀ ସେବାନିବୃତ ପରିଷଦ ସର୍ବୋଚ୍ଚ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ, ଓଡ଼ିଶାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ଜଣାଇଛି । ଅବସରପ୍ରାପ୍ତ କର୍ମଚାରୀ ନେତା ଗିରିଶ ନନ୍ଦଙ୍କ ଆହ୍ୱାନକ୍ରମେ ଚାକିରୀରୁ ଅବସର ନେଇଥିବା ଶତାଧିକ କର୍ମଚାରୀ ସର୍ବୋଚ୍ଚ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସର୍ବୋଚ୍ଚ ଯନ୍ତ୍ରୀ ଦାବି ପତ୍ର ଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ କର୍ମଚାରୀ ନେତା ନରସିଂହ ଆଚାରୀ, ସୁଧାଂଶୁ ପତି ପ୍ରମୁଖ ଉପସ୍ଥିତ ଥିଲେ ।

## ରାହୁଲ ଗାନ୍ଧୀଙ୍କୁ ଧମକ ଦେଇଥିବା ସନ୍ଦିଗ୍ଧ ଅଭିଯୁକ୍ତ ନାଗଦାରୁ ଗିରଫ

ନାଗଦା,୨୪/୧୧ (ନି.ପ୍ର): ମଧ୍ୟପ୍ରଦେଶରେ ଭାରତ ଯୋଡ଼ୋ ଯାତ୍ରା ଭାବେ ଆସିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ବମ୍‌ରେ ଉଡ଼ାଇବାର ଧମି ଦେଇଥିବା ସନ୍ଦିଗ୍ଧ ଅଭିଯୁକ୍ତ ଗୁରୁବାର ଦିନ ଉଜ୍ଜୈନ ଜିଲ୍ଲାର ନାଗଦାରୁ ଗିରଫ କରିନିଆ ଯାଇଛି। ଥାନା ପ୍ରଭାରୀ ଶ୍ୟାମ ସୁନ୍ଦର ଶର୍ମାଙ୍କ କହିବା ଅନୁଯାୟୀ ସନ୍ଦିଗ୍ଧ ଅଭିଯୁକ୍ତଙ୍କ ନାମ ଦୟା ସିଂହ ପିତା ଭଗବାନ ସିଂହ ଅରୋଡ଼ା ଯିଏ ଉତ୍ତର ପ୍ରଦେଶର ରାୟବରେଲିର ବୋଲି ଜଣାପଡ଼ିଛି। ଏହି ମାମଲାରେ ଇନ୍ଦୋରରୁ କ୍ରାଇମବ୍ରାଂଚ ଚିହ୍ନଟ ପାଇଁ ନାଗଦା ପହଂଚିଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ପାଇଁ କ୍ରାଇମବ୍ରାଂଚ ନାଗଦା ପୋଲିସ୍‌କୁ ଏକ ଫଟୋ ପଠାଇଥିଲେ, ଯାହାର ଆଧାରରେ ନାଗଦା ପୋଲିସ୍ ଦୋପହର ୨ଟାରେ ଏହି ବ୍ୟକ୍ତିଙ୍କୁ ଧରିଥିଲେ। ଏହା ଗୋଟିଏ ହୋଟେଲରେ ଖାଦ୍ୟ ଖାଉଥିଲେ। ଏହି ଅବସରରେ ପୋଲିସ ଏହି ଗିରଫ କରିଛି।

## ୩ ଦିନ ଅନ୍ତରରେ ୨ଥର ଜବତ୍ ହେଲା ବ୍ରାଉନସୁଗାର



ନୀଳଗିରି, ୨୪/୧୧ (ନି.ପ୍ର): ଉତର ଓଡ଼ିଶାର ଜଳେଶ୍ୱର ଏବଂ ବାଲେଶ୍ୱର ପଶ୍ଚିମବଙ୍ଗ ଅଂଚଳକୁ ଲାଗି ରହିଥିବାରୁ ବାହାର ରାଜ୍ୟର ବହୁ ଅସାଧୁ ଜହର ବ୍ୟବସାୟୀଙ୍କୁ ସୁବିଧାରେ ଚୋରା ଚାଲାଣ ମାଧ୍ୟମରେ ଓଡ଼ିଶାରେ ବେପାର କରିବା ପାଇଁ ସହଜ ହେଉଥିଲା । ଏବେ ନୀଳଗିରିକୁ ନିଜର ଚୋରା ବ୍ୟବସାୟକୁ ବିସ୍ତାର କରି ନିଜର ଚରାଭୂଇଁ କରିଛନ୍ତି ଧଳାଜହର ବ୍ୟବସାୟୀ । ୩ଦିନ ତଳେ ନୀଳଗିରି ଉପକଣ୍ଠ ଓଲଡଙ୍ଗ ଅଂଚଳର ଜଣେ ଜଣେ ମହିଳାଙ୍କ ନିକଟରୁ ୧୩୫ ଗ୍ରାମର ବ୍ରାଉନସୁଗାର ଅବକାରୀ ବିଭାଗ ଜବତ କରିଥିଲା। ୩ଦିନ ନ ପୁରୁଣୁ ସନ୍ତରାଗଡ଼ିଆ ବଜାରରେ ଥିବା ଏକ ସରକାରୀ ମଦ ଦୋକାନ ନିକଟସ୍ଥ ଏକ ଦୋକାରୁ ଯୋକଗଡ଼ିଆ ଗ୍ରାମର ପର୍ଶୁରାମ ପାଣିଗ୍ରାହୀ (୬୫) ନାମକ ଜଣେ ବୟସ୍କ ବ୍ୟକ୍ତିଙ୍କ ଠାରୁ ୨୪୨ ଗ୍ରାମର ବ୍ରାଉନ ସୁଗାର ଯାହାର ଆନୁମାନିକ ମୂଲ୍ୟ ୨୪ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ କହିଛି । ବାଲେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାର୍ଡ ଏବଂ ନୀଳଗିରି ଅବକାରୀ ବିଭାଗ କହିଛି । ବାଲେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାର୍ଡ ଏବଂ ନୀଳଗିରି ଅବକାରୀ ବିଭାଗ ଚଢ଼ଉ କରି ଏହି ଧଳା ଜହର ବେପାରୀଙ୍କୁ ଧରିବାରେ ସକ୍ଷମ ହୋଇଛି। ବାଲେଶ୍ୱର ମୋବାଇଲ ସ୍କ୍ୱାର୍ଡର ଇନ୍‌ସପେକ୍ଟର ଗାଲୁରାମ ସୋରେନଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା । ନୀଳଗିରି ଅବକାରୀ ବିଭାଗର ଓ.ଆଇ.ସି. ବିଶ୍ୱନାଥ ପରିଡ଼ା ଜୟମାଧବ ଦାସ ପଟ୍ଟନାୟକ ଏବଂ ତାଙ୍କ ଟିମ୍ ତାଙ୍କୁ ଗିରଫ କରି ବାଲେଶ୍ୱର ଜିଲ୍ଲା ସେସନସ କୋର୍ଟକୁ ଚାଲାଣ କରାଯାଇଥିବା ସୂଚନା ମିଳିଛି ।

## ଅର୍ଚ୍ଚନା ନାଗ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ବିରୋଧୀ

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ବିଧାନସଭାରେ ଅର୍ଚ୍ଚନା ନାଗ ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି ଉଭୟ ବିରୋଧୀ ଦଳ ବିଜେପି ଓ କଂଗ୍ରେସ। ଏହି ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ବିରୋଧୀ ଦଳ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଚାଲିଆସି ହୋହାଲ୍ଲା କରିଥିଲେ ।ଫଳରେ ବାଚସ୍ପତି ଗୃହକୁ ଆସନ୍ତାକାଲି ଯାଏଁ ମୁଲତବୀ ଘୋଷଣା କରିଥିଲେ । ବିଧାନସଭା ଶୀତକାଳୀନ ଅଧିବେଶନର ପ୍ରଥମ ଦିନର ଦ୍ୱିତୀୟାର୍ଦ୍ଧ ବୈଠକ ଆରମ୍ଭରୁ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ଅର୍ଚ୍ଚନା ନାଗ ପ୍ରସଙ୍ଗ ଉଠାଇଥିଲେ। ନରସିଂହ ମିଶ୍ର କହିଥିଲେ ଇଡି ତଦନ୍ତ ଠିକ୍ ଚାଲିଛି, ପୋଲିସ ଯାହାକୁ ଛାଡ଼ିଥିଲା ଇଡି ବାନ୍ଧିଛି। ଘଟଣାରେ ମୁଖ୍ୟମନ୍ତ୍ରୀ ନୀରବଦ୍ରଷ୍ଟା ସାଜିଛନ୍ତି । ତେଣୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ। ସେହିପରି ମୋହନ ମାଝୀ ବି ଅର୍ଚ୍ଚନା ପ୍ରସଙ୍ଗ ଉଠାଇ ମୁଖ୍ୟମନ୍ତ୍ରୀଙ୍କ ଉପରେ ବର୍ଷିଥିଲେ। ସେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ବାଚସ୍ପତି ରୁଲିଂ ଦେବାକୁ କହିଥିଲେ ।

## ଦାଦନଙ୍କ ଦୁଃଖ : ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି ଗୋଟିଏ ପରିବାରର ୪ ଜଣ ପିଲା



ଉଦଳା, ୨୪/୧୧ (ନି.ପ୍ର): ଘଟଣାଟି ନୂଆପଡ଼ା ଜିଲ୍ଲାର ଖଇରାନୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁମାଖାନପଡ଼ା କୁ ଲାଗିକରିଥିବା କଲୋନି ସାହି ଅଞ୍ଚଳର । ଏଠାରେ ବସବାସ କରୁଥିବା ଟିକିଲାଲ ବାଗ ଓ ତାଙ୍କର ସହଧର୍ମିଣୀ ବାସନ୍ତିଙ୍କର ୪ ଜଣ ସନ୍ତାନ ଆଦୌ ବିଦ୍ୟାଳୟ ମାଟିମାଡ଼ି ନାହାଁନ୍ତି ବୋଲି ମୟୂରଭଞ୍ଜର ଜନଜାଗୃତି ମଞ୍ଚର ସଦସ୍ୟ ରାମାୟ ମୁର୍ମୁ ଗଣମାଧ୍ୟମକୁ ଜଣାଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ପିତା ଓ ମାତା ଉଭୟେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଉଥିବା ଯୋଗୁଁ ପିଲାମାନେ ଅବହେଳିତ ହୋଇ ପାଠ ପଢ଼ୁ ନାହାଁନ୍ତି। ଘଟଣା ସମ୍ପର୍କରେ ଜାଣିବା ପାଇଁ ରାମାୟ ନୂଆପଡ଼ା ଜିଲ୍ଲାର ଏହି ଅଞ୍ଚଳକୁ ଗସ୍ତ କରି ସ୍ଥାନୀୟ ବାସିନ୍ଦାଙ୍କ ସହିତ ଆଲୋଚନା କରିଥିବାର ଜଣାଇଛନ୍ତି । ତେବେ ଏହି ପରିବାର ସହିତ ସେ ମିଶିବା ପାଇଁ ଚାହିଁଥିଲେ, କିନ୍ତୁ ସେ କେବଳ ଜ୍ୟେଷ୍ଠ କନ୍ୟା ରୁପାଲିଙ୍କୁ ଛାଡ଼ିଦେଲେ ଅନ୍ୟ ମାନଙ୍କର ସାକ୍ଷାତ ପାଇପାରିନଥିବାର କହିଥିଲେ । ରୁପାଲିର ବର୍ତ୍ତମାନ ବୟସ ୧୨ ବର୍ଷ ହୋଇଥିବା ବେଳେ ତାଙ୍କ ତଳକୁ ଭାଇ ରମେଶଙ୍କ ବୟସ ୧୦ ବର୍ଷ ଏବଂ ତା ତଳକୁ ୨ ଭଉଣୀ ଗାୟତ୍ରୀ ଓ ବର୍ଷାଙ୍କର ବୟସ ଯଥାକ୍ରମେ ୮ ବର୍ଷ ଓ ୬ ବର୍ଷ ଅଟେ । ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ଏହି ୪ ଜଣ ଭାଇ ଭଉଣୀଙ୍କୁ କିପରି ବିଦ୍ୟାଳୟକୁ ନିଆଯିବ ସେଥିପାଇଁ ନୂଆପଡ଼ା ଜିଲ୍ଲାର ପ୍ରଶାସନ ପଦକ୍ଷେପ ନେବାକୁ ରାମାୟ ଅନୁରୋଧ ଜଣାଇଛନ୍ତି । ପ୍ରକାଶ ଥାଉକି ସରକାର ଶିଶୁଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ଘୋଷଣା କରିଛନ୍ତି।

## ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡ଼ିଲା ବାଇକ, ୨ ଯୁବକ ଗୁରୁତର



ନୀଳଗିରି, ୨୪/୧୧ (ନି.ପ୍ର): ଦ୍ରୁତଗତିରେ ଏକ ବାଇକରେ ୨ ଜଣ ଯୁବକ କପ୍ତିପଦାରୁ ନୀଳଗିରି ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ୩୦ଫୁଟ ପୋଲ ତଳକୁ ଖସିପଡ଼ିଥିଲେ । ଫଳରେ ଗୁରୁତର ଅବସ୍ଥାରେ ତାଙ୍କୁ ବରହମପୁର ମେଡିକାଲକୁ ପଠାଇ ଦିଆଯାଇଥିଲା । ସୂଚନା ଅନୁଯାଇ ସଦରଥାନା ଅଧୀନ ସାରଗାଁ ଅଂଚଳର ୨ ଜଣ ଯୁବକ କପ୍ତିପଦା ଅଂଚଳରୁ ନୀଳଗିରି ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ବେଳ ଭାରସାମ୍ୟ ହରାଇ ଗୋହିରା ଛକ ନିକଟସ୍ଥ କମଳା ପୋଲ ତଳକୁ ଖସିପଡ଼ିଥିଲେ । ଘଟଣାସ୍ଥଳରେ ବରହମପୁର ପୋଲିସ ପହଂଚିଥିଲେ ମଧ୍ୟ ସ୍ଥାନୀୟ ଲୋକେ ଯୁବକ ଦ୍ୱୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍‌ସ ଯୋଗେ ବରହମପୁର ମେଡିକାଲକୁ ପଠାଇଥିଲେ । ଅବସ୍ଥା ଗୁରୁତର ହେବାରୁ ନୀଳଗିରି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଶୁଣିବାକୁ ମିଳିଛି ।

## ଓଡ଼ିଶାକୁ ମଦମୁକ୍ତ କରିବା ଦିଗରେ ଭଦ୍ରକ ସର୍ବୋଦୟ ମଣ୍ଡଳର ପଦକ୍ଷେପ



ଭଦ୍ରକ,୨୪/୧୧ (ନି.ପ୍ର): ଆମ ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ ଯୋଗୁଁ ରାସ୍ତାଘାଟ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ତଥା ମହିଳା ସଶକ୍ତିକରଣ କ୍ଷେତ୍ରରେ ବହୁବିଧ ଉନ୍ନତି ସତ୍ତ୍ୱେ ସରକାରୀ ମଦର ପ୍ରସାର ଓ ପ୍ରଚ୍ଛନ୍ନ ମଦ୍ୟପାନ ରୋକିବା ଦିଗରେ ଭଦ୍ରକ ସର୍ବୋଦୟ ମଣ୍ଡଳ ଦୃଢ ପଦକ୍ଷେପ ନେଇଛି । ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧି ସଂଗ୍ରାମର ଅନ୍ୟତମ ନାୟକ ମହାନ୍ ଗାନ୍ଧୀବାଦୀ ଓ ସର୍ବୋଦୟ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପବିତ୍ର ୧୨୧ତମ ଜୟନ୍ତୀ ଭଦ୍ରକ କଲ୍ୟାଣୀନଗର ସ୍ଥିତ ଡ. ଅନିଲ କୁମାର ଦାଶଙ୍କ ବାସଭବନରେ ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳର ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସଭାରେ ସର୍ବଭାରତୀୟ ସ୍ତରର ଉପସଭାପତି ସମାଜସେବୀ ଡ. ଆଦିତ୍ୟ ପଟ୍ଟନାୟକ ମୁଖ୍ୟ ଅତିଥି, ଡ. ବ୍ରଜମୋହନ ମିଶ୍ର ମୁଖ୍ୟବକ୍ତା, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଭୁଖ୍ୟ ଉପଦେଷ୍ଟା, ସର୍ବୋଦୟ ନେତା ଶାନ୍ତିଲତା ନାଗ, ସମ୍ମାନନୀୟ ବକ୍ତା ଡ. ଉମାକାନ୍ତ ନାୟକ, ଅଧ୍ୟାପକ ରବି ବେହୁରିଆ, ଅଧ୍ୟାପକ ନୀହାର ରଂଜନ କର, ପ୍ରାକ୍ତନ ଶିକ୍ଷକ କାର୍ତ୍ତିକ ସ୍ୱାଇଁ, ସମାଜସେବୀ ନାରାୟଣ ଚନ୍ଦ୍ର ପୋଥାଳ, ଶିକ୍ଷାବିତ୍ ଗୟାଧର ପଣ୍ଡା ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ନିଶା ନିବାରଣ କ୍ଷେତ୍ରରେ ତାଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

## ବାରିପଦା ଗେଷ୍ଟ ହାଉସରୁ ୫୧ କେଜି ଗଂଜେଇ ଜବତ : ଗଂଜେଇ ଚାଲାଣକାରୀ ବାପ-ପୁଅ ଗିରଫ



ବାରିପଦା, ୨୪/୧୧ (ନି.ପ୍ର): ବାରିପଦା ର ଏକ ଗେଷ୍ଟ ହାଉସରୁ ୫୧ କେ.ଜି ୮୦ ଗ୍ରାମର ଗଂଜେଇ ଜବତ କରିବା ସହ ଚୋରାଗଂଜେଇ ଚାଲାଣ କରୁଥିବା ଅଭିଯିଗରେ ବାପ ପୁଅ ଦୁଇଜଣଙ୍କୁ ବାରିପଦା ଟାଉନ ପୋଲିସଗିରଫ କରିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତମାନେ କୁଳିଅଣା ଥାନା ଅନ୍ତର୍ଗତ ଗାଙ୍ଗରାଜ ଗ୍ରାମର ଗିରିଶ ଚନ୍ଦ୍ର ମହାକୁଡ଼ (୫୪) ଏବଂ ଅବିନାଶ ମହାକୁଡ଼ (୨୯) ବୋଲି ଜଣାଯାଇଛି । ବାରିପଦା ଟାଉନ ଥାନା ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ ମଧ୍ୟ କରିଛି । ସୂଚନା ମୁତାବକ ବାରିପଦା ଗେଷ୍ଟ ହାଉସରେ ଗଂଜେଇ ରହିଥିବା ନେଇ ବାରିପଦା ଟାଉନ ଥାନା ଆଇଆଇସି ବିରେନ୍ଦ୍ର ସେନାପତିଙ୍କୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ଆଇଆଇସିଙ୍କ ତତ୍ତ୍ୱାବଧାନରେ ଏସଆଇ ଅଜିତ କୁମାର ସାହୁ ୨୨ ତାରିଖ ସକାଳ ୫ ଟାରେ ପୋଲିସ ଟିମ ସହ ଗେଷ୍ଟ ହାଉସରେ ଚଢାଉ କରିଥିଲେ । ରୁମ ନମ୍ବର ୨୧୦ରେ ବାପା-ପୁଅ ଦୁଇଜଣ ଚୋରା ଚାଲାଣକାରୀ ଓ ଅନ୍ୟ ଦୁଇଜଣ ମଧ୍ୟ ଉପସ୍ଥିତ ଥିଲେ । ତେବେ ପୋଲିସକୁ ଦେଖି ଓଡି ୦୨ବିଏସ/୧୩୮୭ ନମ୍ବର ବିଶିଷ୍ଟ କାରରେ ୨ ଜଣ କୌଶଳ କ୍ରମେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ତେବେ ଅଭିଯୁକ୍ତ ବାପା-ପୁଅଙ୍କୁ ଧରବାରେ ପୋଲିସ ସଫଳ ହୋଇଥିଲା । ଗିରିଶ ମହାକୁଡ଼ ଠାରୁ ଏକ ଧଳାରଙ୍ଗର ଜରିରେ ନଗଦ ୪୧ ହଜାର ୩୦୦ ଟଙ୍କା, ୪ ଟି ମୋବାଇଲ ଫୋନ ସହ ୨୫ କେଜି ୪୬୫ ଗ୍ରାମ ଗଂଜେଇ ଜବତ କରାଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତ ଅବିନାଶ ମହାକୁଡ଼ଙ୍କ ଠାରୁ ୨ଟି ମୋବାଇଲ ଫୋନ ସହ ୨୫ କେଜି ୬୧୫ ଗ୍ରାମର ଗଂଜେଇ ଜବତ କରାଯାଇଛି । ବାରିପଦା ଟାଉନ ଥାନାରେ କେସ ନଂ ୯୯୧ରେ ମାମଲା ରୁଜୁ କରାଯାଇ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଥିବାର ବାରିପଦା ଏସଡିପିଓ ପ୍ରକାଶ ଜେମ୍ସ ଟୋପ୍ପ ଏବଂ ବାରିପଦା ଟାଉନଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo